ODIA DAILY EDITION
03.08.2024
କଟକ, ଶନିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଅଗଷ୍ଟ-୦୩, ୨୦୨୪
ବର୍ଷ-୩୬, ସଂଖ୍ୟା-୨୯
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର

MATRUBHASA

35 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

ନିର୍ବାଚନୀ ବଣ୍ଡ

# ଏସ୍ଆଇଟି ତଦନ୍ତକୁ ସୁପ୍ରିମକୋର୍ଟଙ୍କ ନା’

**ନୂଆଦିଲ୍ଲୀ, ୨।୮:** ପ୍ରତ୍ୟାହୃତ ହୋଇ ସାରିଥିବା ନିର୍ବାଚନୀ ବଣ୍ଡ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ନିର୍ବାଚନୀ ବଣ୍ଡ ଜରିଆରେ ବିଭିନ୍ନ ରାଜନୀତିକ ଦଳ ପାଇଥିବା ଚାନ୍ଦାର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଏସ୍ଆଇଟି ଦ୍ୱାରା କରିବାକୁ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା। କିନ୍ତୁ ଏହାକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି।

ବିଭିନ୍ନ ରାଜନୀତିକ ଦଳ ଓ କର୍ପୋରେଟ ଡୋନର ବା ଚାନ୍ଦା ଦାତାଙ୍କ ମଧ୍ୟରେ ନିର୍ବାଚନୀ ବଣ୍ଡ ଜରିଆରେ ଅନୈତିକ ଡିଲ୍ ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ରାଜନୀତିକ ଦଳ ବିଶେଷ କରି କ୍ଷମତାରେ ଥିବା ଦଳଗୁଡ଼ିକ ବଡ଼ବଡ଼ ବ୍ୟବସାୟୀ ଓ ସଂସ୍ଥାମାନଙ୍କ ଠାରୁ ଚାନ୍ଦା ଦେଇ ସେମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଡିଓ୍ୱାଲା ଓ ଜଷ୍ଟିସ ମନୋଜ ମିଶ୍ରଙ୍କ ଖଣ୍ଡପୀଠ କହିଛନ୍ତି ଯେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏବେ ଠାରୁ ତଦନ୍ତ ନିର୍ଦ୍ଦେଶ ଦେବା ଅପରିପକ୍ୱ ଓ ଅନୁଚିତ ହେବ। ଆବେଦନକାରୀ ସାଧାରଣ ଆଇନ ବ୍ୟବସ୍ଥା ଅନୁଯାୟୀ ନିଜର ଅଭିଯୋଗ ଦାଖଲ କରିପାରିବେ।

ଯଦି ସେମାନଙ୍କ ଅଭିଯୋଗର ତଦନ୍ତ ନ ହେବ କିମ୍ବା ରିପୋର୍ଟ ଦାଖଲ କରା ନ ଯିବ, ତା’ହେଲେ ଆବେଦନକାରୀ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ଆସିପାରିବେ। ନ୍ୟାୟିକ ସମୀକ୍ଷାର ଆବଶ୍ୟକ ଥିବାରୁ କୋର୍ଟ ନିର୍ବାଚନୀ ବଣ୍ଡର ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ। କିନ୍ତୁ ଏହା ସହ ଜଡ଼ିତ ଅପରାଧିକ ଦିଗର ତଦନ୍ତ ଆଇନ ଅନୁସାରେ କରାଯାଇ ପାରିବ। ଅଭିଯୋଗର ତଦନ୍ତ ଯଦି ନ ହେବ, ତା’ହେଲେ କୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବେ। କେନ୍ଦ୍ର ସରକାର ୨୦୧୭ରେ ନିର୍ବାଚନ ବଣ୍ଡ ସ୍କିମ୍ ଘୋଷଣା କରିଥିଲେ। ଏହି ସ୍କିମ୍ ୨୯ ଜାନୁୟାରୀ ୨୦୧୮ରେ ଆଇନଗତ ଭାବରେ କାର୍ଯ୍ୟକାରୀ ହୋଇଥିଲେ। ଯଦି ଆମେ ସରଳ ଭାଷାରେ କହିବା, ତେବେ ରାଜନୀତିକ ଦଳମାନଙ୍କୁ ଅର୍ଥ ଦାନ କରିବାର ଏକ ମାଧ୍ୟମ ହେଉଛି ନିର୍ବାଚନୀ ବଣ୍ଡ। ଏହି ବଣ୍ଡକୁ ଭାରତର ଯେକୌଣସି ନାଗରିକ କିମ୍ବା କମ୍ପାନୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଲେକ୍ଟ ଶାଖାରୁ କିଣି ପାରିବେ ଏବଂ ନିଜ ପସନ୍ଦର କୌଣସି ରାଜନୈତିକ ଦଳକୁ ଦାନ କରିପାରିବେ। କିନ୍ତୁ ଏଥିରେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀର ନାମ ପ୍ରକାଶ କରାଯିବ ନାହିଁ, ଅର୍ଥାତ୍ ଏହା ଗୋପନ ରହିବ। ତେବେ ଏହାକୁ ଫେବୃଆରୀ ୧୫ରେ ସୁପ୍ରିମକୋର୍ଟ ଅସାମ୍ବିଧାନିକ କହିବା ସହ ତୁରନ୍ତ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

> ବିଭିନ୍ନ ରାଜନୀତିକ ଦଳ ଓ କର୍ପୋରେଟ ଡୋନର ବା ଚାନ୍ଦା ଦାତାଙ୍କ ମଧ୍ୟରେ ନିର୍ବାଚନୀ ବଣ୍ଡ ଜରିଆରେ ଅନୈତିକ ଡିଲ୍ ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଏସ୍ଆଇଟି ଦ୍ୱାରା କରିବାକୁ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା। କିନ୍ତୁ ଏହାକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି।




## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଆ-ପୁଅଙ୍କ ମୃତ୍ୟୁ

**ଜୟପୁର, ୨।୮:** କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକେର ଘଟିଛି ଏକ ଅଭାବନୀୟ ଘଟଣା। ବିଦ୍ୟୁତ ଆଘାତେର ମାଆ ପୁଅଙ୍କ ମୃତ୍ୟୁ ଘଟିଛି। ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଜୟନ୍ତୀଗିରି ଗ୍ରାମରେ। ସୂଚନା ମୁତାବକ, ଆଜି ସକାଳେ ଦୁର୍ଯ୍ୟୋଧନ ଅମନାତ୍ୟ ଶୌଚ ହୋଇ ନିଜ ଗାମୁଛାରେ ପୋଛି ହୋଇ ଗାମୁଛା ଶୁଖାଇ ସମୟେର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛଟପଟ ହେଉଥିବା ବେଳେ ତାଙ୍କ ମାଆ ରାମା ଅମନାତ୍ୟ ପୁଅକୁ ବିଦ୍ୟୁତ୍ ଆଘାତରୁ ରକ୍ଷାକରିବା ପାଇଁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛଟପଟ ହୋଇ ତେଳ ପଡି ଯାଇଥିଲେ। ଠିକ୍ ସେହି ସମୟେର ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଆଉ ତାଙ୍କ ଶାଶୁଙ୍କୁ ମଧ୍ୟ ବିଦ୍ୟୁତ୍ ଆଘାତ ଲାଗିଥିବା ସୂଚନା ମିଳିଛି। କିନ୍ତୁ ସୌଭାଗ୍ୟବଶତଃ ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଏବଂ ଶାଶୁ ଅଳ୍ପେକ ବର୍ତି ଯାଇଥିଲେ। ଦୁର୍ଯ୍ୟୋଧନ, ତାଙ୍କ ସ୍ତ୍ରୀ ଓ ମାଆଙ୍କୁ ଜୟପୁର ଜିଲ୍ଲା ମେଡ଼ିକାଲେର ଭର୍ତ୍ତି କରାଯାଇଥିଲା । ଡାକ୍ତର ମାଆ ପୁଅଙ୍କୁ ମୃତ ଘୋଷଣା କରିଥିଲେ । ଏଭଳି ଏକ ହୃଦୟ ବିଦାରକ ଘଟଣାକୁ ନେଇ ଜୟନ୍ତୀଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ଘଟଣାରେ ଦୁର୍ଯ୍ୟୋଧନଙ୍କ ଶାଶୁ ଗୁରୁତର ଆହତ ହୋଇଥିବା ବେଳେ ଜୟପୁର ଜିଲ୍ଲା ମେଡ଼ିକାଲେର ତାଙ୍କୁ ଭର୍ତ୍ତି କରାଯାଇଛି।

## ପାରାଦୀପର ନେହେରୁ ବଙ୍ଗଳା ମୁହାଣ ମୁହଁରେ ୭ ମତ୍ସ୍ୟଜୀବୀ ନିଖୋଜ

**ପାରାଦୀପ, ୨।୮:** ସ୍ଥାନୀୟ ନେହେରୁବଙ୍ଗଳା ମୁହାଣ ମୁହଁରେ ଶୁକ୍ରବାର ଅଘଟଣ ଘଟିଛି। ୭ ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଛନ୍ତି। ଉଦ୍ଧାରକାରୀ ଟିମ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଦ୍ଧାର ପାଇଁ ଉଦ୍ୟମ କରିଛନ୍ତି। ସୂଚନା ଅନୁସାରେ ଆଜି ସନ୍ଧ୍ୟାରେ ଶ୍ରୀକ୍ଷେତ୍ର-୩ ବୋଟ୍‌ଟି ମାଛ ଧରି ଫେରୁଥିବା ବେଳେ ଏହାର ଇଞ୍ଜିନରେ ହଠାତ ତ୍ରୁଟି ଦେଖା ଯାଇଥିଲା। ପାଖରେ ଥିବା ବୋଟ୍ ଗୋପାଳଜୀଉ ବୋଟ୍ ତାକୁ ଏକ ଦଉଡ଼ି ସାହାଯ୍ୟରେ ବାନ୍ଧି ଟାଣି ଆଣିଥିବା ବେଳେ ମୁହାଣ ମୁହଁରେ ହଠାତ ଦଉଡିଟି ଛିଡ଼ି ଯାଇଥିଲା। ବୋଟ୍‌ଟି ଦୂର ସମୁଦ୍ର ଭିତରକୁ ଭାସି ଯାଇଥିବା କୁହାଯାଉଛି। ବୋଟରେ ୭ ଜଣ ମତ୍ସଜୀବୀ ଥିବା ବେଳେ ଅନ୍ଧାର ହେଇଯାଇଥିବାରୁ ସେମାନଙ୍କର ଖୋଜ ଖବର ମିଳିନାହିଁ। ଉଦ୍ଧାର କାର୍ଯ୍ୟରେ ବାଧା ପ୍ରାପ୍ତ ହୋଇଛି।

| | |
|---|---|
| ସେନ୍‌ସେକ୍ସ | ୮୦,୯୮୧ |
| ନିଫ୍ଟି | ୨୪,୪୧୭ |
| ସୁନା/୧୦ଗ୍ରା | ୭୨,୮୬୦ |
| ରୂପା/କିଗ୍ରା | ୮୭,୨୦୦ |
| ଡଲାର | ୮୩.୭୮ |

### ପାଣିପାଗ

| | |
|---|---|
| ସର୍ବାଧିକ | |
| ଭୁବନେଶ୍ୱର: | ୩୧.୦° |
| କଟକ: | ୩୦.୬° |
| ସର୍ବନିମ୍ନ | |
| ଭୁବନେଶ୍ୱର: | ୨୫.୫° |
| କଟକ: | ୨୩.୮° |

### ହାଲ୍‌ଚାଲ୍



ପାଣିପାଗ ବିଭାଗର ଆକଳନ
ଦୁଇ ମାସ ଭଲ ବରଷିବ
ସୃଷ୍ଟି ହୋଇଲା ଲଘୁଚାପ କ୍ଷେତ୍ର
ପଶ୍ଚିମ ଓଡ଼ିଶାରେ ଢାଳିବ
ଗତମାସର ନିଅଣ୍ଟିଆ ବର୍ଷା
ଏଥର ଭରଣା ହୋଇବ ।

# ଭିଜିଲାନ୍ସ ଜାଲରେ କୁବେର ଅକ୍ଷୀକ୍ଷଣ ଯନ୍ତ୍ରୀ

- ଠୁଳ କରିଛନ୍ତି ଆଖି ଖୋସିଦେବା ପରି ସମ୍ପତ୍ତି
- ଓଡ଼ିଶା ଓ ପଶ୍ଚିମବଙ୍ଗରେ ଠାବ ହେଲା ୧୦୬ ପ୍ଲଟ୍
- ଘରୁ ମିଳିଲା ନଗଦ ୧୧ ଲକ୍ଷ ଟଙ୍କା ଓ ସୁନା ବିସ୍କୁଟ୍



**ଭୁବନେଶ୍ୱର/ବାଲେଶ୍ୱର, ୨।୮:** ସରକାରୀ ଚାକିରି କରି ବାବୁ ପାଲଟି ଯାଇଛନ୍ତି କୁବେର। ଠୁଳ କରିଛନ୍ତି ଆଖି ଖୋସିଦେବା ପରି ସମ୍ପତ୍ତି। ଓଡ଼ିଶା ସମେତ ପଶ୍ଚିମବଙ୍ଗରେ ତାଙ୍କର ରହିଛି ୧୦୬ ଟି ପ୍ଲଟ୍। କେବଳ ପ୍ଲଟ ନୁହେଁ, ଏକାଧିକ ଫ୍ଲାଟ ଓ ଘର ବି କରିଛନ୍ତି ବାବୁ। ସକାଳୁ ସକାଳୁ ହୋଇଥିବା ଚଢ଼ାଉରେ ବାବୁଙ୍କ ଏପରି ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ତାଜୁବ। ଏସବୁ ଅମାପ ସମ୍ପତ୍ତିର ମାଲିକ ହେଉଛନ୍ତି ବାଲେଶ୍ୱର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ପ୍ରଧାନ।

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭୋର ପ୍ରାୟ ୫ଟା ସମୟରେ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ପ୍ରଧାନ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଭଦ୍ରକ ବାଲେଶ୍ୱର ଓ ମୟୂରଭଞ୍ଜ ଭିଜିଲାନ୍ସର ୮ ଜଣିଆ ଟିମ୍ ପ୍ରଭାସଙ୍କ ବାଲେଶ୍ୱରରେ ଥିବା ଘର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି ।

ଚଢ଼ାଉ ବେଳେ ପ୍ରଭାସଙ୍କର ଜଳେଶ୍ୱରରେ ଥିବା ୫ ମହଲା ଘର ଓ ଜଳେଶ୍ୱରର ଲୋକନାଥପୁରରେ ଥିବା ୧୭ ଏକର ଜାଗାରେ ଫାର୍ମ ହାଉସ ଥିବା ଜଣାପଡ଼ିଛି। ଏଥିସହ ଓଡ଼ିଶାରେ ଅଧିକ୍ଷଣ ଯନ୍ତ୍ରୀଙ୍କର ୮୮ଟି ପ୍ଲଟ ଠାବ ହୋଇଥିବା ବେଳେ ପଶ୍ଚିମବଙ୍ଗରେ ରହିଛି ୧୮ଟି ପ୍ଲଟ୍। ଚଢ଼ାଉ ବେଳେ ପ୍ରଭାସଙ୍କ ଘରୁ ନଗଦ ୧୦ରୁ ୧୫ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଜବତ କରିଛନ୍ତି ଭିଜିଲାନ୍ସ ଅଧିକାରୀ। ଚଢ଼ାଉ ଜାରି ରହିଥିବା ବେଳେ ବାବୁଙ୍କର ସମସ୍ତ ସମ୍ପତିର ଆକଳନ କରାଯାଇପାରି ନାହିଁ। ଏଥିସହ ଭିଜିଲାନ୍ସ ଟିମ୍ ବାଲେଶ୍ୱରର କିଛି ଠିକାଦାରଙ୍କ ଘରେ ଚଢ଼ାଉ କରିଥିବା ସୂଚନା ରହିଛି।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଜଳସେଚନ ବିଭାଗରେ ଦୀର୍ଘ ଦିନ ଧରି କାମ କରି ଆସୁଛନ୍ତି ପ୍ରଭାସ।ପ୍ରଭାସ ୨୦୦୭ ପର୍ଯ୍ୟନ୍ତ ବାଲେଶ୍ୱର ଜଳସେଚନ ବିଭାଗର ଏସଡିଓ ଥିଲେ। ପରେ ପ୍ରମୋଶନ ପାଇ ଜଳ ସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ହୋଇପାରିଥିଲେ। ୨୦୨୦-୨୧ ମସିହାରୁ ବାଲେଶ୍ୱର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭାବେ ତାଙ୍କୁ ଦାୟିତ୍ୱ ମିଳିଥିଲା ।

> ୨ ଦିନ ପୂର୍ବରୁ ହୋଇଥିଲା ପଦୋନ୍ନତି

■ ଅନ୍‌ଲାଇନ ଟ୍ରେଡିଙ୍ଗରେ ହେଲା କ୍ଷତି

## କାଠଯୋଡି ନଦୀକୁ ଡେଇଁ ପଡ଼ିଲେ ଯୁବକ



**କଟକ, ୨।୮:** ଅନ୍ ଲାଇନ ଟ୍ରେଡିଙ୍ଗରେ କ୍ଷତି ସହିବା ଯୋଗୁ ଜଣେ ଯୁବକ କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ତୁଷାର ଭଟ୍ଟ। ତାଙ୍କ ଘର ଗୁଜରାଟରେ। ତୁଷାର ଭୁବନେଶ୍ୱରରେ ରହୁଥିଲେ। ସୂଚନା ଅନୁଯାୟୀ, ଗତ ବୁଧବାର ଦିନ ୨ଟା ସମୟରେ କୌଣସି କାମରେ କାର୍ ନେଇ ଘରୁ ବାହାରିଥିଲେ ତୁଷାର। ତା’ପରଠୁ ସେ ଘରକୁ ଫେରି ନଥିଲେ।

ତୁଷାରଙ୍କ କାର୍ ତ୍ରିଶୁଳିଆ ବ୍ରିଜ ଉପରେ ଦୀର୍ଘ ସମୟ ଧରି ଛିଡ଼ା ହୋଇଥିବା ଦେଖି ପୁଲିସକୁ ଖବର ଦେଇଥିଲେ ସ୍ଥାନୀୟ ଲୋକେ। ପାଖରେ ହଳେ ଚପଲ ବି ପଡ଼ି ରହିଥିଲା। ବାରଙ୍ଗ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହିତ ଘଟଣାର ତଦନ୍ତ କରୁଛି।

ଅନ୍ ଲାଇନ ଟ୍ରେଡିଙ୍ଗରେ କ୍ଷତି ସହିବା ପରେ ତୁଷାର ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତୁଷାର ନଦୀକୁ ଡେଇଁବା ପୂର୍ବରୁ ଘରକୁ ନିଜର ସେଲଫି ପଠାଇଥିବା ସୂଚନା ମିଳିଛି।

ଖବର ଲେଖାଯିବା ସୁଦ୍ଧା ତୁଷାରଙ୍କର କୌଣସି ପତ୍ତା ମିଳିନାହିଁ। ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଜାରି ରହିଛି। ସୂଚନାଯୋଗ୍ୟ, ଗତ ବୁଧବାର କଟକ ଓଡ଼ିଆ ବଜାର ଅଞ୍ଚଳର ମମତା ସାହୁ ବ୍ରିଜ୍ ଉପରେ ସ୍କୁଟି ଥୋଇ କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିଲେ। ହେଲେ ଏପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ।

# ସ୍ପେଶ୍ ଷ୍ଟେସନ ଯିବେ ଶୁଭାଂଶୁ ଶୁକ୍ଲା



**ନୂଆଦିଲ୍ଲୀ, ୨।୮:** ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଭାରତୀୟ ବାୟୁସେନାର ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଲାଙ୍କୁ ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନ (ଆଇଏସଏସ)କୁ ପଠାଇବ। ଭାରତ ଓ ଆମେରିକା ସ୍ପେଶ ମିଶନ ଅଧୀନରେ ନାସା ପକ୍ଷରୁ କ୍ୟାପଟେନ ଶୁକ୍ଲାଙ୍କୁ ଚୟନ କରାଯାଇଥିବା ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି।

ଇସ୍ରୋର ମାନବ ମହାକାଶ ବିମାନ କେନ୍ଦ୍ର (ଏଚଏସ୍ଏଫସି) ଆମେରିକା ଭିତ୍ତିକ ଆକ୍ସିମୋ ସ୍ପେଶ ସହିତ ମହାକାଶ ବିମାନ ଚୁକ୍ତି (ଏସଏଫଏ) କରିଛି। ଆଇଏସଏସକୁ ଆଗାମୀ ଆକ୍ସିମୋ-୪ ମିଶନ ପାଇଁ ଏପରି ଚୁକ୍ତି କରାଯାଇଛି। ଏହି ମିଶନରେ ଦୁଇ ଜଣ ଭାରତୀୟ ଜଣେ ପ୍ରାଇମ ଓ ଜଣେ ବ୍ୟାକଅପ ପାଇଲଟ ରହିବେ। ଇସ୍ରୋର ସୂଚନା ଅନୁଯାୟୀ, ମିଶନରେ ଗ୍ରୁପ କ୍ୟାପ୍ଟେନ ଶୁକ୍ଲା ପ୍ରାଇମ ମିଶନ ପାଇଲଟ ରହିବେ। ସେହିପରି ଭାରତୀୟ ବାୟୁସେନାର ଗ୍ରୁପ କ୍ୟାପ୍ଟେନ ପ୍ରଶାନ୍ତ ବାଲକ୍ରିଷ୍ଣନ ନାଏର ବ୍ୟାକଅପ ମିଶନ ପାଇଲଟ ଭାବେ କାମ କରିବେ। ଦୁଇ ଅଧିକାରୀଙ୍କ ଟ୍ରେନିଂ ଯାହା ଗଗନଯାତ୍ରୀ ନାମରେ ପରିଚିତ ଅଗଷ୍ଟ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଯିବ।

ମିଶନ ସମୟରେ ଅଧିକାରୀମାନେ ଆଇଏସଏସରେ ନିର୍ଦ୍ଦିଷ୍ଟ ବିଜ୍ଞାନଭିତ୍ତିକ ଗବେଷଣା ଓ ଟେକ୍ନୋଲୋଜିର ପରୀକ୍ଷାନୀରିକ୍ଷା ଉପରେ କାମ କରିବେ। ଏଥିସହ ମହାକାଶର ବିଭିନ୍ନ କାର୍ଯ୍ୟକ୍ରମକୁ ମଧ୍ୟ ତଦାରଖ କରିବେ। ଆକ୍ସିମୋ -୪ ମିଶନରେ ଆମେରିକାର ପେଗୀ ହ୍ୱିଟସନ (କମାଣ୍ଡର), ଭାରତର ଗ୍ରୁପ କ୍ୟାପ୍ଟେନ ଶୁକ୍ଲା (ପାଇଲଟ), ପୋଲାଣ୍ଡର ସା ଆଓ୍ୱସଜ ଉଜନାସିକ (ମିଶନ ସ୍ପେଶାଲିଷ୍ଟ) ଓ ହଙ୍ଗେରୀର ତିବୋର କାପୁ (ମିଶନ ସ୍ପେଶାଲିଷ୍ଟ) ରହିଛନ୍ତି। ଗତ ବର୍ଷ ଏୟାରଫୋର୍ସର ୪ ଜଣ ପାଇଲଟଙ୍କୁ ଚୟନ କରାଯାଇଥିଲା। ଏହାପରେ ବେଙ୍ଗାଲୁରୁରେ ଥିବା ଇସ୍ରୋର ମହାକାଶଚାରୀ ତାଲିମ୍ କେନ୍ଦ୍ର ଗଗନଯାନ ମିଶନ ପାଇଁ ଟ୍ରେନିଂ ଦିଆଯାଇଥିଲା।

> ଭାରତ ଓ ଆମେରିକା ସ୍ପେଶ ମିଶନ ଅଧୀନରେ ନାସା ପକ୍ଷରୁ ଚୟନ କରାଗଲା

# ବିଜେଡି ବସା ଖାଲି ହୋଇଯିବ: ଢାଲି

**ଭୁବନେଶ୍ୱର, ୨।୮:** ‘‘ବିଜେଡିର ବସା ଖାଲି ହୋଇଯିବ। ଭବିଷ୍ୟତରେ ବିଜେଡି ରହିବନି, ଚାହିଁଲେ ବି ରଖିପାରିବେନି। ଦଳରେ ଥିବା ନେତାଙ୍କ ମଧ୍ୟରେ ଯୁଦ୍ଧ ଚାଲିବ, ଦଳ ଖଣ୍ଡବିଖଣ୍ଡ ହୋଇଯିବ।’’ ରାଜ୍ୟସଭା ଓ ବିଜେଡିରୁ ଇସ୍ତଫା ଦେଇଥିବା ମମତା ମହାନ୍ତ ବିଜେପିରେ ମିଶିବା ପରେ ଏପରି ଢଙ୍ଗରେ ବିଜେଡିକୁ କଟାକ୍ଷ କରି କହିଛନ୍ତି ବିଜେପି ନେତା ଅରବିନ୍ଦ ଢାଲି।

ସେ କହିଛନ୍ତି, ଦଳରେ ସମସ୍ତେ ଅସନ୍ତୁଷ୍ଟ ଅଛନ୍ତି। ଦଳ ଭିତରେ କାହାର ସ୍ୱାଧୀନତା ନାହିଁ। ମୁଁ ବିଜେଡିରେ ଥିବା ବେଳେ କୋଣଠେସା ହୋଇ ରହିଥିଲି। ସେହି ସମୟରେ ମୋତେ ଅଣ ନିଃଶ୍ୱାସୀ ଲାଗୁଥିଲା। ସେହି ସମୟରେ ବିଜେଡି ସୁପ୍ରିମୋଙ୍କୁ ଭେଟିବା ସମ୍ଭବ ପର ହେଉନଥିଲା। ପାଣ୍ଡିଆନଙ୍କ ନିର୍ଦ୍ଦେଶ ହେଲେ ସୁପ୍ରିମୋଙ୍କୁ ଭେଟିବା ସମ୍ଭବ ହେଉଥିଲା। ବିଜେଡିର ପାଣ୍ଡିଆନ ସର୍ବେସର୍ବା ଥିଲେ। ଏବେ କିନ୍ତୁ ଆମ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାରେ କୌଣସି ପ୍ରତିବନ୍ଧକ ନାହିଁ।

ଢାଲି କହିଛନ୍ତି, ୨୫ ବର୍ଷ ଶାସନରେ ବିଜେଡି ଯାହା କରି ପାରି ନଥିଲା, ତାକୁ ଆଜି କରି ଦେଖାଉଛନ୍ତି ମୋହନ ସରକାର। ବିଜେପିରେ ଏଜେଣ୍ଡା ଅନୁସାରେ କାମ କରାଯାଉଛି। ମୁଖ୍ୟମନ୍ତ୍ରୀ ଯାହା ଯାହା ପ୍ରତିଶ୍ରୁତି ଦେଇଥିଲେ, ରାତିଦିନ ପରିଶ୍ରମ କରି ସେହି କାମ କରୁଛନ୍ତି। ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ୫ ବର୍ଷ ଭିତରେ ମୋହନ ସରକାର ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବ ବୋଲି ଢାଲି କହିଛନ୍ତି। ଜାତୀୟ ଦଳ ବିଲୟ ହୁଏନି। ଆଞ୍ଚଳିକ ଦଳର ବିଲୟ ହୁଏ। ଆଞ୍ଚଳିକ ଦଳ ଯିଏ ଗଢ଼ିଥାଏ, ସେ ଥିଲା ପର୍ଯ୍ୟନ୍ତ ଦଳ ଚାଲିଥାଏ। ସେ ଅସୁସ୍ଥ ହେଲେ ବା ଆଉ କ’ଣ ହେଲେ ଦଳ ରହେନାହିଁ ବୋଲି ଢାଲି କହିଛନ୍ତି।

ଅନ୍ୟପକ୍ଷରେ ଢାଲିଙ୍କ ଏହି ନିଆଁରେ ଘିଅ ଢାଳିଛନ୍ତି ବରିଷ୍ଠ ବିଜେଡି ନେତା ଅମର ଶତପଥୀ। ସେ କହିଛନ୍ତି, ଆମୂଳ ଚୂଳ ସଂଗଠନକୁ ଠିକ୍ ନ କଲେ ଆଗକୁ ଅନେକ ଅଘଟଣ ଘଟିବାର ଆଶଙ୍କା ରହିଛି। ଆମ ସମସ୍ତଙ୍କର ଏ ଦିଗରେ ଅନୁଭବ ଅଛି। ସଂଗଠନ ଠିକ୍ କରିବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଛି, ଦେଖାଯାଉ ଆଗକୁ କ’ଣ ହେଉଛି। ତେବେ ବିଜେଡି ନେତା ଉମା ସାମନ୍ତରାୟ କହିଛନ୍ତି, ଆଜି ବି ଦଳ ଶକ୍ତିଶାଳୀ ଅଛି। ଢାଲିଙ୍କ ମନ୍ତବ୍ୟରେ ବିଜେଡିକୁ କିଛି ଫରକ ପଡ଼ିବନାହିଁ ।

> ମମତାଙ୍କ ବିଜେପିରେ ମିଶିବାକୁ ନେଇ କଟାକ୍ଷ କଲେ

> ନିଆଁରେ ଘିଅ ଢାଳିଲେ ଅମର




# ଗଢ଼ାହେଲା ବିଧାନସଭାର ୧୦ ବିଭାଗୀୟ ଷ୍ଟାଣ୍ଡିଂ କମିଟି

**ଭୁବନେଶ୍ୱର, ୨।୮:** ବିଭିନ୍ନ ବିଭାଗର କାର୍ଯ୍ୟକ୍ରମଗୁଡ଼ିକୁ ତର୍ଜମା କରି ରିପୋର୍ଟ ଦେବାକୁ ବିଧାନସଭାର ୧୦ଟି ବିଭାଗୀୟ ଷ୍ଟାଣ୍ଡିଂ କମିଟି ଗଢ଼ାଯାଇଛି । ସେଥିମଧ୍ୟରୁ ୭ଟି କମିଟିରେ ବିଜେପିର ବିଧାୟକମାନେ ଅଧ୍ୟକ୍ଷ ଥିବାବେଳେ ଦୁଇଟି କମିଟିରେ ବିଜେଡି ଓ ଗୋଟିଏ କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଅଧ୍ୟକ୍ଷ ଅଛନ୍ତି । ସେହିପରି ବିଜେପିର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ବିଭାଗୀୟ ଷ୍ଟାଣ୍ଡିଂ କମିଟି-୧ର ଅଧ୍ୟକ୍ଷ ଥିବା ବେଳେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ବିଭାଗୀୟ ଷ୍ଟାଣ୍ଡିଂ କମିଟି-୨ର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି ।

ବିଜେପିର ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂଙ୍କୁ ବିଭାଗୀୟ ଷ୍ଟାଣ୍ଡିଂ କମିଟି-୩ର ଅଧ୍ୟକ୍ଷ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ବିଭାଗୀୟ ଷ୍ଟାଣ୍ଡିଂ କମିଟି-୪ର ଅଧ୍ୟକ୍ଷ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କୁ ବିଭାଗୀୟ ଷ୍ଟାଣ୍ଡିଂ କମିଟି-୫ର ଅଧ୍ୟକ୍ଷ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀଙ୍କୁ ବିଭାଗୀୟ ଷ୍ଟାଣ୍ଡିଂ କମିଟି-୭ର ଅଧ୍ୟକ୍ଷ, ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ବିଭାଗୀୟ ଷ୍ଟାଣ୍ଡିଂ କମିଟି-୯ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି । ବିଜେଡିର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ବିଭାଗୀୟ ଷ୍ଟାଣ୍ଡିଂ କମିଟି-୮ର ଅଧ୍ୟକ୍ଷ ଓ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ବିଭାଗୀୟ ଷ୍ଟାଣ୍ଡିଂ କମିଟି୧୦ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି

# ଅଗଷ୍ଟ-ସେପ୍ଟେମ୍ବରରେ ଦେଶରେ ଭଲ ବର୍ଷିବ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୮:** ଗାଙ୍ଗେୟ ପଶ୍ଚିମବଙ୍ଗ ଓ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବାଂଲାଦେଶ ଉପରେ ରହିଛି ଘୂର୍ଣ୍ଣିବଳୟ । ୨୪ ଘଣ୍ଟା ଭିତରେ ଏହା ଲଘୁଚାପ ରୂପ ନେବ । ମାତ୍ର ଏହାର ପ୍ରଭାବ ଓଡ଼ିଶା ଉପରେ ଅଧିକ ଲମ୍ବା ସମୟ ରହିବନି ।

ଅନୁମାନ କରାଯାଉଛି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ଦେବଗଡ଼, ଭଦ୍ରକ, ଯାଜପୁର, ସମ୍ବଲପୁର, ବରଗଡ଼ର ଅଧିକାଂଶ ଅଞ୍ଚଳରେ ଶୁକ୍ରବାର ବର୍ଷା ସମ୍ଭାବନା ଅଛି । ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଜିଲ୍ଲାରେ ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ୩ରୁ ବର୍ଷା ପରିମାଣ କମିବ । ୪ ଓ ୫ରେ ଉତ୍ତର ଉପକୂଳର ଅନେକ ସ୍ଥାନ ସହ କିଛି ଜାଗାରେ ବର୍ଷା ହୋଇପାରେ ।

ଆସନ୍ତା ୨୪ ଘଣ୍ଟା ଭିତରେ ପ୍ରବଳ ବର୍ଷା ନେଇ ସତର୍କତା ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ କରାଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର । ଏପଟେ ଭାରତୀୟ ପାଣିପାଗ ବିଭାଗ ଅଗଷ୍ଟ ଓ ସେପ୍ଟେମ୍ବର ପାଇଁ ମୌସୁମୀ ବର୍ଷାର ପୂର୍ବାନୁମାନ ଜାରି କରିଛି । ଏଥିରେ ଦର୍ଶାଯାଇଛି, ସାରା ଦେଶରେ ଏହି ୨ ମାସରେ ଭଲ ବର୍ଷା ସମ୍ଭାବନା ଅଛି । ଦେଶରେ ସ୍ୱାଭାବିକ ଠାରୁ ଅଧିକ ପରିମାଣ ବର୍ଷା ହୋଇପାରେ ।

ସମ୍ଭାବ୍ୟ ଚିତ୍ର ଅନୁସାରେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଓଡ଼ିଶାରେ ବି ଭଲ ବର୍ଷା ହେବା ନେଇ ଅନୁମାନ କରାଯାଉଛି । ଚଳିତ ଅଗଷ୍ଟ ମାସରେ ରାଜ୍ୟରେ ଭଲ ବର୍ଷା ହୋଇପାରେ । ମାତ୍ର ଦକ୍ଷିଣ ଓଡ଼ିଶାରେ ବର୍ଷା ପରିମାଣ କମିପାରେ । ଦକ୍ଷିଣରେ ବର୍ଷା ନିଅଣ୍ଟିଆ ରହିବା ଆଶଙ୍କା ରହିଛି । ବିଶେଷ କରି କଳାହାଣ୍ଡି, ରାୟଗଡ଼ା ଓ ଗଜପତିରେ ବର୍ଷା ପରିମାଣ କମିବା ଅନୁମାନ କରାଯାଉଛି । ହେଲେ ରାଜ୍ୟର କେନ୍ଦ୍ରୀୟ, ଉତ୍ତର, ପଶ୍ଚିମ ଓ ଉପକୂଳରେ ଭଲ ବର୍ଷା ସମ୍ଭାବନା ଅଛି । ଉଭୟ ଅଗଷ୍ଟ ଓ ସେପ୍ଟେମ୍ବର ପୂର୍ବାନୁମାନ ଚିତ୍ର ଦେଖିଲେ ରାଜ୍ୟରେ ମୌସୁମୀ ଶେଷ ପର୍ଯ୍ୟନ୍ତ ଭଲ ବର୍ଷା ଦେବା ଅନୁମାନ କରାଯାଉଛି ।

ଜୁନ୍ ପହିଲାରୁ ଏଯାବତ୍ ରାଜ୍ୟରେ ବର୍ଷା ପରିମାଣ ସ୍ୱାଭାବିକ ରହିଛି । ତଥାପି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ସମ୍ବଲପୁର, ଦେବଗଡ଼,ମୟୂରଭଞ୍ଜ, ଯାଜପୁର, ପୁରୀରେ ବର୍ଷା ନିଅଣ୍ଟିଆ ଅଛି ।

> ୨ ଦିନ ପାଇଁ ପଶ୍ଚିମ ଓଡ଼ିଶାକୁ ଆଲର୍ଟ



CMYK

ମାତୃଭାଷା



# ହ୍ୱାଲୋ ବଲିଉଡ୍



## ବୟଫ୍ରେଣ୍ଡଙ୍କ ସହ ରାମ୍ପୱାକ୍ କଲେ ଖୁସି କପୁର

ବିଟାଉନ୍‌ର ଷ୍ଟାରକିଡ୍ସମାନଙ୍କ ମଧ୍ୟରେ ଜଣାଶୁଣା ଖୁସି କପୁର। ଆର୍ଚିଜ୍‌ରେ ତାଙ୍କ ଅଭିନୟ ପାଇଁ ଖୁବ୍ ପ୍ରଶଂସା କରାଯାଇଥିଲା । ନିକଟରେ ସେ ଏକ ଫାଶନ ଶୋରେ ନଜର ଆସିଥିଲେ। ଦିଲ୍ଲୀରେ ଜୁଲାଇ ୨୪ ପ୍ରସିଦ୍ଧ ଇଣ୍ଡିଆ କାଉଚର୍ ୱିକ୍ ୨୦୨୪ର ୬ ଦିନରେ, ଫିଲ୍ମ ସେଲିବ୍ରିଟିମାନେ ଗ୍ଲାମର ବିସ୍ତାର କରିଥିଲେ। ଏଥିରେ ଖୁସି କପୁର, ବେଦାଙ୍ଗ ରାଇନା ଏବଂ ଅଦିତି ରାଓ ହାଇଦରୀଙ୍କୁ ରାମ୍ପରେ ଦେଖିବାକୁ ମିଳିଥିଲା । ଏହି ରାମ୍ପରେ ଚର୍ଚ୍ଚାରେ ଥିଲେ ବି ଟାଉନର ଲଭବାର୍ଡ ଖୁସି କପୁର ଏବଂ ବେଦାଙ୍ଗ ରାଇନା। ସେମାନଙ୍କର ପ୍ରେମ ଆଲୋଚନା ଦୀର୍ଘ ଦିନ ଧରି ଗସିପ୍ ସର୍କଲରେ ଚାଲିଆସୁଛି । କିନ୍ତୁ ଦୁହେଁ ନିଜ ସମ୍ପର୍କକୁ କେବେ ଅଫିସିଆଲ୍ କରିନାହାଁନ୍ତି। ଯେତେବେଳେ ଦୁହେଁ ଶୋଷ୍ଟପର୍ ଭାବରେ ରାମ୍ପରେ ଚାଲିଲେ, ସେମାନଙ୍କ କେମେଷ୍ଟ୍ରି ସ୍ପଷ୍ଟ ଦେଖାଯାଉଥିଲା । କାରଣ ଦୁହେଁ ଡେବ୍ୟୁ ଫ୍ୟାଶନ ସୋ ସମୟରେ ପରସ୍ପର ଠାରୁ ଆଖି ହଟୁନଥିଲା। ଖୁସି ଧଳା ରଙ୍ଗର ଫିସକଟ୍ ଲେହେଙ୍ଗାରେ ବହୁତ ସୁନ୍ଦର ଦେଖା ଯାଉଥିବା ବେଳେ ବେଦାଙ୍ଗ କଳା ଶିମିରି ଡିଜାଇନର ଶେରୱାନି ଚମତ୍କାର ଦେଖାଯାଉଥିଲା। ଯେତେବେଳେ ଦୁହେଁ ଏକାଠି ହୋଇ ଚାଲିଲେ ପ୍ରଶଂସକମାନେ ଏହି ଦମ୍ପତିଙ୍କୁ ପ୍ରଶଂସା କରିବାରେ ଲାଗିଲେ। ଏହି ରାମ୍ପରେ ଚାଲିବା ବ୍ୟତୀତ ବେଦାଙ୍ଗ ଏବଂ ଖୁସି ଅନେକ ବ୍ରାଣ୍ଡ ପାଇଁ ଯୋଡି ହୋଇ ଯାଉଛନ୍ତି ।

# ଭୂସ୍ଖଳନର ୪ ଦିନ ପରେ ଜୀବନ୍ତ ଉଦ୍ଧାର ହେଲେ ୪ ଜଣ

**ୱାୟନାଡ:** ୱାୟନାଡ ଭୂସ୍ଖଳନର ଦୁଃଖଦ ପରିସ୍ଥିତି ମଧ୍ୟରେ ଏକ ଖୁସି ଖବର ସାମ୍ନାକୁ

**ଉଦ୍ଧାର ହୋଇଥିବା ଦୁଇ ଜଣ ମହିଳାଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଗୋଡ଼ରେ ଆଘାତ ଲାଗିଥିବା କୁହାଯାଉଛି । ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ଅନ୍ୟମାନେ ସୁସ୍ଥ ଅଛନ୍ତି ।**



ଆସିଛି । ଉଦ୍ଧାରକାରୀ ଟିମ୍ ୪ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣେ ମହିଳା ଥିବାବେଳେ ୨ ଜଣ ପୁରୁଷ ଅଛନ୍ତି। ସୂଚନା ଅନୁସାରେ, ଆଜି ଭାରତୀୟ ସେନା ୱାୟନାଡରେ ଉଦ୍ଧାର କରିବା ସମୟରେ କୁନୁରୁ ୪ ଜଣଙ୍କୁ ଜୀବନ୍ତ ଉଦ୍ଧାର କରିଛି। ହେଲିକପ୍ଟର ସାହାଯ୍ୟରେ ଅତି ସାବଧାନତାର ସହ ସେମାନଙ୍କୁ ଉଦ୍ଧାର କରାଯାଇଛି।

ଉଦ୍ଧାର ହୋଇଥିବା ଦୁଇ ଜଣ ମହିଳାଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଗୋଡ଼ରେ ଆଘାତ ଲାଗିଥିବା କୁହାଯାଉଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ଅନ୍ୟମାନେ ସୁସ୍ଥ ଅଛନ୍ତି। କୁଢ କୁଢ ଶବ ମଧ୍ୟରେ ଚାରି ଜଣ ଜୀବନ୍ତ ଉଦ୍ଧାର ହେବା ନିଶ୍ଚିତ ରୂପେ ଖୁସି ଖବର।

ସେପଟେ ୩୦୮ ଜଣଙ୍କ ମୃତଦେହ ଉଦ୍ଧାର ହେଲାଣି। ଏବେ ବି ମାଟି ତଳେ ଜୀବନ ଥିବା ଆଶାରେ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଅଛନ୍ତି ଉଦ୍ଧାରକାରୀ ଟିମ୍। ଭାରତୀୟ ସେନା, ଏନଡିଆର୍‌ଏଫ, କୋଷ୍ଟଗାର୍ଡ ଏବଂ ଭାରତୀୟ ନୌସେନା ମିଳିତ ଭାବେ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି।

ପ୍ରକାଶ ଥାଉକି, ଜୁଲାଇ ୨୯ ରାତିରେ ୱାୟନାଡର ପାହାଡିଆ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଏହା ପରେ ଭୂସ୍ଖଳନ ହେବାରୁ ପାଞ୍ଚଟି ଗାଁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ବିଧ୍ୱସ୍ତ ହୋଇ ଯାଇଛି। ଭୂସ୍ଖଳନ ସାଙ୍ଗକୁ ବନ୍ୟାରେ ଶତାଧିକ ଲୋକ ଭାସି ଯାଇଛନ୍ତି। ମୁଣ୍ଡାକ୍କାଇ ଏବଂ ଚୁରାଲମାଲାରେ ୩୦୦ରୁ ଅଧିକ ଘର ମାଟିରେ ମିଶି ଯାଇଥିବା କୁହାଯାଉଛି। ଏସବୁ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି ।

## ମଦ୍ୟପାନ କରି ଗାଡି ଚଲାଉଥିବା ଅଭିଯୋଗ, ଡ୍ରାଇଭର ଗିରଫ

**ଜୟପୁର:** ମଦ୍ୟପାନ କରି ଗାଡି ଚଲାଉଥିବା ଅଭିଯୋଗରେ ଡ୍ରାଇଭରକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜଗଦଲପୁରର ଡମ୍ବୁ ବାଘେଲ । ପୋଲିସ ସୂଚନା ଅନୁଯାଇ, ପୋଲିସ ଆମ୍ବାଗୁଡା ଶିତଳ ଭଣ୍ଡାର ନିକଟରେ ଗାଡି ଚେକିଂ କରୁଥିବା ବେଳେ ଡ୍ରାଇଭର ଜଣକ ମଦ୍ୟପାନ କରି ଗାଡି ଚାଲାଉ ଥିବା ଯାଂଚ୍ କରି ଜାଣିବାକୁ ପାଇଥିଲା । ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ପ୍ରବଳ ବର୍ଷା ମଧ୍ୟରେ ୩ଟି ଗାଡ଼ି ଉପରେ ଖସିଲା ହୋର୍ଡିଂ

**ଥାନେ:** ମହାରାଷ୍ଟ୍ରରେ ବର୍ଷା ଲାଗି ରହିଥିବା ବେଳେ ଏକ ଦୁର୍ଘଟଣା ଘଟିଯାଇଛି। ଥାନେ ଜିଲ୍ଲାରେ ଶୁକ୍ରବାର ସକାଳେ ଏକ ହୋର୍ଡିଂ ଭୁଶୁଡ଼ିବା ପରେ ତିନିଟି ଗାଡ଼ି ଦୁର୍ଘଟଣାର ଶିକାର ହୋଇଛନ୍ତି। ରାସ୍ତାରେ ଗାଡ଼ି

**୩ଟି ଗାଡ଼ି ଦୁର୍ଘଟଣାର ଶିକାର**

ଯିବାସିବା କରିବା ବେଳେ ହୋର୍ଡିଂଟି ଖସିପଡ଼ିଥିବା ଜଣେ ଅଧିକାରୀ କହିଛନ୍ତି। ତେବେ ଯେଉଁ ୩ଟି ଗାଡ଼ି ଦୁର୍ଘଟଣାର ଶିକାର ହୋଇଛି ସେଗୁଡ଼ିକ ସେଠାରେ ପାର୍କିଂରେ ଥିବା ବେଳେ ଏପରି ହୋଇଛି।



ଡୋମ୍ବିଭିଲି ଅଞ୍ଚଳର ବ୍ୟସ୍ତବହୁଳ ସାହାଜାନନ୍ଦ ଛକରେ ପ୍ରାୟ ୧୦.୩୦ ସମୟରେ ଘଟିଥିବା ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ କେହି ମୃତ କି ଆହତ ହେବାର ଖବର ନାହିଁ ବୋଲି ସେ କହିଛନ୍ତି।

କଲ୍ୟାଣ ତହସିଲଦାର ସଚିନ ଶେଜଲ କହିଛନ୍ତି ଯେ ତଳେ ରଖାଯାଇଥିବା ତିନୋଟି ଗାଡି ଉପରେ ହୋର୍ଡିଂ ଖସିପଡିଛି। ଘଟଣାସ୍ଥଳକୁ ଏକ ଟିମ୍ ପଠାଯାଇଛି ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି। ହୋର୍ଡିଂ ତଳେ କିଛି ଲୋକ ଫସି ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ଏବେ ସୁଦ୍ଧା ହୋର୍ଡିଂଟିର ପ୍ରକୃତ ଆକାର କେତେ ଜଣାପଡ଼ିନାହିଁ ।

## ପୋଷଣ ହସ୍ତକ୍ଷେପ ଉପରେ ୟୁନିସେଫ୍ କର୍ମଶାଳାରେ ରିସୋର୍ସ ପର୍ସନ ଭାବେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକ

**ଜୟପୁର:** ଦକ୍ଷିଣ ଓଡ଼ିଶା ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ୟୁନିସେଫ୍ ପକ୍ଷରୁ ଆୟୋଜିତ କର୍ମଶାଳାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଦୁଇ ଜଣ ବିଶିଷ୍ଟ ଅଧ୍ୟାପକ ପ୍ରମୁଖ ସମ୍ବଳ ବ୍ୟକ୍ତି ଭାବେ ଯୋଗ ଦେଇଥିଲେ। କୋରାପୁଟର ତଥାସ୍ତୁ ଅଡିଟୋରିୟମରେ ଅନୁଷ୍ଠିତ ଏହି କର୍ମଶାଳାରେ 'ଛୋଟ ପିଲାମାନଙ୍କ ମଧ୍ୟରେ ଗମ୍ଭୀର ଅପଚୟ ଏବଂ ଅଭିବୃଦ୍ଧି କୁ ରୋକିବା ପାଇଁ ପୋଷଣ ହସ୍ତକ୍ଷେପର ଗୁରୁତ୍ୱ' ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ୟୁନିସେଫ୍ ଓଡ଼ିଶାର ସୌରଭ ଭଟ୍ଟାଚାର୍ଯ୍ୟ, ଏସସିଏସଟିଆରଆଇ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏବି ଓତା, ଏଫ୍‌ଆଇଡିଆରର ଡ. ଚାରୁଦତ ପାଣିଗ୍ରାହୀ, ଏସିସିସି ୟୁନିସେଫ ଦିଲ୍ଲୀର ଲୋପାମୁଦ୍ରା ତ୍ରିପାଠୀ, ପ୍ରଖ୍ୟାତ ନାଟ୍ୟକାର ଡ. ନରେନ୍ଦ୍ର ମିଶ୍ର ଓ ସୋଭାର ସମ୍ପାଦକ ସଞ୍ଜିତ ପଟ୍ଟନାୟକ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ଉଦ୍ଘାଟନୀ ଅଧିବେଶନରେ କୋରାପୁଟର ଏଡିଏମ୍, ଜିଲ୍ଲା ପରିଷଦ କୋରାପୁଟର ଅଧ୍ୟକ୍ଷ ଓ କୋରାପୁଟର ଖାଦ୍ୟ ଅଧିକାରୀ ଯୋଗ ଦେଇଥିଲେ। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସୌରଭ ଗୁପ୍ତା ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଆଚରଣ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ ପରିବେଶ ଏବଂ ଭାଷାର ମହତ୍ୱ ଉପରେ ଆଲୋକପାତ କରିଥିଲେ । ସେହିପରି ସହକାରୀ ପ୍ରଫେସର ଡ. ପ୍ରଦୋଷ କୁମାର ରଥ 'ପୋଷଣ ଶିକ୍ଷା ପାଇଁ ପ୍ରଭାବଶାଳୀ ଯୋଗାଯୋଗ ରଣନୀତିରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ପ୍ୟାନେଲକୁ ସମ୍ବୋଧିତ କରି ବିକାଶମୂଳକ ଯୋଗାଯୋଗ କୁ ବୃଦ୍ଧି କରିବା ପାଇଁ ଗଣମାଧ୍ୟମର ଉପଯୋଗ ଉପରେ ମହତ୍ୱ ପୂର୍ଣ ଅଭିଭାଷଣ ରଖିଥିଲେ।

# ଖୁବ୍ ଶୀଘ୍ର ମୋ' ଘରେ ପଶିବ ଇଡି: ରାହୁଲ

**ନୂଆଦିଲ୍ଲୀ:** 'ଏକବିଂଶ ଶତାବ୍ଦୀରେ ଭାରତକୁ ଚକ୍ରବ୍ୟୁହରେ ଫସାଯାଇଛି। ବର୍ତ୍ତମାନ ଦେଶ ଭୟର ବାତାବରଣରେ ବଞ୍ଚିଛି। ଏହି ଭୟ ପ୍ରତି କୋଣକୁ ବ୍ୟାପି ଯାଇଛି।' ଗତ ୨୯ ତାରିଖରେ ଲୋକସଭାରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏପରି ମନ୍ତବ୍ୟ ଦେଇଥିବା ବେଳେ ଏହାକୁ ନେଇ ଆରମ୍ଭ ହୋଇଥିଲା ଝଡ଼ । ଏବେ ଏହି ବୟାନକୁ ନେଇ ବିଜେପି ତାଙ୍କୁ ଟାର୍ଗେଟ କରିବାକୁ ଯୋଜନା କରିଥିବା କହିଛନ୍ତି ରାହୁଲ।

ରାହୁଲ କହିଛନ୍ତି, ମୋର ଚକ୍ରବ୍ୟୁହ ଭାଷଣ ସେମାନଙ୍କୁ ପସନ୍ଦ ଆସିନି। ତେଣୁ ସେମାନେ ମୋ'ଠୁ ପ୍ରତିଶୋଧ ନେବାକୁ ଯୋଜନା କରୁଛନ୍ତି। ଇଡି ଦ୍ୱାରା ମୋ' ଘରେ ରେଡ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏକଥା ମୁଁ ନୁହେଁ, ଇଡିରେ କାର୍ଯ୍ୟରତ କିଛି ଖାସ ଲୋକ ମୋତେ ସୂଚନା ଦେଇଛନ୍ତି। ନିଜ ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସରେ ସୂଚନା ଦେଇ ସେ କହିଛନ୍ତି, କିଛି ବିଶ୍ୱସ୍ତ ଲୋକଙ୍କ ସୂତ୍ରରୁ

**ମୋର 'ଚକ୍ରବ୍ୟୁହ' ଭାଷଣ ବିଜେପିକୁ ପସନ୍ଦ ଆସିନ**

**ମୋ'ଠୁ ପ୍ରତିଶୋଧ ପାଇଁ ସେମାନେ ଯୋଜନା କରୁଛନ୍ତି**

ଜାଣିବାକୁ ପାଇଛି, ମୋ' ଘର ଉପରେ ରେଡ କରିବା ନିମନ୍ତେ ଇଡି ଯୋଜନା କରୁଛି। ମୁଁ ଇଡିକୁ ସାଗତ କରିବାକୁ ଅନାଇ ବସିଛି, ଚା' ଓ ବିସ୍କୁଟ ମୋ' ତରଫରୁ ନିହାତି ଭାବେ ଦେବି।

ଗତ ୨୯ ତାରିଖରେ ଲୋକସଭାରେ ରାହୁଲ ଗାନ୍ଧି ମହାଭାରତର ଚକ୍ରବ୍ୟୁହ ଉଦାହରଣ ଦେଇ କହିଥିଲେ, ଅଭିମନ୍ୟୁଙ୍କ ଭଳି ଭାରତକୁ ପଦ୍ମବ୍ୟୁହରେ ଫସା ଯାଇଛି ।



ବିଜେପି ପଦ୍ମବ୍ୟୁହ କରି ଭାରତକୁ ଫସାଇଛି, ଇଣ୍ଡିଆ ବ୍ଲକ୍ ଏହାକୁ ଭାଙ୍ଗିବ। ଇଣ୍ଡିଆ ମେଣ୍ଟ ଜାତିଗତ ଜନଗଣନା କରି ବିଜେପିର ପଦ୍ମବ୍ୟୁହକୁ ଭାଙ୍ଗିବ । କେନ୍ଦ୍ର ବଜେଟକୁ ମଧ୍ୟ ସମାଲୋଚନା କରି ରାହୁଲ ଗାନ୍ଧି କହିଥିଲେ, ବଜେଟରେ ଟିକସ ଟେରୋରିଜିମ ସମସ୍ୟାର ସମାଧାନ ହୋଇନାହିଁ । ଏହି ବଜେଟ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ହିତକର ନୁହେଁ ।

ସେ କହିଥିଲେ, 'ମୋର ଆଶା ଥିଲା ଏହି ବଜେଟ୍ 'ଚକ୍ରବ୍ୟୁହ'ର ଶକ୍ତି ଦୁର୍ବଳ କରିବ । ଦେଶର କୃଷକମାନଙ୍କୁ ସାହାଯ୍ୟ କରିବ, ଯୁବକମାନଙ୍କୁ ସାହାଯ୍ୟ କରିବ, ଶ୍ରମିକମାନଙ୍କୁ ଏବଂ କ୍ଷୁଦ୍ର ବ୍ୟବସାୟକୁ ସାହାଯ୍ୟ କରିବ। କିନ୍ତୁ ମୁଁ ଯାହା ଦେଖୁଛି, ଏହି ବଜେଟର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଏକଚାଟିଆ ବ୍ୟବସାୟ ଡାଞ୍ଚାକୁ ଦୃଢ କରିବା। ଏଥିସହ ସେ କହିଥିଲେ, ବିଜେପିରେ କେବଳ ଜଣେ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ହେବାର ସପ୍ନ ଦେଖିବାକୁ ଅନୁମତି ଦିଆଯାଇଛି। ଯଦି ପ୍ରତିରକ୍ଷା ମନ୍ତ୍ରୀ ପ୍ରଧାନମନ୍ତ୍ରୀ ହେବାକୁ ଇଚ୍ଛା କରିବେ, ତେବେ ବଡ଼ ସମସ୍ୟା ହୋଇଯିବ। ଏଥିପାଇଁ ସେ ମଧ୍ୟ ଭୟରେ ଅଛନ୍ତି। ଏହି ଭୟ ସାରା ଦେଶରେ ବ୍ୟାପିଛି ବୋଲି ରାହୁଲ ଗାନ୍ଧି କହିଛନ୍ତି। ଏହାପରେ ବିଜେପି ଆକ୍ରାମକ ହୋଇ ଯାଇଥିବା ବେଳେ ପ୍ରତିଶୋଧ ନେବାକୁ ତାଙ୍କୁ ଇଡି ଜାଲରେ ପକାଇ ହଇରାଣ କରିବାକୁ ଚେଷ୍ଟା କରୁଛି ବୋଲି କହିଛନ୍ତି ରାହୁଲ ଗାନ୍ଧି ।

## ଜାତିଗତ ପରିଚୟକୁ ନେଇ ଟ୍ରମ୍ପଙ୍କ ପ୍ରଶ୍ନର ଜବାବ ରଖିଲେ ହାରିସ୍



**ନୂଆଦିଲ୍ଲୀ:** ପାଖେଇ ଆସୁଛି ଆମେରିକାର ରାଷ୍ଟ୍ରପତି ନିର୍ବାଚନ । ଏନେଇ ଡେମୋକ୍ରାଟିକ ଓ ରିପବ୍ଲିକାନ ପାର୍ଟି ମଧ୍ୟରେ ଆରମ୍ଭ ହୋଇଗଲାଣି ବିବାଦ । ନିକଟରେ କମଳା ହାରିସଙ୍କ ଜାତିଗତ ପରିଚୟକୁ ନେଇ ରିପବ୍ଲିକାନ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ପ୍ରଶ୍ନ କରିଥିବା ବେଳେ ଏହାର ଜବାବ ରଖିଛନ୍ତି ଖୋଦ୍ ହାରିସ୍ । ସେ କହିଛନ୍ତି, ମୁଁ ଟ୍ରମ୍ପଙ୍କ ସ୍ୱଭାବ ଜାଣିଛି । ତାଙ୍କ ପରି ଅନେକ ଲୋକଙ୍କ ସହ ମୁଁ ଡିଲ କରିଛି । ତେଣୁ ତାଙ୍କ ସ୍ୱଭାବ କ'ଣ ତାହା ମୋତେ ଭଲ ଭାବେ ଜଣା । ଏଥିସହ ସେ କହିଛନ୍ତି, ଆପଣମାନେ ସମସ୍ତେ ।ଣିଛନ୍ତି ଉପରାଷ୍ଟ୍ରପତି ହେବା ପୂର୍ବରୁ ମୁଁ ସିନେଟର ଥିଲି। ତା'ପୂର୍ବରୁ ଆଟର୍ଣ୍ଣି ଜେନେରାଲ ଓ ତା'ପୂର୍ବରୁ ଡିଷ୍ଟ୍ରିକ୍ଟ ଆଟର୍ଣ୍ଣି ରହିଥିଲି। ତାହା ପୂର୍ବରୁ ମୁଁ କୋର୍ଟ ରୁମ୍ ପ୍ରସିକ୍ୟୁଟର ଭାବେ ମଧ୍ୟ କାମ କରି ସାରିଛି। ତେଣୁ ଏତେ ସବୁ ଦାୟିତ୍ୱ ତୁଲାଇବା ଭିତରେ ମୁଁ ବହୁ ପ୍ରକାର ଅପରାଧିଙ୍କ ସାମନା କରିଛି। ସେଥି ମଧ୍ୟରେ ଏପରି ଅପରାଧି ବି ଅଛନ୍ତି, ଯେଉଁମାନେ ମହିଳାଙ୍କ ଶୋଷଣ କରିଛନ୍ତି, ଲୋକଙ୍କୁ ଠକିଛନ୍ତି । ଏପରି ବହୁ ଲୋକ ଅଛନ୍ତି ଯେଉଁମାନେ ନିଜ ସୁବିଧା ପାଇଁ ନିୟମକୁ ଭାଙ୍ଗିବାକୁ ପଛାଉ ନାହାନ୍ତି।

## ନିଯୁକ୍ତି ଦେବା କ୍ଷେତ୍ରରେ ଆଗରେ ରହିଛି ବ୍ୟାଙ୍କିଙ୍ଗ ସେକ୍ଟର

**ନୂଆଦିଲ୍ଲୀ:** ନିଯୁକ୍ତି ଦେବା କ୍ଷେତ୍ରରେ ଭାରତର ବିଏଫ୍‌ଏସଆଇ(ବ୍ୟାଙ୍କିଙ୍ଗ୍ ର୍ ଫାଇନାନ୍ସିଆଲ ସର୍ଭିସ୍ ଆଣ୍ଡ ଇନ୍‌ସୁରାନ୍ସ) ଆଗରେ ରହିଛି। ଯେଉଁଥିରେ ବ୍ୟାଙ୍କିଙ୍ଗ ଉଦ୍ୟମ ଆଗରେ ରହିଛି। ଟିମଲିଜ୍ ସର୍ଭିସେସ୍‌ର ଏକ ନୂଆ ରିପୋର୍ଟରେ ଜଣାପଡ଼ିଛି ଯେ ଆର୍ଥିକ ବର୍ଷ ୨୦୨୫ର ପ୍ରଥମାର୍ଦ୍ଧରେ ବ୍ୟାଙ୍କିଙ୍ଗ୍‌ର ୭.୨୧ ପ୍ରତିଶତ ନିଯୁକ୍ତି ହୋଇଛି। ଏହା ପଛକୁ ଏନ୍‌ବିଏଫସି (ନନ୍ ବ୍ୟାଙ୍କିଙ୍ଗ ଫାଇନାନ୍ସିଆଲ କମ୍ପାନୀ)ରେ ସର୍ବାଧିକ ୫.୧୪ ପ୍ରତିଶତ ନିଯୁକ୍ତି ହୋଇଛି। ତେବେ ଇନସ୍ୟୁରାନ୍ସ କ୍ଷେତ୍ରରେ ୫.୨୫ ପ୍ରତିଶତ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ଆଗକୁ ମନ୍ଥର ଅଭିବୃଦ୍ଧି ହେବ ବୋଲି ଆକଳନ କରାଯାଇଛି। ତେବେ ଫିନଟେକ୍ କ୍ଷେତ୍ରରେ ନିଯୁକ୍ତି ୪.୮୯ ପ୍ରତିଶତ ରହିଛି। ତଥାପି ଏ ଦିଗରେ ନିଯୁକ୍ତି ସୃଷ୍ଟି କରିବାରେ ସକାରାତ୍ମକ ଧାରା ଜାରି ରହିଛି। ଗବେଷଣା ରିପୋର୍ଟ ଅନୁସାରେ ବ୍ୟାଙ୍କିଙ୍ଗ ସେକ୍ଟର ନିଯୁକ୍ତି ସୃଷ୍ଟି କରିବାରେ ପଦକ୍ଷେପ ନେଉଥିବା ବେଳେ ଫିନଟେକ୍ ଫାର୍ମ ନିଯୁକ୍ତି ଦେବା ବାଲାନ୍ସ ମେଣ୍ଟେନ କରୁଛି। କିଛି ଫିନଟେକ ୱାର୍କଫୋର୍ସ ବଢାଇବାକୁ ଚାହୁଁଥିବା ବେଳେ କିଛି ହ୍ରାସ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଏହି ସେକ୍ଟରରେ ନିଯୁକ୍ତି ବାଲାନ୍ସ ରହିଛି।



# ଦିଲ୍ଲୀ ସ୍କୁଲ୍‌କୁ ମିଳିଲା ବୋମା ଧମକ

## ୧୦ ମିନିଟ୍ ମଧ୍ୟରେ ଛାତ୍ରଛାତ୍ରୀଙ୍କୁ କରାଗଲା ସ୍ଥାନାନ୍ତର

**ନୂଆଦିଲ୍ଲୀ:** ଦିଲ୍ଲୀର ଗ୍ରୀଷ୍ମ ଫିଲ୍ଡସ୍ ସ୍କୁଲକୁ ଶୁକ୍ରବାର ଦିନ ଏକ ଇମେଲ୍ ମାଧ୍ୟମରେ ବୋମା ଧମକ ମିଳିବା ପରେ ସ୍କୁଲ୍‌କୁ ପୂରାପୂରି ଫାଙ୍କା କରି ଦିଆଯାଇଛି।

ଶୁକ୍ରବାର ରାତି ପ୍ରାୟ ୧୨.୩୦ ସମୟରେ ଏକ ମେଲ୍‌ରେ ଏହି ଧମକ

- **ଆସିଲା ଧମକପୂର୍ଣ୍ଣ ଇ-ମେଲ୍**
- **୧୦ ମିନିଟ୍‌ରେ ଖାଲି କରାଗଲା ସ୍କୁଲ**

ମିଳିଥିଲା। ତେବେ ଆଜି ସକାଳେ ସ୍କୁଲ ଖୋଲିବା ପରେ କର୍ତ୍ତୃପକ୍ଷ ଏହି ଇମେଲକୁ ଦେଖିବା ପରେ ପିଲାମାନଙ୍କୁ ତୁରନ୍ତ ସ୍କୁଲ୍ ପରିସରରୁ ପଳାଇବାକୁ କହିଥିଲେ।

ଏହି ବିଦ୍ୟାଳୟ ଦକ୍ଷିଣ ଦିଲ୍ଲୀର ପୋଶ ଗ୍ରେଟର କୈଳାସ ଅଞ୍ଚଳରେ ଅବସ୍ଥିତ। କର୍ତ୍ତୃପକ୍ଷ ମେଲ୍ ଦେଖିବା ପରେ ପୁଲିସ୍‌କୁ ସୂଚନା ଦେବା ସହ ସ୍କୁଲ ପରିସରରୁ ସମସ୍ତଙ୍କୁ ବାହାରକୁ ଯିବାକୁ କହିଥିଲେ।



ମାମଲାର ତଦନ୍ତ ଚାଲିଥିବା ବେଳେ ପୁଲିସ ଏହା ଏକ ମିଥ୍ୟା ଧମକ ବୋଲି ସନ୍ଦେହ କରୁଛି । ଏହି ଘଟଣାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଇମେଲ ଉପରେ ମନ୍ତବ୍ୟ ଦେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଲିନୀ ଅଗ୍ରୱାଲ କହିଛନ୍ତି ଯେ ଅଧିକାରୀମାନେ ଇମେଲ ଦେଖିବା ପରେ ୧୦ ମିନିଟ ମଧ୍ୟରେ ଛାତ୍ରମାନଙ୍କୁ ସ୍ଥାନାନ୍ତର କରାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବୋମା ସ୍କ୍ୱାଡ୍ ଦ୍ୱାରା ସ୍କୁଲ ପରିସର ଯାଞ୍ଚ କରାଯାଉଛି।

"ଆମେ ବିଳମ୍ବିତ ରାତିରେ ଏକ ଇମେଲ୍ ପାଇଲୁ ଯାହା ଆଜି ସକାଳେ ଯାଞ୍ଚ କରାଯାଇଥିଲା। ଏସ୍‌ଓପି ଅନୁଯାୟୀ, ଆମେ ଇମେଲ୍ ଗ୍ରହଣ କରିବାର ୧୦ ମିନିଟ୍ ମଧ୍ୟରେ ଛାତ୍ରମାନଙ୍କୁ ସ୍ଥାନାନ୍ତର କରିଛୁ। ପୁଲିସ ଏବଂ ଜିଲ୍ଲା ପ୍ରଶାସନକୁ ଏନେଇ ଜଣାଇଥିଲୁ ଏବଂ ପୁଲିସକୁ ଆମେ ଧନ୍ୟବାଦ ଦେଉଛୁ ସେମାନେ ତୁରନ୍ତ ଆସି ଆମକୁ ଆଶ୍ଚର୍ଯ୍ୟ କରି ଦେଇଥିଲେ'' ବୋଲି ପ୍ରିନ୍ସିପାଲ୍ କହିଛନ୍ତି ।

## ରାଶିଫଳ

**ମେଷ:** ଘାତଚନ୍ଦ୍ର ଏବଂ ଅତିଗଣ୍ଡ ଯୋଗୁ ମନରେ ଅସ୍ଥିରତା, ପରିବାରେ ମତାନ୍ତର, ସ୍ୱଜନରେ କଳହ ଏବଂ ନିଜର ଲୋକମାନେ ଶତ୍ରୁତା ଆଚରଣ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ।

**ବୃଷ:** ଅପବ୍ୟୟ, ଅପବାଦ ଓ ଅପଯଶମୁକ୍ତ ହେବେ ଏବଂ ମନରୁ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ଅପସରିଯିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅପେକ୍ଷା ବ୍ୟୟ ବହୁତ କମ୍ ରହିବ ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆସିବ ।

**ମିଥୁନ:** ଧନ, ସମ୍ପଦ ବୃଦ୍ଧି ପାଇବ ଏବଂ ବିଭିନ୍ନ ଉତ୍ସରୁ ଧନପ୍ରାପ୍ତି ହେବ । ସମସ୍ତ ଆଶା, ଆକାଂକ୍ଷା, ଅଭିଳାଷ ପୂର୍ଣ୍ଣ ହେବ ଏବଂ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ନୂତନ ବ୍ୟବସାୟର ସୁଯୋଗ ଜୁଟିବ ।

**କର୍କଟ:** ଘାତବାର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ଏବଂ ଆତ୍ମତୃପ୍ତି ମିଳିବ ନାହିଁ । କର୍ମ ପ୍ରତି ଏକାଗ୍ରତା ଓ ଆନ୍ତରିକତା ଅଧିକ ରହିବ ଏବଂ ସମସ୍ତ କର୍ମରେ ଆଶାଠାରୁ ଅଧିକ ସଫଳତା ମିଳିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ଏବଂ ପରିବାରରେ ସୁଖଶାନ୍ତି ଓ ସ୍ୱାସ୍ଥ୍ୟ ଉତ୍ତମ ରହିବ ।

**ସିଂହ:** ମନରେ ଅସ୍ଥିରତା, ପରିବାରରେ ବିବାଦ ଓ ମନ ବିଷାଦଗ୍ରସ୍ତ ରହିବ । ଗୁରୁଜନଙ୍କ ସହ ବିବାଦ, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହ ଶତ୍ରୁତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେବେ । ବାଣିଜ୍ୟ, ବ୍ୟବସାୟରେ ମାନ୍ଦାବସ୍ଥା ଲାଗି ରହିବ ।

**କନ୍ୟା:** ଅଷ୍ଟମ ଚନ୍ଦ୍ର, ଅତିଗଣ୍ଡ ଯୋଗ ହେତୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଚାଲିଚଳନ, ବ୍ୟବହାର ବିବାଦୀୟ ହେବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ ।

**ତୁଳା:** ମାନସିକ, ପାରିବାରିକ ଶାନ୍ତି, ସମସ୍ତ ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଏବଂ ଦାମ୍ପତ୍ୟ ଜୀବନ ମଧୁର ହେବ । ଆମୋଦପ୍ରମୋଦ ଓ ମଉଜ, ମଜଲିସରେ ଅଧିକ ଆଗ୍ରହ ରହିବ ଏବଂ ଆଭୂଷଣ ପ୍ରତି ଅଧିକ ଦୁର୍ବଳତା ପ୍ରକାଶ ପାଇବ ।

**ବିଛା :** ଷଷ୍ଠ ଚନ୍ଦ୍ର ଯୋଗୁ ରୋଗ, ଋଣ ଓ ଶତ୍ରୁ-ଏଥିରୁ ସାମୟିକ ମୁକ୍ତି ମିଳିବ । ଆପଣଙ୍କ ବକ୍ତବ୍ୟରେ ସମ୍ମୋହନର ଶକ୍ତି ରହିବ ଏବଂ ଦେହ, ମନ ସୁସ୍ଥ ରହିବ । ପରୋପକାର, ସମାଜସେବା ଓ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ଧନୁ :** ସକାଳ ୮ଟା ୪୯ ମିନିଟ୍ ପରେ ଘାତତିଥି ଯୋଗୁ ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ଇତର ଜନଠାରୁ ଅପମାନ ମିଳିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମାନ୍ଦାବସ୍ଥା ଲାଗି ରହିବ ।

**ମକର :** ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ ନୂତନ ପରିବହନ ବ୍ୟବସାୟର ସୁଯୋଗ ଜୁଟିବ ।

**କୁମ୍ଭ :** ତୃତୀୟ ଚନ୍ଦ୍ର, ସୋମବାର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ମୀନ :** ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ବିବାଦ ଏବଂ ଶାରୀରିକ ପୀଡ଼ା ଭୋଗିବେ । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପାରେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅପେକ୍ଷା ବଦ୍‌ଖର୍ଚ୍ଚ ଅଧିକ ହେବ ଏବଂ କର୍ମରେ ବିଫଳତା ଓ ବାଧାବିଘ୍ନ ଲାଗି ରହିବ । ଯେଉଁମାନଙ୍କର ଉତ୍ତରଭାଦ୍ର ମୀନ ଓ ଯାହାର ପ୍ରଥମ ନାମାକ୍ଷର ଦୁ, ଥ, ଟ ସେମାନେ ସତର୍କ ହେବେ ।

ମାତୃଭାଷା

କଟକ, ଶନିବାର, ଅଗଷ୍ଟ-୩, ୨୦୨୪ ପୃଷ୍ଠା: ୪

## ରାଜ୍ୟସଭାରେ ବିଜେପିରୁ କିଏ ନେବ ମମତାଙ୍କ ସ୍ଥାନ ?

ଓଡ଼ିଶାରେ ଲୋକସଭା ସାଙ୍ଗକୁ ବିଧାନସଭା ନିର୍ବାଚନ ପରଠାରୁ ରାଜ୍ୟ ରାଜନୀତି ବେଶ୍ ରୋଚକ ରହିଛି । ସେହି ରୋଚକତା ସହିତ ନିକଟରେ ଆଉ ଏକ ରୋଚକ ଘଟଣା ଯୋଡିହୋଇ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । ତାହା ହେଲା ବିଜେଡିର ରାଜ୍ୟସଭା ସାଂସଦ ମମତା ମହାନ୍ତ ବଡ଼ ଅପ୍ରତ୍ୟାଶିତ ଭାବେ ତାଙ୍କ ସାଂସଦ ପଦରୁ ଇସ୍ତଫା ଦେବା ସହ ଏହାର ପରଦିନ ବିଜେପିରେ ଯୋଗ ଦେଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ମମତା ଇସ୍ତଫା ଦେବେ ବୋଲି ଖୋଦ୍ ଦଳର ସଭାପତି ନବୀନ ପଟ୍ଟନାୟକ ମଧ୍ୟ ଜାଣିନଥିଲେ । ମମତାଙ୍କ ଇସ୍ତଫା ବିଷୟ ରାଜ୍ୟସଭାରେ ଗୃହର ଅଧ୍ୟକ୍ଷ ଶ୍ରୀଧନଖଡ ଘୋଷଣା କରିବା ପରେ ଟିଭି ସମାଚାରରୁ ଏହା ନବୀନ ଜାଣିବାକୁପାଇଥିଲେ । ଏ ବିଷୟ ବିଜେଡିରେ କାହାରିକୁ ଜଣାନଥିଲା ।

ଏଥିରୁ ଏହା ସ୍ପଷ୍ଟ ହୋଇଗଲା ଯେ ବିଜେପି ରାଜ୍ୟସଭାରେ ନିଜର ସଂଖ୍ୟା ବଳ ବୃଦ୍ଧି ଲାଗି ବିଜେଡିକୁ ଭାଙ୍ଗିବାକୁ ସ୍ଥିର କରିଛି । ସମ୍ପ୍ରତି ରାଜ୍ୟସଭାରେ ବିଜେପି ସଂଖ୍ୟାଲଘୁ ଥିବାରୁ ବିଭିନ୍ନ ବିଲ୍ ପାରିତ କରାଇପାରୁନାହି । ଏଥିଲାଗି ବିଜେପି ନେତୃତ୍ୱ ଅନ୍ୟ ଦଳକୁ ଭାଙ୍ଗି ନିଜ ସଂଖ୍ୟା ବଳ ବୃଦ୍ଧି ଲାଗି ରଣ କୌଶଳ ଆପଣାଇଛି, ଯାହାର ଶୁଭାରମ୍ଭ ମମତାଙ୍କ ଠାରୁ ଆରମ୍ଭ ହୋଇଛି ।

ବିଜେଡି ଓ ରାଜ୍ୟସଭା ପଦ ଛାଡ଼ି ମମତା ମହାନ୍ତ ପଦ୍ମ ଧରିଛନ୍ତି । ଏବେ ସଭିଙ୍କ ମନରେ ଗୋଟିଏ ପ୍ରଶ୍ନ ଯେ ଖାଲି ହୋଇଥିବା ରାଜ୍ୟସଭା ଆସନରେ କାହାକୁ ଦିଲ୍ଲୀ ପଠାଇବ ବିଜେପି ।

ମମତାଙ୍କ ଇସ୍ତଫାକୁ ରାଜ୍ୟସଭା ଅଧ୍ୟକ୍ଷ ତତ୍କାଳ ଗ୍ରହଣ କରିବା ପରେ ଉପନିର୍ବାଚନ ବାଟ ଖୋଲିଛି । ମମତା ଖାଲି କରିଥିବା ରାଜ୍ୟସଭା ଆସନର କାର୍ଯ୍ୟକାଳ ପ୍ରାୟ ୧ ବର୍ଷ ୮ ମାସ ରହିଛି । ଏହି ଆସନରେ ଉପନିର୍ବାଚନ ହେବ । ରାଜ୍ୟରେ ସରକାର ବଦଳିବା ସହ ରାଜନୈତିକ ଅଙ୍କ ବି ବଦଳିଛି । ଏ ରାଜ୍ୟସଭା ଆସନ ବିଜେପି ଖାତାକୁ ଯିବା ପକ୍କା । ହେଲେ କିଏ ଯିବେ ରାଜ୍ୟସଭା ?

ଚର୍ଚ୍ଚାରେ ସବୁଠାରୁ ଆଗରେ ଅଛନ୍ତି ବିଜେପି ରାଜ୍ୟ ସଭାପତିମନମୋହନ ସାମଲ । ମନମୋହନ ଏଥର ଚାନ୍ଦବାଲିରୁ ବିଧାନସଭା ପାଇଁ ଲଢ଼ି ହାରିଯାଇଛନ୍ତି । ମନମୋହନଙ୍କୁ ଦଳ କୌଣସି ବଡ଼ ଆସନରେ ବସାଇପାରେ । ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦ ଲାଗି ମନମୋହନଙ୍କ ନାମକୁ ନେଇ ଚର୍ଚ୍ଚା ଘୂରି ବୁଲୁଥିଲା । ମାତ୍ର ରାଜ୍ୟସଭା ଆସନ ଖାଲି ହେବା ପରେ ଏଥିପାଇଁ ବି ମନମୋହନଙ୍କ ନାମକୁ ନେଇ ଚର୍ଚ୍ଚା ବଢ଼ିଛି ।

ଆଉ ଏକ ଆକଳନ ହେଲା, ମମତା ବିଜେପିରେ ମିଶିଥିବାରୁ ଦଳ ତାଙ୍କୁ କିଛି ବଡ଼ ଦାୟିତ୍ୱ ଦେବାକୁ ଚିନ୍ତା କରିଥାଇପାରେ । ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ କିମ୍ବା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମୁଖିଆ ହୋଇପାରନ୍ତି ।

ରାଜ୍ୟସଭା ଦୌଡରେ ଆହୁରି ଅନେକ ବଡ଼ ନେତାଙ୍କ ନାଁ ମଧ୍ୟ ଯୋଡ଼ି ହୋଇଯାଇଛି । ମନମୋହନଙ୍କ ପରେ ସବୁଠାରୁ ବଡ଼ ଦାବିଦାର ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ନାମ ଚର୍ଚ୍ଚାକୁ ଆସିଛି । ଦିଲ୍ଲୀପ ଏଥର ରାଉରକେଲାରୁ ବିଧାନସଭା ପାଇଁ ଲଢ଼ି ହାରିଛନ୍ତି । ଦିଲ୍ଲୀପଙ୍କୁ ଦିଲ୍ଲୀ ନେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ନାଁ ବି ରାଜ୍ୟସଭା ପାଇଁ ବିଚାରକୁ ନିଆଯାଇପାରେ । ସମୀର ଦୀର୍ଘ ବର୍ଷ ଧରି ସଂଗଠନରେ କାର୍ଯ୍ୟ କରୁଥିବା ବେଳେ ଦଳ ତାଙ୍କୁ କୌଣସି ବଡ଼ ପଦପଦବି ଦେବା ସମ୍ଭାବନା ରହିଛି ।

ରାଜନୈତିକ ବିଶେଷଜ୍ଞଙ୍କ ଅନୁସାରେ ବିଜେପି ପୁଣି ଆଦିବାସୀ କାର୍ଡ ଖେଳିପାରେ । ଏହି ଚର୍ଚ୍ଚା ଭିତରେ ସାନ୍ତାଳୀ ଭାଷାର ବିଶିଷ୍ଟ ସାହିତ୍ୟିକା ପଦ୍ମଶ୍ରୀ ଡ. ଦମୟନ୍ତୀ ବେସ୍ରାଙ୍କୁ ବି ରାଜ୍ୟସଭା ପଠାଯାଇପାରେ । ନିର୍ବାଚନ ପୂର୍ବରୁ ସେ ବିଜେପିରେ ମିଶିଥିଲେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବି ଏହି ପଦ ପାଇଁ ଆଶାୟୀ ଥିବା କୁହାଯାଉଛି ।

ଆଉ ଏକ ମହଲରେ ଚର୍ଚ୍ଚା ହେଉଛି, ମମତା ମହାନ୍ତ ପୁଣି ରାଜ୍ୟସଭା ଯାଇପାରନ୍ତି । ପଦ୍ମ ଧରିବା ପରେ ଆଦିବାସୀ ନେତ୍ରୀ ତଥା କୁଡୁମୀ ସମ୍ପ୍ରଦାୟରୁ ଆସିଥିବା ମମତାଙ୍କୁ ବିଜେପି ରାଜ୍ୟସଭା ପଠାଇପାରେ । ଏମିତି ହେଲେ ବିଜେପିର ସଂଖ୍ୟା ରାଜ୍ୟସଭାରେ ବଢ଼ିବା ସହ ବିରୋଧୀ ବିଜେଡି ବି ପ୍ରସଙ୍ଗଶୂନ୍ୟ ହୋଇଯିବ । ଆଉ କୁଡୁମୀ ସମ୍ପ୍ରଦାୟ ପ୍ରତି ଧୋକା ପ୍ରସଙ୍ଗ ବିଜେଡି ହାତରେ ରହିବନି । ମାତ୍ର ଏସବୁ କେବଳ ଆକଳନ ଓ ଚର୍ଚ୍ଚା । ବିଜେପି ହାଇକମାଣ୍ଡ କାହାକୁ ବାଛିବେ, ତାହା କେହି ଠଉରାଇ ପାରୁନାହାନ୍ତି । ଏସବୁ ଚର୍ଚ୍ଚା ବାହାରୁ କୌଣସି ନୂଆ ନାଁ ଘୋଷଣା କରି ବିଜେପି ହାଇକମାଣ୍ଡ ସଭିଙ୍କୁ ଚମକାଇ ଦେଇପାରନ୍ତି । ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀଙ୍କ ନାଁ ଘୋଷଣା କରି ବିଜେପି ହାଇକମାଣ୍ଡ ଯେମିତି ସଭିଙ୍କୁ ଚମକାଇ ଦେଇଥିଲେ, ଏଥର ବି ସେଭଳି କିଛି ଚକ୍ ମା ବି ଦେଇପାରନ୍ତି ।

## ବର୍ଷାଦିନେ ପିଲା ଓଦା ହେଲେ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ମୌସୁମୀ ହେଉ ବା ଲଘୁଚାପ ବର୍ଷାର ପ୍ରକୋପ ଧିରେ ଧିରେ ଅନୁଭୂତ ହେଲାଣି । ଏପରିକି ଦିନେ ଦିନେ ଝିପିଝିପି ଲଗାଣ ବର୍ଷା ବି ଧାରା ଶ୍ରାବଣ ପରି ବର୍ଷି ଚାଲିଛି । ଆଉ ଏହି ବର୍ଷାଦିନେ ଛୋଟପିଲାମାନେ ବର୍ଷାରେ ଭିଜିବାକୁ ଭାରି ଖୁସି ଅନୁଭବ କରନ୍ତି । ପିଲାମାନେ ବର୍ଷାରେ ଭିଜି ଖେଳି ବୁଲନ୍ତି, ଡଙ୍ଗା ଭସାନ୍ତି ଆଉ ବିଦ୍ୟାଳୟକୁ ଯିବା ଆସିବା ବେଳେ ବି ରେନିକୋର୍ଟ ବା ଛତା ଥିଲେ ମଧ୍ୟ କେତେକ ପିଲା ବର୍ଷାରେ ତିନ୍ତିବାକୁ ଭାରି ଭଲ ପାଆନ୍ତି । ପିଲାମାନେ ସେମାନଙ୍କ ଭାବନାରେ ଜାଣିନଥିଲେ ବି ଏହି ଭିଜା ବର୍ଷା ସେମାନଙ୍କ ସ୍ୱାସ୍ଥ୍ୟ ଓ ଶରୀର ପାଇଁ କେତେଯେ କ୍ଷତିକାରକ ତାହା ସେମାନେ ଜାଣିବା ବେଳକୁ ପିଲାଟି ରୋଗଯନ୍ତ୍ରଣାରେ ଝଟପଟ ହେବା ସାର ହୋଇଥାଏ । ଏ କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ବାପା ମା' ବା ଅଭିଭାବକମାନଙ୍କର । ସେହିପରି ବିଦ୍ୟାଳୟର ଗୁରୁଜୀ, ଗୁରୁମା ବା ଟ୍ୟୁସନ ସାରଙ୍କର ମଧ୍ୟ ସଚେତନ କରିବାର ଭୂମିକା ବି ରହିଛି । ପିଲାମାନେ ଅମାନିଆ ହେଉଥିଲେ ବି ସେମାନଙ୍କୁ ବୁଝାଇ କହିଲେ ନିଶ୍ଚିତ ଭାବରେ ସେମାନେ ଅନୁଭବ କରି ବୁଝିବାକୁ ବେଶ୍ ସକ୍ଷମ ହୋଇଥାନ୍ତି ।

ପିଲାଟି ଯଦି ବର୍ଷାରେ ଭିଜି ଯାଇଥାଏ ତେବେ ଆଦୌ ବିଳମ୍ବ ନକରି ତୁରନ୍ତ ତାଦେହରୁ ଭିଜା ସାର୍ଟ ପ୍ୟାଣ୍ଟ ଖୋଲି ଦିଅନ୍ତୁ । ତା'ପରେ ତାକୁ ଭଲ ଭାବରେ ଶୁଖିଲା ସଫା କପଡ଼ାରେ ପୋଛାପୋଛି କରନ୍ତୁ । କେତେକ କ୍ଷେତ୍ରରେ ବାପ-ମା'ମାନେ ଭିଜିବା ପରେ ସାର୍ଟପ୍ୟା□ ଖୋଲି ପିଲାଟିକୁ ଗାଧୋଇ ଦେବାକୁ ଉଚିତ ମନେ କରିଥାନ୍ତି କିନ୍ତୁ ଏହା ପିଲାଟିର ଶରୀର ପାଇଁ ଘାତକ ହୋଇପାରେ । ସହଜେ ପିଲାଟି ଭିଜା ବର୍ଷାରେ ତିନ୍ତି ଓଦା ଜଡ଼ସଡ ଅବସ୍ଥାକୁ ପୁଣି ଗାଧୁଆ ପାଣି ନିଶ୍ଚିତ ଭାବରେ ସେମାନଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଏପରି କ୍ଷେତ୍ରରେ ପିଲାଟିକୁ ଜ୍ୱର ହେବାର ସମ୍ଭାବନା ବି ରହିଥାଏ । ସେହିପରି ପିଲାଟିକୁ ଫୁଟାପାଣି କିମ୍ବା ଭଲ ଭାବେ ବିଶୋଧିତ ହୋଇଥିବା ପାଣି ପିଇବାକୁ ଦିଅନ୍ତୁ । ବର୍ଷାଦିନେ ପିଲାମାନଙ୍କ ପାଇଁ ଫୁଟା ସୁଶୀତଳ ପାଣି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ । ପିଲାଟି ବର୍ଷାଦିନେ ଯେପରି ନ ଭିଜିବ ସେଥିପ୍ରତି ସତର୍କ ଦୃଷ୍ଟି ଦେଇ ପିଲାଟିକୁ ସଚେତନ କରାନ୍ତୁ । ବର୍ଷାଦିନେ ପିଲାମାନେ ଘରେ ନ ବସି ବରଂ ତିନ୍ତି ଖେଳିବା ପାଇଁ ଭଲ ପାଆନ୍ତି । କେତେକ ପିଲା ଫୁଟବଲ ବା ଦୌଡ଼ାଦୌଡ଼ି, ଡଙ୍ଗାଭସା ନହେଲେ ଗୋଡ଼ରେ ପାଣି ସୁଅକୁ ଠେଲିଠାଲି ମଜା ନେବାର ଅନୁଭବକୁ ବେଶ୍ ଖୁସି ପାଆନ୍ତି କିନ୍ତୁ ଏହା ସେହି ପିଲାମାନଙ୍କ ପାଇଁ ଆଦୌ ଭଲ ନୁହେଁ ।

ପିଲାମାନେ ବର୍ଷାଦିନେ ବାହାରେ ଖେଳିବା ମାନେ ନିଶ୍ଚିତ ଭାବରେ ସେମାନଙ୍କର ଶରୀର ସହ ହାତ ମଧ୍ୟ ଅପରିଷ୍କାର ହୋଇଥାଏ । ତେଣୁ ପିଲାଟି ବାହାରୁ ଆସିବା ପରେ ତାକୁ ଭଲ ସାବୁନରେ ହାତ ଓ ପାଦ ଧୋଇବା ପାଇଁ ଦିଅନ୍ତୁ । ଖାଇବା ପୂର୍ବରୁ ନିଶ୍ଚିତ ଭାବରେ ହାତ ଓ ନଖକୁ ଯେପରି ପରିସ୍କାର କରିଥାଏ ସେଥିପ୍ରତି କେବଳ ଘରର ଗୁରୁଜନଙ୍କ ସହିତ ବାପ-ମା'ଙ୍କ ସଚେତନ ଭୂମିକା ଜରୁରୀ । ବର୍ଷା ଦିନେ ପିଲାଟିର ନଖ ଭଲ ଭାବରେ ସଫା ସୁତୁରା ରଖନ୍ତୁ । ନିୟମିତ ବ୍ୟବଧାନରେ ନଖ କାଟନ୍ତୁ ଓ ନଖ ଭିତର ମଳିକୁ ଏଣୁ ତେଣୁ ଛୁଞ୍ଚି ବା ସେଫ୍ଟିପିନ୍‌ରେ ସଫା ନକରି ଭଲ ତୁଳାରେ ପରିଷ୍କାର କରନ୍ତୁ । ପିଲାଟିର ନଖ ଭିତରେ ଜୀବାଣୁ ଜମି ରହି ତାର ପେଟ ଭିତରକୁ ଯିବାର ସମ୍ଭାବନା ରହିଥାଏ ଯାହାଦ୍ୱାରା ପିଲାଟିର ପେଟ ରୋଗ ବି ଦେଖାଯାଏ । ବର୍ଷାଦିନେ ମଶାରୀ ଟାଙ୍ଗି ଶୋଇବା ଅଭ୍ୟାସ ସବୁଠାରୁ ଭଲ । ମଶା ଧୂଆଁ ଅପେକ୍ଷା ଏହା ଏକ ଭଲ ଅଭ୍ୟାସ । ପ୍ରତି ତିନିବର୍ଷରେ ଥରେ ପିଲାଟିକୁ ଟାଇଫଏଡ୍ ଟୀକା ଦିଅନ୍ତୁ । ବର୍ଷା ଦିନଟି ପିଲାମାନଙ୍କ ପାଇଁ ଖୁସିବାସିର ଋତୁ ହୋଇଥିଲେ ବି ବାସ୍ତବରେ ଏହି ଋତୁଟି ପିଲାମାନଙ୍କ ପାଇଁ କେତେକ ସମସ୍ୟା ଓ ଯନ୍ତ୍ରଣାକୁ ନିମନ୍ତ୍ରଣ କରିଥାଏ । ବର୍ଷା ଦିନେ ବର୍ଷାର ପ୍ରଥମ ଅସରା ପିଲାଙ୍କ ମୁଣ୍ଡରେ ପଡ଼ିଥାଏ । ସେମାନଙ୍କ ମୁଣ୍ଡର ଚୁଟି ତିନ୍ତିବା ହେତୁ ବର୍ଷାଦିନେ ଜଳବାୟୁରେ ଆର୍ଦ୍ରତା ରହୁଥିବାରୁ ପିଲାମାନଙ୍କୁ ଥଣ୍ଡା ଧରିବା ସହିତ ଚର୍ମ ସମ୍ବନ୍ଧୀୟ ସମସ୍ୟା ବି ଦେଖାଯାଇଥାଏ ।

ବର୍ଷାଦିନେ ଓଦା ହେବା ସମୟରେ ପିଲାଙ୍କ ଦେହରେ ଥିବା କୌଣସି ଘା'ସିଧାସଳଖ ଭାବେ ବର୍ଷାରେ ତିନ୍ତିଲେ ବା ବ୍ୟାଣ୍ଡେଜ ବି ତିନ୍ତିଲେ ତାହା ସେମାନଙ୍କ ଘା'କୁ ସଂକ୍ରମଣ କରିବାର ସମ୍ଭାବନା ଥାଏ । ସେହିକ୍ଷେତ୍ରରେ ତୁରନ୍ତ ଉଷୁମ ପାଣିରେ ଡେଟଲ୍ ଟିକେ ପକାଇ ସେହି ପାଣିକୁ ଘା'ସ୍ଥାନଟିକୁ ସଫା କରିଦେବା ଭଲ ବା ବେଶି ଭିଜିନଥିଲେ ବିଶୋଦ୍ଧିତ ଗଜରେ ସଫା କରିପାରନ୍ତି । କେତେକ ପିଲା ଖୁସି ପାଇବା ପାଇଁ ବର୍ଷା ସମୟରେ ଉପରକୁ ଚାହିଁ ଭିଜିଥାନ୍ତି । ଏହା ଅତ୍ୟନ୍ତ ବିପଦଜନକ ପିଲାମାନଙ୍କ ପାଇଁ ହୋଇପାରେ । ବର୍ଷାର ଧାରା ପିଲାମାନଙ୍କ ଆଖି ଉପରେ ମାଡ଼ ହେବା ଦ୍ୱାରା ପିଲାଙ୍କୁ ମଜା ଲାଗୁଥିଲେ ବି ପରବର୍ତ୍ତୀ ସମୟରେ ଏହା ଡୋଳାକୁ ଲାଲ କରିବା ସହ ପରବର୍ତ୍ତୀ ସମୟରେ ଆଖିରୁ ପାଣି ବୋହିବା, ଲେଞ୍ଜରା ସୃଷ୍ଟି ହେବା ସହ କେତେକ କ୍ଷେତ୍ରରେ ପିଲାଟିକୁ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ହୋଇଥାଏ । ବର୍ଷାଦିନେ ସେପରି କିଛି ଅସୁବିଧାର କାରଣ ବଶତଃ ଅଳ୍ପ ପରିମାଣର ଭିଜିଗଲେ ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ସତର୍କ ରହି ପୋଛାପୋଛି କରି ସଫାସୁତୁରା ଲୁଗାପଟା ପିନ୍ଧିଲେ ପିଲାଙ୍କ ଶରୀର ପାଇଁ ସେତେଟା ସମସ୍ୟାଜନକ ନହୋଇପାରେ । ତେବେ ଅଧିକ ସମୟ ବା ବାରମ୍ବାର ଭିଜିବା ଦ୍ୱାରା ନିଶ୍ଚିତ ଭାବେ ପିଲାଟିର ଦେହ ଖରାପ କରିଥାଏ । ବର୍ଷାରେ ଭିଜିବା ବା ଓଦା ହେବା ପୂର୍ବରୁ ପିଲାଟି ଦେହରେ ଜ୍ୱର, ନିମୋନିଆ ଥିଲେ ଏହା ଅତ୍ୟନ୍ତ ଚିନ୍ତାଜନକ ହୋଇଥାଏ । କାରଣ ପରବର୍ତ୍ତୀ ସମୟରେ ପିଲାଟିର ଦେହ ଅଧିକ ଖରାପ ହେବାର ସମ୍ଭାବନା ବି ରହିଥାଏ । ବର୍ଷାଋତୁ ଛଅଋତୁ ପରି ଗୋଟିଏ ଋତୁ । ଏହି ଋତୁଟି ସବୁଠାରୁ ପ୍ରାକୃତିକ ଦୃଷ୍ଟିକୋଣରୁ ସୁନ୍ଦର ଋତୁ ଭାବରେ ବିବେଚନା କରାଯାଏ । ପିଲାଟି ପାଇଁ ଏହି ଋତୁରେ ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ସତର୍କ ହୋଇ ବିଶେଷ ଭାବେ ପିଲାଟି ଯେପରି ଓଦା ନହୁଏ ସତର୍କ ରହିଲେ ଏହି ଋତୁଟି ପିଲାମାନଙ୍କ ପାଇଁ ନିଶ୍ଚିତଭାବେ ଖୁସି ଓ ଆନନ୍ଦର ଋତୁ ହେବ ।

# ଟ୍ରମ୍ପଙ୍କ ଉପରେ ଆକ୍ରମଣ

**ସୌମେନ୍ଦ୍ର ଜେନା**

ଆମେରିକାର ପେନ୍‌ସିଲଭାନିଆ ପ୍ରଦେଶର ବଟଲରଠାରେ ନିର୍ବାଚନ ପ୍ରଚାର ସଭା ଚାଲିଥିବା ସମୟରେ ରିପବ୍ଲିକାନ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣରୁ ସେ ରକ୍ଷାପାଇଥିଲେ ମଧ୍ୟ ସମଗ୍ର ବିଶ୍ୱ ଏହି ଘଟଣାରେ ଚକିତ ହୋଇଛି । ଏକଥା ସତ ଯେ ଆମେରିକାର ଜନୈତିକ ଇତିହାସରେ ରାଷ୍ଟ୍ରପତି କିମ୍ବା ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଉପରେ ଆକ୍ରମଣ କିଛି ନୂତନ ନୁହେଁ । ଆବ୍ରାହମ୍ ଲିଙ୍କନଙ୍କଠାରୁ ଆରମ୍ଭକରି ଟ୍ରମ୍ପଙ୍କ ପର୍ଯ୍ୟନ୍ତ ଅନେକ ନେତୃବୃନ୍ଦ ଏମିତି ଆକ୍ରମଣର ଶିକାର ହୋଇଛନ୍ତି । କେତେକ ଘଟଣାରେ ରାଷ୍ଟ୍ରପତିମାନେ ରକ୍ଷା ପାଇଯାଇଥିଲେ ମଧ୍ୟ କେତେକ ଘଟଣାରେ ଜୀବନ ହରାଇଛନ୍ତି । ସବୁ ପ୍ରକାର ସୁରକ୍ଷା, ଶକ୍ତିଶାଳୀ ଗୋଇନ୍ଦା ସଂସ୍ଥା ଥିଲେ ମଧ୍ୟ ସମାଜ ଭିତରେ ଅତ୍ୟଧିକ ରାଜନୀତି, ରାଜନୀତିରେ ଅତ୍ୟଧିକ ବିଦ୍ୱେଷ, ବିଦ୍ୱେଷ ମଧ୍ୟରେ ବ୍ୟକ୍ତିଗତ ହିଂସ୍ରତା ବଢ଼ିଲେ ଗଣତନ୍ତ୍ର କିପରି କ୍ଷତିଗ୍ରସ୍ତ ହୋଇଥାଏ, ଏହା ତା'ର ଏକ ସ୍ପଷ୍ଟ ପ୍ରମାଣ ।

ସବୁବେଳେ ଆମେରିକା ନିଜକୁ ପୁରୁଣା, ଶକ୍ତିଶାଳୀ, ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କହି ଅନ୍ୟ ଦେଶକୁ ଦିନରେ ହାରକିନ୍ ଦେଖାଉଥିଲେ ମଧ୍ୟ ନିଜ ଦେଶର ଅବସ୍ଥା କିପରି ସଙ୍ଗୀନ ହେଲାଣି ତାହା ବୁଝିପାରୁନାହିଁ । ସବୁ ସମୟରେ ନିଜ ଦେଶର ସ୍ୱାର୍ଥ ଦେଖି ସାରା ବିଶ୍ୱକୁ ଧ୍ୱସ୍ତବିଧ୍ୱସ୍ତ କରି ଆସିଥିବା ପରମାଣୁ ଓ ଆର୍ଥିକ ଶକ୍ତିରେ ବଳୀୟାନ ରାଷ୍ଟ୍ର କିପରି ହିଂସା ସମ୍ମୁଖରେ ଅସହାୟ ହୋଇପଡ଼େ ତାହା ଆମେ ଅନେକ ସମୟରେ ଦେଖିଛୁ । ରାଜନୈତିକ ମତଭେଦ, ଦଳଗତ ସ୍ୱାର୍ଥ ଓ ନେତୃବୃନ୍ଦଙ୍କ ଅହଂକାର ଯୋଗୁଁ ରାଜନୈତିକ କ୍ଷେତ୍ରରେ ଅସହିଷ୍ଣୁତା ବୃଦ୍ଧି ପାଇଥାଏ । ତେଣୁ ଗୋଟିଏ ଦଳ ନିର୍ବାଚନ ପୂର୍ବରୁ ହେଉ କିମ୍ବା ନିର୍ବାଚନ ପରେ ହେଲେ ବି ହିଂସାର ମାର୍ଗକୁ ଆପଣାଇଥାଏ । ମ୍ୟାନମାରରେ ଜୁଣ୍ଟା ସରକାର କ୍ଷମତାରେ ରହିବା ପାଇଁ ସେଠାକାର ନିର୍ବାଚିତ ସରକାରଙ୍କୁ ବରଖାସ୍ତ କରିବା, ପାକିସ୍ତାନରେ ଜନସମର୍ଥନ ନଥିବା ଦଳଗୁଡ଼ିକ ଲୋକଙ୍କ ନିକଟରେ ପରିଚିତ ଦଳ ଇମ୍ରାନ ଖାନଙ୍କ ଦଳକୁ ନିର୍ବାଚନରୁ ଅଲଗା କରିବା ଉଦ୍ଦେଶ୍ୟରେ ନିଷିଦ୍ଧ କରିବା, ଫ୍ରାନ୍ସରେ ଏକକ ବହୁମତ ପାଇନପାରି ଆଗରେ ଥିବା ଦଳ ନିଜ ହତାଶାକୁ ପ୍ରଦର୍ଶନ କରିବାକୁ ଯାଇ ହିଂସାକାଣ୍ଡ କରିବା, ବ୍ରିଟେନରେ ଅଧିକ ଆସନ ପାଇଥିବା ଶ୍ରମିକ ଦଳର ନେତା ଓ ସମର୍ଥକଙ୍କ ହିଂସାମୁଖୀ କାର୍ଯ୍ୟ, ଜାପାନରେ ନିର୍ବାଚନ ପ୍ରଚାର ଚାଲିଥିବା ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ ଗୁଳିମାରି ହତ୍ୟା କରାଯିବା ଘଟଣା ଆମେ ନିକଟରେ ଦେଖିଛୁ । ଦକ୍ଷିଣ ଆଫ୍ରିକାରେ ମଧ୍ୟ ସେମିତି ରାଜନୈତିକ ଈର୍ଷାର ପରିଣତି ଯେପରି ଦଙ୍ଗା ଗୋଳରେ ପରିଣତ ହୋଇଥିଲା ତାହା ସମସ୍ତେ ଜାଣନ୍ତି । କିନ୍ତୁ ଏସବୁ ଆକସ୍ମିକ ନୁହେଁ ବରଂ ଏହା ଏକ ବ୍ୟବସ୍ଥିତ ବିଚାରଧାରା, ଯାହା ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଯଥେଷ୍ଟ । ଆଜି କ୍ଷମତାରେ ଥିବା ଲୋକେ କିମ୍ବା କ୍ଷମତା ବାହାରେ ଥିବା ଲୋକେ ସମସ୍ତେ ସବୁ ଦେଶରେ କେନ୍ଦ୍ରରେ ରହିବାକୁ ଚାହୁଁଥିବାବେଳେ ଉଭୟଙ୍କ ମଧ୍ୟରେ ସଂଘର୍ଷ ଘଟିବା ସ୍ୱାଭାବିକ । ସଂଘର୍ଷ ନଥିବା ରାଷ୍ଟ୍ରଙ୍କୁ ମଧ୍ୟ ଏହା ବ୍ୟାପିଯିବା କିଛି ନୂଆକଥା ନୁହେଁ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଏକ ଭଲ ବ୍ୟବସ୍ଥା ବୋଲି ସମସ୍ତଙ୍କୁ ଜଣାଥିଲେ ମଧ୍ୟ ଏହାର କିଛି କମ୍ ଶତ୍ରୁ ପୃଥିବୀରେ ନାହାନ୍ତି । ପୃଥିବୀର ଅନେକ ଦେଶରେ ଗଣତନ୍ତ୍ରକୁ ଦୁର୍ବଳ କରି ଗୋଷ୍ଠୀତନ୍ତ୍ରର ଶାସନ ଚଳାଇବା ପାଇଁ ଜର୍ଜ ସାରୋସଙ୍କ ଭଳି ବ୍ୟକ୍ତିବିଶେଷ କିମ୍ବା ଚୀନ ପରି ଗଣତନ୍ତ୍ର ବିରୋଧୀ ରାଷ୍ଟ୍ର ଆପଣାର ପ୍ରଭୁତ୍ୱ ବିସ୍ତାର କରିବା, କାଠ କଣ୍ଢେଇ ପ୍ରାୟ ସରକାରକୁ ଅବସ୍ଥାପିତ କରାଇବା ଉଦ୍ଦେଶ୍ୟରେ ଅର୍ଥ ମାଧ୍ୟମରେ ଷଡଯନ୍ତ୍ରରେ ଲିପ୍ତ ରହିଛନ୍ତି । ମାଳଦ୍ୱୀପ, ନେପାଳ, ମ୍ୟାନମାରଠାରୁ ଆରମ୍ଭକରି ଆଫ୍ରିକାର ଅନେକ ଦେଶରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି । ପୃଥିବୀର ଅନେକ ଦେଶରୁ ବାମପନ୍ଥୀ ସରକାର ହଟିଯିବା ପରେ ଏବେ ବାମପନ୍ଥୀ ଶକ୍ତି କ୍ଷମତାକୁ ଫେରିବାଲାଗି ବ୍ୟସ୍ତ ରହିଛନ୍ତି । ସେମିତି ବିଶ୍ୱବ୍ୟାପି ଇସଲାମିଷ୍ଟ ଗୋଷ୍ଠୀ ଦଳର ସନ୍ତ୍ରାସବାଦୀ ଶ୍ରଦ୍ଧା ପାଇଁ ବିରୋଧର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହି ଦୁଇ ଶକ୍ତି ପୃଥିବୀର ଅନେକ ଦେଶରେ କ୍ଷମତାକୁ ଦଖଲ କରିବାଲାଗି ଏକ ପ୍ରକାର ବିଶ୍ୱବ୍ୟାପି ହିଂସାମୁଖୀ ମେଣ୍ଟର ଯୋଜନାରେ କାର୍ଯ୍ୟ କରୁଛନ୍ତି । ସେହି ଷଡଯନ୍ତ୍ର ପଛରେ କିଛି ଧନୀ ବ୍ୟକ୍ତି, କିଛି ରାଷ୍ଟ୍ରଙ୍କ ଆର୍ଥିକ, ରାଜନୈତିକ ସହଯୋଗ ଏବଂ ସମର୍ଥନ ରହିଛି । ଏମାନେ ସବୁ ଦେଶରେ ଦେଶପ୍ରେମୀ ବ୍ୟକ୍ତିଙ୍କୁ ନିଜ ଟାର୍ଗେଟରେ ରଖି କାର୍ଯ୍ୟ କରୁଛନ୍ତି । ଗଣତନ୍ତ୍ରକୁ ଦୁର୍ବଳ କରି ଦଳତନ୍ତ୍ର ପ୍ରତିଷ୍ଠା କରିବା ଏମାନଙ୍କ ଲକ୍ଷ୍ୟ । ତେଣୁ ସେମାନେ ଗୋଳତନ୍ତ୍ର ମାଧ୍ୟମରେ ସେହି ସ୍ଥାନରେ ପହଞ୍ଚିବାକୁ ପ୍ରୟାସ କରୁଛନ୍ତି । ବ୍ରିଟେନ, ଫ୍ରାନ୍ସ, ଇଟାଲୀଠାରୁ ଭାରତ ଓ ଆମେରିକା ପର୍ଯ୍ୟନ୍ତ ଏହି ଗୋଷ୍ଠୀ ସକ୍ରିୟ ରହିଛନ୍ତି ।

ଡୋନାଲଡ ଟ୍ରମ୍ପ ଏହା ପୂର୍ବରୁ ୨୦୧୬ରେ ନିର୍ବାଚନରେ ବିଜୟୀ ହେବାପରେ ଏହି ଗୋଷ୍ଠୀ ନିର୍ବାଚନରେ ଜାଲିଆତି ହୋଇଥିବା ଅଭିଯୋଗ ଉଠାଇ ହୋ-ହଲ୍ଲା କରିଥିଲେ । 'ବ୍ଲାକ୍-ଲାଇଫ ମାଟର୍ସ' ନାମରେ ଆମେରିକାରେ ନିର୍ବାଚନ ପୂର୍ବରୁ ଦଙ୍ଗାଗୋଳ କରିବା, ପ୍ରତିମୂର୍ତ୍ତି ଭାଙ୍ଗି କାଳି ବୋଳିବା ପରି କାର୍ଯ୍ୟ କରିଥିଲେ । ଆଫଗାନିସ୍ତାନର ବାମିୟାନଠାରୁ ଭାରତର ହଜାର ହଜାର ମନ୍ଦିର ଭଙ୍ଗା ପଛରେ ଏହି ଶକ୍ତିର ବିଭତ୍ସ ବିଚାରଧାରା ରହିଆସିଛି । ଏମାନେ ସେହି ସଂସ୍କୃତିଭଙ୍ଗକାରୀ ଅପସଂସ୍କୃତିର ଧ୍ୱଜାଧାରୀ । ଏମାନେ ପାଲେଷ୍ଟାଇନ ଯୁଦ୍ଧ ପାଇଁ 'ଅଲ୍ ଆଇଜ ଅନ୍ ରାଫା' ନାମରେ ପ୍ରଚାର ଚଳାଇଲେ । ପାଲେଷ୍ଟାଇନ ସମର୍ଥନରେ ଆମେରିକାରେ ଅନେକ ବିଶ୍ୱ ବିଦ୍ୟାଳୟରେ ଏମାନେ ଭଙ୍ଗାରୁଜା କରିଛନ୍ତି । ଫ୍ରାନ୍ସର ଜଳାପୋଡା ଏବଂ ଆମେରିକାର ଏହି ଭଙ୍ଗାରୁଜା ପଛରେ ଏହି ବିଚାରଧାରା ସକ୍ରିୟ ରହିଛି, ଯାହା କାଶ୍ମୀରରେ ମହରମ୍ ଶୋଭାଯାତ୍ରାରେ ପାଲେଷ୍ଟାଇନ୍‌ର ସ୍ଲୋଗାନ ପକାଉଛି କିମ୍ବା ଭାରତରେ ସଂସଦ ମଧ୍ୟରେ ଶପଥ ଗ୍ରହଣ ବେଳେ ମଧ୍ୟ 'ପାଲେଷ୍ଟାଇନ ଜିନ୍ଦାବାଦ' କହିବାକୁ ଭୁଲ କରୁନାହିଁ । ପରଭୋଜୀ ଜୀବ ପରି ଏହି ବିଚାରଧାରା ସବୁ ଦେଶରେ ଏବେ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି । କେଉଁଠି ସେ ଖାଲିସ୍ତାନୀଙ୍କ ଭିତରେ ପ୍ରବେଶ କରୁଛି ତ କେଉଁଠି ସିଙ୍ଘୁ ବୋର୍ଡରରେ ତଥାକଥିତ ଚାଷୀ ଆନ୍ଦୋଳନ ବେଳେ ପଞ୍ଜାବୀ ସ୍ତ୍ରୀ ଲୋକମାନଙ୍କୁ 'ମୋଦି ତୁ ମରିଯା' ବୋଲି ଗୀତ ଗାଇ ନୃତ୍ୟ କରିବାକୁ ପ୍ରେରଣା ଦେଇଛି । ଭାରତରେ ଭାରତୀୟ ଧର୍ମ-ସଂସ୍କୃତି ବିଦ୍ୱେଷୀ କାର୍ଯ୍ୟ ଓ ବକ୍ତବ୍ୟ ଦେବାକୁ ଉତ୍ସାହିତ କରୁଛି । ଅଭିବ୍ୟକ୍ତିର ଅଧିକାର ଆଳରେ, ଦେଶ ମଧ୍ୟରେ ରାଜନୈତିକ ପ୍ରଚାର ଆଳରେ ରାଜନୈତିକ ବିଦ୍ୱେଷ ଓ ଘୃଣାକୁ ପ୍ରସାରିତ କରୁଛି । ଆମେରିକାରେ ମଧ୍ୟ ବିଗତ ଦିନମାନଙ୍କରେ ଏପରି ହୋଇଥିବା ଅନେକ ଘଟଣା ଲୋକଙ୍କ ଦୃଷ୍ଟିକୁ ଆସିଛି । ୟୁରୋପରୁ ଆମେରିକା ପର୍ଯ୍ୟନ୍ତ ଅନୁପ୍ରବେଶକାରୀ ଗୋଷ୍ଠୀ ମାନବବାଦ ଆଳରେ ରାଷ୍ଟ୍ରର ସୁରକ୍ଷାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କଲାବେଳେ ଡୋନାଲ୍ଡ ଟ୍ରମ୍ପ ସେହି ଗୋଷ୍ଠୀମାନଙ୍କ ବିରୁଦ୍ଧରେ ଖୋଲାଖୋଲି ବିରୋଧ କରିଆସିଛନ୍ତି । ଭାରତରେ ଗତ ଲୋକସଭା ନିର୍ବାଚନ ବେଳେ ଏହି ଗୋଷ୍ଠୀର ଲୋକଙ୍କ ପ୍ରୟାସ କ୍ରମେ ଯେପରି 'ଟାକ୍‌ଟିକାଲ ଭୋଟିଂ' ହୋଇଥିଲା "ମୋଦିଙ୍କୁ ଯେଉଁ ପ୍ରଦେଶରେ ଯିଏ ହରାଇପାରିବ ତାକୁ ଭୋଟଦିଅ" ନୀତିରେ ଆମେରିକାରେ ମଧ୍ୟ ଟ୍ରମ୍ପଙ୍କୁ ଯିଏ ହରାଇ ପାରିବ ତାକୁ ସମର୍ଥନକର ନୀତିରେ ମଧ୍ୟ ଭୋଟିଂ ହେବ । ଚୀନ ପରି ଛଦ୍ମ-କମ୍ୟୁନିଷ୍ଟ, ସୋରୋସ ପରି କ୍ୟାପିଟାଲିଷ୍ଟ ଏବଂ ସାରା ଜଗତରେ ଇସଲାମିଷ୍ଟ ଗୋଷ୍ଠୀ ଟ୍ରମ୍ପଙ୍କ ବିରୁଦ୍ଧରେ ଲାଗିପଡ଼ିଛନ୍ତି । ଏବେ ଯେହେତୁ ଏହି ଗୋଷ୍ଠୀ ଜାଣିପାରିଲେ ଯେ ବାଇଡେନ ବିତର୍କରେ ଟ୍ରମ୍ପଙ୍କଠାରୁ ପରାସ୍ତ ହେଲା ପରେ ଆଉ ଆଗକୁ ଯିବା ସମ୍ଭବପର ନୁହେଁ, ତେଣୁ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଏହି ଗୋଷ୍ଠୀର ଷଡଯନ୍ତ୍ର ହୋଇଥିବା ସମ୍ଭବ । କାରଣ ଟ୍ରମ୍ପଙ୍କୁ ହତ୍ୟାକରିବାପାଇଁ ତିନିଜଣ ହତ୍ୟାକାରୀ ଉପସ୍ଥିତ ଥିଲେ । ଦୁଇଟି ବନ୍ଧୁକରୁ ୩ଟି ଏବଂ ୫ଟି ଲେଖାଏଁ ଗୁଳି ଚାଲିଥିଲା । ଟ୍ରମ୍ପଙ୍କ ଆକ୍ରମଣକାରୀ ୨୦ ବର୍ଷୀୟ ଥୋମାସ ମାଥ୍ୟୁ କ୍ରୁକ୍‌ସର ମୃତ୍ୟୁ ହୋଇଥିଲେ ମଧ୍ୟ ଅନ୍ୟ ଦୁଇଜଣ ଆକ୍ରମଣକାରୀ କୁଆଡେ ଗଲେ ତାହା ଏବେବି ରହସ୍ୟାବୃତ୍ତ ରହିଛି । ଟ୍ରମ୍ପଙ୍କ ସୁରକ୍ଷାରେ ଥିବା ଲୋକେ ଆକ୍ରମଣକାରୀ ଗୁଳି ମାରିବା ପର୍ଯ୍ୟନ୍ତ ସୁଯୋଗ ଅପେକ୍ଷାରେ କାହିଁକି ରହିଥିଲେ, ତାହା ମଧ୍ୟ ବୁଝାପଡୁନାହିଁ । ଇତି ମଧ୍ୟରେ ଅନ୍ୟ ଏକ ଘଟଣାରେ ଟ୍ରମ୍ପଙ୍କ କାର୍ଯ୍ୟକ୍ରମ ମିଲୱାଉକୀର ରିପବ୍ଲିକାନ ନେସ୍‌ନାଲ କନ୍‌ଭେନ୍‌ସନ କଟକରୁ ମାସ୍କପିନ୍ଧା ଏକେ-୪୭ ଧରିଥିବା ଜଣେ ଲୋକକୁ ଗିରଫ କରାଯାଇଛି । ସେହି କାର୍ଯ୍ୟକ୍ରମରେ ଡୋନାଲାଡ଼ ଟ୍ରମ୍ପ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା । ଏହା ପେନ୍‌ସିଲଭାନିଆ ଘଟଣା ପର କଥା । ହେଲେ କେତେକ ଆକ୍ରମଣକାରୀଙ୍କୁ ସରଳ ନିରୀହ ଦର୍ଶାଇବା ପାଇଁ ଟ୍ରମ୍ପ ସମର୍ଥକଙ୍କ 'ପ୍ରକଳ୍ପ -୨୦୨୫'କୁ ଦାୟୀ କରୁଛନ୍ତି । ଏହି ପ୍ରକଳ୍ପ ଘୋଷଣା ହେବା ଯୋଗୁଁ ଦେଶରେ ଥିବା ବର୍ତ୍ତମାନ ସରକାରୀ କର୍ମଚାରୀ, ବିଦେଶୀ ଅନୁପ୍ରବେଶକାରୀ, ବିଦେଶାଗତ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଥିବା କଥା କୁହାଯାଉଛି । ଭାରତରେ ନରେନ୍ଦ୍ର ମୋଦି ବିଜୟୀ ହେଲେ ସମ୍ବିଧାନ ବଦଳାଇ ନିର୍ବାଚନକୁ ବନ୍ଦ କରାଇ ଦେବା ସହ ଏକଛତ୍ରବାଦ ଚାଲୁ କରିବେ ବୋଲି ଯେମିତି ଇଣ୍ଡିମେଣ୍ଟ ଲୋକେ ନିର୍ବାଚନ ସମୟରେ ଅଭିଯୋଗ କରୁଥିଲେ ଠିକ୍ ସେହିପରି ଆମେରିକାରେ ଉପରାଷ୍ଟ୍ରପତି କମଳା ହାରିସ ସମାନ ଭାଷାରେ ଟ୍ରମ୍ପ ବିଜୟୀ ହେଲେ ଆମେରିକାର ପ୍ରଶାସନ ବଦଳାଇବା ସହ ଏକଛତ୍ରବାଦୀ ଶାସନ ଚଳାଇବେ ବୋଲି ଭୟର ପ୍ରଚାର କରିବା ଆରମ୍ଭ କରିଦେଇଛନ୍ତି । ଏକଥା କହିବା ଠିକ୍ ହେବ ଯେ ୨୦୨୪ ଭାରତରେ ନିର୍ବାଚନ ବେଳେ ଏହି ଏକଛତ୍ରବାଦୀ କଳ୍ପନା ଆମେରିକା-ଜର୍ମାନୀରୁ ଆରମ୍ଭ ହୋଇଥିଲା । ଭାରତ-ଆମେରିକା ଗ୍ୟାଙ୍ଗର ମୂଳ ଗୋଟିଏ, ଲକ୍ଷ୍ୟ ଗୋଟିଏ, ଲେଫ୍ଟ ଲିବରାଲ-ଇସଲାମିଷ୍ଟ ଶାସନ, ସରିୟାର ଶାସନ ଆତଙ୍କକୁ ସମର୍ଥନ ; ହିଂସାକୁ ସମର୍ଥନ, ଧର୍ମାନ୍ତରଣ ଏବଂ ବେଆଇନ ଅନୁପ୍ରବେଶକାରୀଙ୍କୁ ସମର୍ଥନ । ଏମାନଙ୍କ ଇକୋ ସିଷ୍ଟମ ଗୋଟିଏ । ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମରେ 'ତିନିତୁଣ୍ଡରେ ଛେଳି କୁକୁର' କହି ପ୍ରଚାରକରି ଭୋଟରଙ୍କୁ ବିଭାଜିତ କରିବା ଏମାନଙ୍କର ଲକ୍ଷ୍ୟ । ଦୁର୍ବଳ ସରକାର ଦେଶରେ ରହିଲେ ଚାପ ପ୍ରୟୋଗକରି ଲୋକମାନଙ୍କୁ ଭୟଦେଖାଇ ଅନେକ ସମୟରେ ଜନସମର୍ଥନକୁ ନିଜ ସପକ୍ଷରେ ନେଇ ହେବ ବୋଲି ଏମାନଙ୍କ ଯୋଜନା । ସେଥିପାଇଁ ଲୋକଙ୍କ ଦୃଷ୍ଟିକୁ ଏଡାଇବାକୁ ଆମେରିକାରେ ଘୋଷିତ 'ପ୍ରକଳ୍ପ-୨୦୨୫' ସମସ୍ୟାର ବଡ଼ କାରଣ କହି ଏମାନେ ଅରାଜକତା ଆଡକୁ ଦେଶକୁ ଟାଣିନେବାକୁ ଚାହୁଁଛନ୍ତି । ଟ୍ରମ୍ପ ଆମେରିକା ପାଇଁ ବିପଦ ବୋଲି କହି ତାଙ୍କୁ ନିର୍ବାଚନ ଲଢ଼ି ନ ପାରିବା ପାଇଁ ଚାରିଥର ଷଡଯନ୍ତ୍ର କରି ବିଫଳ ହେବାପରେ ଏବେ 'ଏକଛତ୍ରବାଦୀ' ପ୍ରଚାର ଚଳାଇଛନ୍ତି ।

# ଏକ ଗ୍ରାମ ଏକ ପରିବାର ଯୋଜନା

**ହେମନ୍ତ କୁମାର ପରିଡ଼ା**

ସନାତନ ସଂସ୍କୃତିର ବାର୍ତ୍ତାବହ ହେଉଛନ୍ତି ଭାରତ ବର୍ଷର ସାଧୁସନ୍ଥ ମୁନିଋଷି ଗଣ । ଏମାନେ ଆପଣା ତ୍ୟାଗ ତପସ୍ୟା ଓ ଅନୁଭବଲବ୍ଧ ସତ୍ୟକୁ ସାରା ସଂସାରର କଲ୍ୟାଣ ପାଇଁ ବିନିଯୋଗ କରିଛନ୍ତି । ଭାରତ ବର୍ଷ ହେଉଛି ପୂତ ପବିତ୍ର ତପୋଭୂମି । ଏହାର କୋଣଅନୁକୋଣରେ ସାଧୁସନ୍ଥ, ମୁନିଋଷିମାନେ ତପସ୍ୟ କରି ଏହି ମାଟିକୁ ପୂତ ପବିତ୍ର କରିଛନ୍ତି । ଆମେ ସବୁ ସେହି ମୁନିଋଷି ମାନଙ୍କର ଦାୟାଦ । ଏହି ମାନଙ୍କର ଆଦର୍ଶ ଓ ମାର୍ଗ ଦର୍ଶନରେ ଭାରତ ବର୍ଷର ଅଧିବାସୀମାନେ ଆପଣା ଜୀବନକୁ ଧନ୍ୟ କରିଛନ୍ତି, ପରିପୂର୍ଣ୍ଣ କରିଛନ୍ତି । ସାରା ସୃଷ୍ଟିକୁ ଧନ୍ୟ କରିଛନ୍ତି ।

ସାଧୁସନ୍ଥମାନେ ସଂସାରରେ ସ୍ରଷ୍ଟାଙ୍କ ସ୍ୱରୂପ ଅଟନ୍ତି । ଏମାନେ ଲୋକ ଦୃଷ୍ଟିରେ ସାକ୍ଷାତ ଈଶ୍ୱର ଆଉ ଧରଣୀର ଆଶୀର୍ବାଦ ଅଟନ୍ତି । ସନାତନ ସମାଜ ସାଧୁସନ୍ଥ ମାନଙ୍କୁ ବହୁ ଭାବରେ ଶ୍ରଦ୍ଧା ସମ୍ମାନ କରିଆସିଛି । ଆସ୍ଥା ବିଶ୍ୱାସର ପ୍ରତୀକ ଭାବେ ଆଦର ପୂର୍ବକ ହୃଦୟରେ ସ୍ଥାନ ଦେଇଛି । ସେ ସନକ ସନାତନ ଆଦି ଚାରି କୁମାର ହୁଅନ୍ତୁ, ଚଉଦ ମନ ହୁଅନ୍ତୁ ଅଥବା ସପ୍ତଋଷି ହୁଅନ୍ତୁ । ସୃଷ୍ଟି ଆରମ୍ଭରୁ ଗଢ଼ି ଆସିଥିବା ଏହି ସୁଦୀର୍ଘ ପରମ୍ପରାର ଧାରା ଏବେବି ଅବାରିତ ଭାବେ ପ୍ରବାହିତ ହୋଇ ସୃଷ୍ଟିକୁ ସରସ ସୁନ୍ଦର କରିଆସିଛି । ସମୟକ୍ରମେ ଏହି ମହାନ ପରମ୍ପରାରେ ମଣିଷର କୁଟିଳ ପ୍ରବୃତ୍ତି କଳଙ୍କ ଲଗାଇଛି । ଗଭୀର ଆସ୍ଥା ବିଶ୍ୱାସ ଓ ସରଳତାର ସୁଯୋଗ ନେଇ ଚତୁର ବ୍ୟକ୍ତିମାନେ ଲୋଭ ପରବସ ହୋଇ ଠକିବାର ସହଜ ପନ୍ଥା ଆପଣାଇଛନ୍ତି । ମହାନ ବିଦ୍ୱାନ ରାବଣ, କୁଟିଳ ମନା କାଳନେମି ଭଳି ଚତୁର ବ୍ୟକ୍ତିମାନେ ଏହି ପନ୍ଥା ଅବଲମ୍ବନ କରି ସମାଜକୁ ଭ୍ରମିତ କରିଛନ୍ତି । କୁସଂସ୍କାର ସୃଷ୍ଟି କରିଛନ୍ତି । ତୈଳବିନ୍ଦୁ ଜଳରେ ବିସ୍ତାରିତ ହୋଇଗଲା ଭଳି ବ୍ୟକ୍ତିମାନଙ୍କର କୁଆଚରଣର ପ୍ରଭାବ ଖୁବ ଶୀଘ୍ର ସମାଜରେ ବିସ୍ତାର ଲାଭ କରେ । ବ୍ୟକ୍ତିର ବ୍ୟକ୍ତିତ୍ୱ ଅନୁଷ୍ଠାନର ଆଦର୍ଶ ଓ ଲୋକପ୍ରିୟତା ରାତ୍ରୀର ତାରାଯୁକ୍ତସକାଳୁ ସତ୍ତା ହରାଇଲା ଭଳି ସମାଜ ସମ୍ମୁଖରେ ପ୍ରତ୍ୟାଖ୍ୟାତ ହୁଏ । ତେଣୁ ସାଧୁ ସାବଧାନ ହୋଇ ଚାଲିବା ଦରକାର । ବହୁ କଷ୍ଟ ଅର୍ଜିତ ଚରିତ୍ର ବଡ଼ା, ଯଶ ପ୍ରତିଷ୍ଠା କ୍ଷଣକରେ ଧୂଳିସାତ୍ ହୋଇପାରେ । ଖାଲି ସେତିକି ନୁହେଁ ବ୍ୟକ୍ତିର ସଠ ଆଚରଣକୁ ଅନୁଭବ କରି ଏକ ମହାନ ସଂସ୍କୃତି ପ୍ରତି ଲୋକମାନେ ଆଙ୍ଗୁଳି ନିର୍ଦ୍ଦେଶ କରନ୍ତି । ଆସ୍ଥାହୀନ ହୋଇଯାଆନ୍ତି । ବିଶ୍ୱାସ ହରାନ୍ତି । ସଂସ୍କୃତି ସଭ୍ୟତାର ସୁରକ୍ଷା ସର୍ବୋପରେ ।

ଆସ୍ଥା, ବିଶ୍ୱାସ ହେଉଛି ଜୀବନରେ ସଫଳତାର ଶ୍ରେଷ୍ଠ ପୁଞ୍ଜି ଓ ଚାବିକାଠି । ସାଧୁସନ୍ଥମାନେ ସମାଜର ମାର୍ଗଦର୍ଶନ । ଏମାନେ ଆପଣା ଆଦର୍ଶବୋଧ ଓ ଶକ୍ତି ଦ୍ୱାରା ମାନବତୋର ଉତ୍ତରଣ ପାଇଁ ପ୍ରୟାସ କରିଆସିଛନ୍ତି । ଏମାନେ ସମାଜ ସଂସ୍କାରକ ତଥା ନିୟାମକ ଅଟନ୍ତି । ଯଶୋଦେହେ ଆୟୁଷ୍ମାନ ହୋଇ ଅମରତାର ଅମୀୟ ଆସାଦ ଲାଭ ପାଇଁ ମାର୍ଗଦର୍ଶନ କରିଆସୁଛନ୍ତି । ସମାଜରେ ସର୍ବଦା ଏମାନଙ୍କର ଘୋର ଆବଶ୍ୟକତା ଅଛି । ଏମାନେ ସବୁ ଭଗବାନଙ୍କର ବିଶେଷ ବିଭୂତି ଅଟନ୍ତି । ସତ୍ୟ, ସାଧାୟ ଓ ତପ ନିଷ୍ଠା ଦ୍ୱାରା ଏମାନଙ୍କ ପ୍ରୟାସରେ ଅସମ୍ଭବ ସମ୍ଭବ ହୋଇପାରିବ । ପ୍ରୟାସ ବ୍ୟକ୍ତିଗତ ସ୍ତରରେ ହେଉ, ପ୍ରୟାସ ସାମୁହିକ ସ୍ତରରେ ହେଉ । ବିକାଶ ପାଇଁ ଏହା ବିଧେୟ । କଳିଯୁଗରେ ସଂଘଶକ୍ତିର ପ୍ରଭାବ ଅଧିକ । ସବୁର ମୂଳରେ ବ୍ୟକ୍ତି । ଜଣେ ଜଣେ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ସତ ସଂକଳ୍ପ, ସତ୍ୟନିଷ୍ଠ ତ୍ୟାଗ ଭାବନା ବହୁ ଲୋକଙ୍କୁ ପ୍ରଭାବିତ କରେ । ସମୂହ ପ୍ରଭାବିତ ହୁଅନ୍ତି । ମାନବ ସମ୍ବଳ ଶ୍ରେଷ୍ଠ ସମ୍ବଳ । ଏହାଦ୍ୱାରା ସଙ୍ଗଠନ ଶକ୍ତିଶାଳୀ ହୁଏ । ଅକ୍ଳେଶରେ ଛିଡ଼ି ଯାଉଥିବା ସୂତାଖିଅ ଗୁଡ଼ିକୁ ଦଉଡି କରିଦେଲେ ତାହା ଆଉ ଛିଡ଼ାଇବା ସହଜ ହୁଏନାହିଁ । ପୃଥିବୀରେ ପ୍ରତିଫଳିତ ସମସ୍ତ ମହାନ କାର୍ଯ୍ୟ ସାମୁହିକ ଉଦ୍ୟମର ପରିପ୍ରକାଶ । ସେତୁବନ୍ଧ ପ୍ରତିଷ୍ଠାରେ କ୍ଷୁଦ୍ର ଗୁଣ୍ଡୁଚି ମୂଷାର ସହଯୋଗ ମଧ୍ୟ ସମାଜ ଦ୍ୱାରା ସ୍ୱୀକୃତ ହୋଇଛି । ତେଣୁ ସମସ୍ତଙ୍କୁ ସାଦର ସ୍ୱାଗତ କରିବା ସଂଘ ଶକ୍ତିର ଆଦର୍ଶ । ଅନେକଙ୍କୁ ସାଥିରେ ନେଇ ଆଗେଇବା ସଂଘ ଶକ୍ତିର ପରିଚାୟକ । ସାଧୁମାନେ ସମର୍ପିତ ବ୍ୟକ୍ତି ସେମାନଙ୍କୁ ସଙ୍ଗଠିତ, ପ୍ରଶିକ୍ଷିତ ଓ ବ୍ୟବସ୍ଥିତ କରି ଦେଶ ଜାତି ସମାଜ ପାଇଁ ବହୁତ କାର୍ଯ୍ୟ କରାଯାଇପାରିବ । ତ୍ୟାଗୀ ଉଦାର ଚରିତ୍ର ସମ୍ପନ୍ନ ବ୍ୟକ୍ତି ସାଧୁ ପଦବାଚ୍ୟ ।

ଆମ ରାଜ୍ୟରେ ଅନେକ ସାଧୁସନ୍ଥ ଅଛନ୍ତି । ଗ୍ରାମ ଠାରୁ ଆରମ୍ଭ କରି ବଡ଼ ବଡ଼ ସହର ଯାଏ ସବୁଆଡ଼େ ସେମାନେ ଲୋକ ସମ୍ପର୍କରେ ଅଛନ୍ତି । ଲୋକେ ସେମାନଙ୍କୁ ସମ୍ମାନ କରନ୍ତି । ଦାନ ଦକ୍ଷିଣା ଦ୍ୱାରା ସାଧୁମାନେ ପ୍ରତିପାଳିତ ହୁଅନ୍ତି । ସାଧୁମାନେ ସଙ୍ଗଠିତ ଓ ବ୍ୟବସ୍ଥିତ ହେଲେ ଅସାଧ୍ୟ ସାଧନ କରିପାରିବେ । ସମାଜର ଅଶେଷ କଲ୍ୟାଣ ସାଧନ ହୋଇପାରିବ । ସାଧୁତା ବେଶଭୂଷାରେ ନ ହୋଇ ଚରିତ୍ରରେ ଫୁଟି ଉଠିବା ଦରକାର । ସାଧୁସଙ୍ଗଠନ ଓ ତାର ରୂପରେଖ ନେଇ ଆମର କିଛି ଚିନ୍ତନ - ତଥ୍ୟ ସଂଗ୍ରହ - (କ) - ଓଡ଼ିଶାର ଗ୍ରାମ ସଂଖ୍ୟା, (ଖ) - କେଉଁ ଗ୍ରାମ ବା ସହରରେ କେଉଁ କେଉଁ ସାଧୁ ଅବସ୍ଥାନ କରୁଛନ୍ତି । ସେମାନଙ୍କର ସବିଶେଷ ସୂଚନା ସଂଗ୍ରହ । ସୂଚନା ସରଣୀ - ଭେକଧାରୀ ତ୍ୟାଗୀ (କେଉଁ ସମ୍ପ୍ରଦାୟ), ୨. ଭେକ ଧାରୀ ଗୃହସ୍ତ, ୩. ସାଧୁ ସନ୍ନ୍ୟାସୀ, ୪. ସାଧୁ ବୈଷ୍ଣବ, ୫. ଅନ୍ୟ ପରମ୍ପରାର, ୬. ସାଧୁ, ସଭାବର ବ୍ୟକ୍ତି, ୭. ଅନ୍ୟାନ୍ୟ । ଶିକ୍ଷିତ (ଶିକ୍ଷାଗତ ଯୋଗ୍ୟତା), ୨. ସାଧାରଣ ଶିକ୍ଷିତ, ୩. ମଠ, ଆଶ୍ରମ ବା ଅନୁଷ୍ଠାନଧାରୀ, ୪. ବୁଲା ସାଧୁ, ୫. ଗୃହସ୍ତ / ସମାଜସେବୀ, ୬. ବ୍ରହ୍ମଚାରୀ / ବିଦ୍ୟାର୍ଥୀ, ୭. ଅନ୍ୟାନ୍ୟ । ସାଧୁଙ୍କ ଦ୍ୱାରା ପୋଷ୍ୟ ଗ୍ରାମ ଗ୍ରହଣ : - ଯୋଗ୍ୟତା ଭିତ୍ତିରେ ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ ଗ୍ରାମର ଦାୟିତ୍ୱ ଅର୍ପଣ । ଯେଉଁ ସାଧୁଙ୍କର ଯେଉଁ ସ୍ଥାନରେ ମଠ ବା ଆଶ୍ରମ ଆଦି ଅଛି ସେ ଚାହିଁଲେ ସେହି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିବେ । ସେହି ଗ୍ରାମର ସର୍ବାଙ୍ଗୀନ ବିକାଶ ଦାୟିତ୍ୱ ସେ ସାଧୁଙ୍କ ଉପରେ ରହିବ । ସାଧୁସନ୍ଥ ମାନଙ୍କୁ ପ୍ରଶିକ୍ଷଣ - ଧର୍ମ ଧାରଣା, ଶାସ୍ତ୍ରୀୟ ଜ୍ଞାନ, ସାମାଜିକ ସମରସାତା ସମ୍ବନ୍ଧରେ ଜ୍ଞାନ, କର୍ମକାଣ୍ଡ, ସ୍ୱାସ୍ଥ୍ୟସେବା, ସମାଜ ସେବାରେ ଆସୁଥିବା ଆବଶ୍ୟକୀୟ ଜ୍ଞାନ, ଜନସେବା, ଦେଶ ସେବା, ଦେଶ ଭକ୍ତି, ସ୍ୱାବଲମ୍ବନ ଶୀଳତା ଆଦି ସାଧୁର ସମ୍ବଳ । ସାଧୁ ସରଳ, ଉଦାର ଓ ସେବା ପରାୟଣ ହେବା ଉଚିତ ।

ଏକ ଗ୍ରାମ ଏକ ପରିବାର ଯୋଜନା - ପ୍ରତ୍ୟେକ ଗ୍ରାମର ପରିଚାଳନା ଓ ବିକାଶ ଏକ ସମବାୟ ସମିତି ଅଧୀନରେ ରହିବ, ଅର୍ଥାତ୍ ପ୍ରତ୍ୟେକ ଗ୍ରାମ ଏକ ସମବାୟ ସମିତି ହେବ । ଲୋକେ ଏକତ୍ର ଅବସ୍ଥାନ କରିବେ, ଏକତ୍ର ଭୋଜନ କରିବେ । ସମିତି ସମସ୍ତଙ୍କର ରହିବା, ଖାଇବା, ସ୍ୱାସ୍ଥ୍ୟ, ଶିକ୍ଷା, ବସ୍ତ୍ର ପରିଧାନ, ମନୋରଞ୍ଜନ ବ୍ୟବସ୍ଥା କରିବ । ସମିତି ନିର୍ଦ୍ଦେଶରେ ସଭ୍ୟମାନେ କାର୍ଯ୍ୟ କରିବେ । ଯିଏ ଯେଉଁ କାମ କରୁଥିଲେ ସେହି କାମ କରିବେ । ପୂର୍ବରୁ ନିଜ ପାଇଁ କରୁଥିଲେ ଏବେ ନିଜ ସମିତି ପାଇଁ କରିବେ । ଚାଷବାସ, ଆୟଦେୟ ସବୁ ସମିତି ଦାୟିତ୍ୱରେ ପରିଚାଳିତ ହେବ । ସମିତି ସମସ୍ତ ଗ୍ରାମବାସୀଙ୍କ ସକଳ ପ୍ରକାର ଦାୟିତ୍ୱ ପରିବାରର ମୁରବୀ ଭଳି ବୁଝିବ । ପ୍ରତ୍ୟେକ ଘରର ସମସ୍ତ ସାମାଜିକ ଉତ୍ସବ, ସାମାଜିକ କାର୍ଯ୍ୟ, ଚାଷବାସ, ବନ୍ଧୁ ବାନ୍ଧବ, ମେଳା ମହୋତ୍ସବ, ପର୍ବପର୍ବାଣୀ, ବ୍ୟକ୍ତିଗତ ଜନ୍ମ ଉତ୍ସବ, ମୃତ୍ୟୁର କ୍ରିୟାକର୍ମ, ପିଲାମାନଙ୍କର ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୁବିଧା, ସବୁକିଛି ସମିତିର ଦାୟିତ୍ୱ ହେବ । ଗ୍ରାମରେ ଥିବା ମଠ ମନ୍ଦିର ଧର୍ମାନୁଷ୍ଠାନ, ଅବସର ବିନୋଦନ କେନ୍ଦ୍ର, ସୁଖଶାନ୍ତି, ସଭାଗୃହ, ଖେଳ ପଡ଼ିଆ, ବିଦ୍ୟାଳୟ, ପାଠାଗାର, ବ୍ୟକ୍ତି ବିକାଶର ସମସ୍ତ ବ୍ୟବସ୍ଥା ଓ ପରିଚାଳନା ଭାର ସମିତିର । ଲୋକଙ୍କ ପାଇଁ ଯାହା ଯାହା ଆବଶ୍ୟକ ତାହା ସମିତି ବ୍ୟବସ୍ଥା କରିବ । ସମିତି ସ୍ୱାବଲମ୍ବୀ ହେବ । ସମସ୍ତଙ୍କ ସମ୍ପତ୍ତି ଅଲିଖିତ ଭାବେ ସମିତିର ସମ୍ପତ୍ତି ହେବ । ସମିତି ସମସ୍ତଙ୍କର ସମ୍ପୂର୍ଣ୍ଣ ଭରଣପୋଷଣ କରିବ । ଆୟର ବ୍ୟୟର ହିସାବ ରଖି ସହିତ ଯଥାର୍ଥ ଭାବେ ସମିତି ଓ ଲୋକମାନଙ୍କ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବେ । ସମିତିରେ ସବୁ ସଦସ୍ୟ ସମାନ । ସମିତି ପାଖରେ କୌଣସି ଭେଦଭାବ ରହିବ ନାହିଁ । ଜାତି, ଧର୍ମ, ବର୍ଣ୍ଣ, ଭେଦ ରହିବ ନାହିଁ । ଛୁଆଁ ଅଛୁଆଁ ଭେଦ ରହିବ ନାହିଁ । ସମସ୍ତେ ଆପଣା ଯୋଗ୍ୟତା ଅନୁସାରେ କାମ କରିବେ । ମତମତାନ୍ତର, ଈର୍ଷାଦ୍ୱେଷ ନୁହେଁ ଶ୍ରଦ୍ଧା ପ୍ରେମରେ କାର୍ଯ୍ୟ ଚାଲିବା ଗ୍ରାମର ସଚଳ ବ୍ୟକ୍ତିମାନେ ଆରମ୍ଭରେ କିଛି ହରାଇବା ଭଳି ବୋଧ ହେବ । ନିମ୍ନ ସ୍ତରରେ ଥିବା ବ୍ୟକ୍ତିମାନେ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶନ କରିବେ । ସମସ୍ତେ ଉଦାର ହୃଦୟରେ ଏହି ମହତ୍ କାର୍ଯ୍ୟକୁ ସହଯୋଗ ଭିତ୍ତିରେ ଆଗେଇ ନେବେ । ସମୟକ୍ରମେ ଏହାର ସୁଫଳ ଅନୁଭୂତ ହେବ । ଏକ ମନ ଏକ ପ୍ରାଣ ହୋଇ ଏକ ପରିବାରର ସଦସ୍ୟ ଭାବେ ସମସ୍ତେ ଚଳିବେ । 'ବେଦ' ବିଭେଦରେ ନୁହେଁ ଏକତ୍ୱରେ ବିଶ୍ୱାସ ରଖେ । ଆମେ ସମସ୍ତେ ଏକ ମଣିଷ ଜାତି । ଆମ ଧର୍ମ ପ୍ରେମଧର୍ମ । ମାତୃଭୂମି ଆମର ଆରାଧ୍ୟା ଆମର ମା' । ମାତୃଭୂମି ଓ ମାତୃଭୂମିର ଅଧିବାସୀ ମାନଙ୍କୁ ଆମେ ଆପଣା ପରିବାରର ସଦସ୍ୟ ବୋଲି ଭାବି ଚଳିବା । ଆପଦ ବିପଦରେ ସମସ୍ତେ ସମସ୍ତଙ୍କ ପ୍ରତି ସହଭାଗୀ ହେବେ । ସେବା ପରାୟଣ ହେବେ ।

ସୁଖ ଶାନ୍ତିରେ ଜୀବନଯାପନ ପ୍ରତ୍ୟେକଙ୍କର ପ୍ରାଥମିକ ଆବଶ୍ୟକତା । ଯେଉଁଦିନ ଆମେ ଜନ୍ମ ହେଲେ ଏ ପୃଥିବୀ ଆମକୁ ସ୍ୱାଗତ କରିଥିଲା ଆଉ ମୃତ୍ୟୁ ଦ୍ୱାରା ଆମକୁ ବିଦାୟ ଦେବ । ଆମେ କିଛି ନେଇକି ଆସି ନଥିଲେ, ଗଲାବେଳେ ମଧ୍ୟ କିଛି ନେଇକି ଯିବା ନାହିଁ । କାଳ କବଳିତ ସମସ୍ତେ । ସମୟ ସମସ୍ତଙ୍କର ସତ୍ତା ଲିଭାଇ ଦେଇଛି । ବଡ଼ ବଡ଼ ମହାପୁରୁଷ ମାନଙ୍କ ନାମ ନିଶାନ ମଧ୍ୟ ନାହିଁ । ପୁରାଣ ପୃଷ୍ଠା ମଣ୍ଡନ କରିଥିବା ଦେବା ଦେବୀ ମାନଙ୍କର ଜନ୍ମ ମୃତ୍ୟୁର ହିସାବ କେହି ରଖି ନାହାଁନ୍ତି କିମ୍ବା ସେମାନଙ୍କର ସଞ୍ଜ୍ଞା ନିରୂପଣ ନାହିଁ । ତେଣୁ ଏବେ ଯଦି ଆମେ ଆମ ପୃଥିବୀରୁ ପରିଚୟ ଗତ ବର୍ଣ୍ଣ ବ୍ୟବସ୍ଥା ବା ସଞ୍ଜ୍ଞା ସହିତ ଜାତିଭେଦ ଉଠାଇ ଦିଅନ୍ତେ ତେବେ ପୃଥିବୀରୁ ଅନେକ ଅଶାନ୍ତତି ଶାନ୍ତି ହୋଇଯାଆନ୍ତା । ଆମେ ସମସ୍ତେ ମଣିଷ ଜୀବନ ଧାରଣ ପାଇଁ ଶ୍ରଦ୍ଧା ପ୍ରେମର ସହିତ ଆବଶ୍ୟକୀୟ କର୍ମ କରି ଶାନ୍ତି ଆନନ୍ଦରେ ନିବାସ କରିପାରନ୍ତେ ତ । ସାରା ବିଶ୍ୱ ଏକ ପରିବାର ହୋଇପାରନ୍ତା । ଏକତ୍ର ନିବାସ, ଏକତ୍ର ଭୋଜନ ସାମହିକ ସାର୍ବଜନୀନ ପ୍ରାର୍ଥନା ସକାଳେ ସନ୍ଧ୍ୟା ପ୍ରତ୍ୟେକ ପ୍ରତ୍ୟେକଙ୍କ ମୁହଁ ଚାହିଁବା ଦ୍ୱାରା ଆନ୍ତରିକତା ବୃଦ୍ଧି ପାଇବ । ଭେଦଭାବ ଦୂର ହୋଇଯିବ । ପରିବାର ବୋଧ ସୃଷ୍ଟି ହେବ, ମାନବ ସମ୍ବଳ ସବୁଠାରୁ ଶ୍ରେଷ୍ଠ ସମ୍ବଳ । ସ୍ୱାର୍ଥ ନୁହେଁ ପରାର୍ଥ ଆମର କାମ୍ୟ । ଟଙ୍କା ବଡ଼ ନହେଁ ମଣିଷ ବଡ଼ । ଯେତେ ପାରୁଛ ମଣିଷ ଧର । ମାନବ ଶକ୍ତି ସାକ୍ଷାତ ମାଧବ ରୂପରେ ସର୍ବ ନାମ ରୂପରେ ଉପସ୍ଥିତ ରହି ଆମର ସହାୟକ ହେବେ । ସେବା, ପ୍ରେମ, ସହାନୁଭୂତି ଓ ସହାବସ୍ଥାନରେ ଜୀବନ ସୁଖଦ ସୁନ୍ଦର ହେବ । ଏକ ଗ୍ରାମ ଏକ ପରିବାର ପରିବ୍ୟାପ୍ତ ହୋଇ ବିଶ୍ୱ ପରିବାରରେ ପରିଣତ ହୋଇଯିବ । ସାରା ବସୁଧା ଏକ ଆମେ ସମସ୍ତେ ଏହି ଏକ ପରିବାରର ସଦସ୍ୟ । ଆସ ଅପୁରନ୍ତ ଶ୍ରଦ୍ଧା ସ୍ନେହ ପ୍ରେମ ନେଇ ଆମ ଏହି ଧରଣୀକୁ ସ୍ୱର୍ଗ ସୁଷମାରେ ଭରିଦେବା । ସାଧୁସନ୍ଥ, ବୁଦ୍ଧିଜୀବୀ ଓ ନେତୃ ସ୍ଥାନୀୟ ବ୍ୟକ୍ତିମାନେ ଏହି ଉଦ୍ୟମର ସଫଳ ରୂପାୟନ ପାଇଁ ପ୍ରୟାସି ହୁଅନ୍ତୁ । ନୂତନ ଚିନ୍ତା ଚେତନାରେ ଉଦ୍ୟମକୁ ଶ୍ରୀମନ୍ତ କରନ୍ତୁ । ଅନେକ ଆଶା ଓ ଅଶେଷ ଶୁଭ କାମନା ସହିତ ।



— ଆମ ଠିକଣା —
ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ପାଣି ଟୋପା ଖସି ପଡ଼ୁଛି



ପାଣି ଟୋପା ଖସି ପଡ଼ୁଛି
ଧାର ହୋଇ ତାହା ଗଡ଼ୁଛି
ବେଙ୍ଗୁଲୀ ନାନୀଟି
ମୁଣ୍ଡ ଟେକି ଦେଖେ
ପତରରୁ ପାଣି ଝଡ଼ୁଛି ।
ବରଷା ହେଉଛି ଚାଳରେ
ପାଣି ଧାର ମିଶେ ନାଳରେ
ନାଳ ମିଶେ ନଦୀ
ନଦୀ ସମୁଦର
ବେଶି ବରଷା ତ କାଳରେ ।
ଅନ୍ଧାର ହୋଇଛି ଆକାଶ
ବରଷି ହୋଇବ ପ୍ରକାଶ
ଏଇବେଳେ ଆମେ
ଯିବାନି ପଦାକୁ
ସତର୍କତା ଆମ ସକାଶ ।
ଅତି ଦରକାର ଯିବାରେ
ଛତା ବରଷାତି ନେବାରେ
ବରଷା ଭିଜିବା
ଭାରି ଅସୁବିଧା
ଏଥିପ୍ରତି ଧ୍ୟାନ ଦେବାରେ ।

*କୀର୍ତ୍ତନ ସାହୁ*
*ମିଶ୍ର କଲୋନୀ*
*ଶାଳ ପଡ଼ା, କେନ୍ଦୁଝର*
*ମୋ- ୯୪୩୮୪୧୪୭୦୧*

## କାଠୁରିଆ ଭାଇ ନପକାଅ ହାଣି

କାଠୁରିଆ ଭାଇ ଶୁଣ ଥରେ ମଗାକାହାଣୀ
ନିଜ ସ୍ୱାର୍ଥ ପାଇଁ ମତେ ନପକାଅ ହାଣି
ଶିଶୁ ବେଳେ ମୋତେ ତୁମେ କରିଲ ଜତନ
ବଡ଼ ହେଲି ଅଙ୍ଗ ମୋର କରୁଛ ଛେଦନ ।
ଦେଉଥିଲି ଫୁଲଫଳ ଛାଇ ଓ ପବନ
ଅଙ୍ଗାରକାମ୍ଳ କୁ ନେଇ ଦେଲି ଅମ୍ଳଜାନ
ରୋଗ ରେ ଔଷଧ ଦେଲି କରିଲ ସେବନ
ବିପଦରୁ ରକ୍ଷା କରି ରଖିଲି ଜୀବନ ।
ମୋ ଡ଼ାଳେ ବସନ୍ତି ଆସି ନିତି ପକ୍ଷୀଦଳ
ଛାଇରେ ଆଶ୍ରୟ ନେଇଥାନ୍ତି ପଶୁକୁଳ
ସରୀସୃପ ମାନେ ଖେଳୁ ଥିଲେ ନିତି ଖେଳ
ବର୍ଷା ହୋଇ ଭରିଯାଏ ଧରଣୀ ରେ ଜଳ ।
ମୋଲାଗି ଚଳକରି ତୁମେ ଘର କରଣା
ନାନା ଫୁଲ ଫୁଟି ଶୋଭା ଦିଶଇ ଅଗଣା
ମୋ ଠାରୁଫଳ ନେଇଭୋଗ ଦିଅ ଲଗାଇ
ଆସବାବ କରି ବସ ନିତି ଯାଅ ଶୋଇ ।
ଝାଡ଼ୁ କରି ଘରସଫା ନିତି ତୁମେ କର
ମତେ କାଟି କରୁଅଛ ରହିବାକୁ ଘର
ଶ୍ରାଦ୍ଧପର୍ବ ପର୍ବାଣୀ ରେ ମଗା ପତ୍ରକୁ ନେଇ
ପୂଜା ସିଦ୍ଧି ହୋଇଥାଏ କହୁଛିରେ ଭାଇ ।
ମଗା ପତ୍ରେ ଭୋଜନ କଲେସନ୍ତୁଷ୍ଟ ବ୍ରାହ୍ମଣ
ସବୁ ଶୁଭ କାମେ ଲାଗେ ମତେ ବନ୍ଧୁମଣ
ରବି ଫସଲକୁ ଦିଏ ମୁଁ ତୁମରି ପାଇଁ
ଧାନ ପନିପରିବା ଦେଇଥାଏ ଯୋଗାଇ ।
ଜାଳେଣି କରୁଛ ନିତି ମୋତେ କାଟିଦେଇ
ମଗା ଆଖିରୁ ଝରିଯାଉଛି ଲୁହର ନଈ
ମଗାର ଭାଇ ବନ୍ଧୁଙ୍କର ଦେଖି ଆଖି ଲୁହ
କାନ୍ଦିଉଠେ ମନ ପ୍ରାଣ ଉଠେ କୋହ ।
ତୁମ ଭୋକ ଶୋଷ ମେଣ୍ଟାଏ ମୁଁ ନିତିଦିନ
କାଠୁରିଆ ଭାଇ କରନାହିଁ ରେ ଛେଦନ
ଶିଶୁ ଠାରୁ ବୃଦ୍ଧ ଯାଏଁ ମୁଁ ତୁମର ବନ୍ଧୁ
ଦୁଃଖସହି ରକ୍ତଢ଼ାଳି ଦେବି ସୁଖ ସିନ୍ଧୁ ।
ଲୁହ ଝରାଇଲା ଶୁଣି କାଠୁ ରିଆ ଭାଇ
ମୁଣ୍ଡେ ହାତରଖି ବସେ କୁରାଢ଼ୀ କୁ ଥୋଇ
ଏମିତି ଭୂଲ୍ଆଉ ମୁଁ କରିବିନାହିଁ ଜମା
ହେ ବନ୍ଧୁ ଥରଟେ ମତେ କରିଦିଅ କ୍ଷମା ।

*ନଳିନୀ ଦାଶ, ଭିକାରିପଡା,*
*ଶରଣକୁଳ, ନୟାଗଡ଼ ।*
*ମୋ- ୯୨୩୮୯୯୭୬୪୯*

# ‘ଚତୁର ଠେକୁଆ’

ଗୋଟିଏ ଘଞ୍ଚ ଜଙ୍ଗଲ ଭିତରେ ଅନେକ ପଶୁପକ୍ଷୀ ରହୁଥାଆନ୍ତି । ସେ ଜଙ୍ଗଲରେ ଥାଏ ଗୋଟିଏ ଚାଲାକ ଠେକୁଆ । ଦିନେ ସେ ଜଙ୍ଗଲରେ ଯାଉ ଯାଉ ଅଳ୍ପ ଦୂରରେ ଗୋଟିଏ ସିଂହକୁ ଦେଖିଲା । ଭାବିଲା, କାଳେ ସେ ସିଂହର ଶିକାର ହୋଇଯିବ । ତେଣୁ ସେ ଭୟରେ ଏକ ବୁଦାମୂଳରେ ଲୁଚି ଦେଲା । ଠିକ୍ ଏହି ସମୟରେ ଏକ ହରିଣ ସେହି ରାସ୍ତାଦେଇ ଯାଉଥାଏ । ଅତି ସୁନ୍ଦର ହରିଣଟିଏ । ଠେକୁଆ ମନରେ ତା’ ପ୍ରତି ଦୟା ଆସିଲା । ହରିଣଟି ମଧ୍ୟ ତା’ର ଭଳି ତୃଣଭୋଜୀ ପ୍ରାଣୀ । କିନ୍ତୁ ଆଗରେ ସିଂହ ଥିବା କଥା ହରିଣକୁ ସେ କହିବା ଆଗରୁ ହରିଣଟି ସିଂହର ପାଖାପାଖି ପହଞ୍ଚି ଯାଇଥିଲା । କେମିତି ହରିଣଟିକୁ ବଞ୍ଚାଇବ ଏକ ଉପାୟ ପାଞ୍ଚିଲା ।

ନିରୀହ ହରିଣଟି ସିଂହର ସାମ୍ନାସାମ୍ନି ହେଇଗଲା । ସିଂହ ଗର୍ଜନ କରି ହରିଣକୁ ଧରିବା ପାଇଁ ତା’ ଉପରକୁ ଲମ୍ଫ ପ୍ରଦାନ କରୁଥିବା ସମୟରେ ହରିଣ ଯେମିତି ପ୍ରାଣ ବିକଳରେ ଦୌଡ଼ିବାକୁ ଚେଷ୍ଟା କରିଛି ତା’ର ପଛର ବାମ ଗୋଡ଼ଟି ଭାଙ୍ଗିଗଲା । ସେ ଆଉ ଦୌଡ଼ି ପାରିଲା ନାହିଁ । ସିଂହ ଭାବିଲା- ହରିଣ ତ ଦୌଡ଼ି ପାରୁନି, ଆରାମରେ ଯାଇକି ଧରି ଖାଇବି । ତରବର ହୋଇ ଦୌଡ଼ିବାର କିଛି ଆବଶ୍ୟକତା ନାହିଁ। ଏମିତି ଭାବିକି ସିଂହଟି ଜୋରରେ ହସି ହସି ହରିଣ ପାଖକୁ ଧିରେ ଧିରେ ଆସୁଥାଏ । ହରିଣଟି ଭୟରେ ଥରି ଯାଉଥାଏ । ସିଂହଟି ଯେତେ ପାଖକୁ ଆସୁଥାଏ, ହରିଣଟି ସେତିକି ଥରୁଥାଏ । ଏପଟେ ଭଙ୍ଗା ଗୋଡ଼ର ଯନ୍ତ୍ରଣା, ପୁଣି ସିଂହର ଭୟ । ଆଜି ଆଉ ତା’ର ଜୀବନ ରହିବ ନି । ଏମିତି ଭୟରେ ସେ ସେଠି ପଡ଼ି ରହିଥାଏ । ସିଂହ ତା’ ପାଖକୁ ଆସି ଆହୁରି ଜୋରରେ ହସିଲା । ଠିକ୍ ଏହି ସମୟରେ ବୁଦା ମୂଳରେ ଲୁଚିଥିବା ଠେକୁଆଟି ତା’ର ସାହସ ଜୁଟାଇ ଆସି ସେ ମଧ୍ୟ ହରିଣଟିକୁ ଦେଖି ହସିଲା ଏବଂ ନାଚିଲା । ହଠାତ୍ ଠେକୁଆଟିଏ ଆସି ହସିଲା ଦେଖି ସିଂହ ଏବଂ ହରିଣ ଆଶ୍ଚର୍ଯ୍ୟ ହୋଇଗଲେ । ଏଥର ଠେକୁଆ କହିଲା- ଦୁଷ୍ଟ ଛୋଟା ହରିଣ । ତୋତେ ମୁଁ ବହୁତ ସମୟ ହେଲା ଖୋଜୁଛି । ଏବେ ପାଇଗଲି । ଠେକୁଆର କଥା ଶୁଣି ସିଂହ ପଚାରିଲା- କାହିଁକି ତୁ ଏଇଟାକୁ ଖୋଜୁଛୁ ? ତୋର କ’ଣ କାର୍ଯ୍ୟ ତା’ଠାରେ ଅଛି ? ଏଇଟା ମୋର ଶିକାର । ଠେକୁଆଟି କହିଲା- ତମେ ଜାଣିନ ଏ ହରିଣ ବିଷୟରେ ସିଂହ ଭାଇ । ଏଇ ହରିଣ ଜଣେ ବାବାଙ୍କ ଠାରୁ ଆଶୀର୍ବାଦ ପାଇଛି । ଯେଉଁଦିନ ତା’ର ପଛ ବାମ ଗୋଡ଼ ଭାଙ୍ଗିବ ସେଦିନ ସେ ଏ ରାଜ୍ୟର ରାଜାଙ୍କ ଲୋକ ଆସି ଏହାକୁ ନେଇଯିବେ । ରାଜାଙ୍କର ଏହା ଏକ ପଣ୍ଡିତ ଭାବରେ ସବୁ କଥା କହି ପାରିବ । ସିଂହ କହିଲା- ଯା.. ଏ ତ ଘଞ୍ଚ ଜଙ୍ଗଲ। ଏଠାକୁ କାହାର ସାହସ ଯେ ଏହାକୁ ନେଇ ଆସିବ । ଏଇଟା ମୋର ଶିକାର । ତା’ପରେ ତୋତେ ବି ଖାଇବି ।



ଠେକୁଆ ଭୟରେ ଛେପ ଢୋକିକି ଭାବିଲା ଆଉ କିଛି ଗୋଟିଏ କହିବି । ନ ହେଲେ ଏ ସିଂହଟା ଆମ ଦୁହିଁଙ୍କୁ ସଫା କରିଦେବ । ସେ କହିଲା- ରହ ସିଂହ ଭାଇ । ମୁଁ ତ କ୍ଷୁଦ୍ର ଜୀବଟିଏ। ମୋତେ ଖାଇଲେ ତୁମ ପେଟ ପୂରିବ ନାହିଁ । ଆଉ ଗୋଟିଏ ମୁଖ୍ୟ କଥା ରହିଗଲା । ଯିଏ ଏହାର ଗୋଡ଼ ଛୋଟା ଭାବିକି ଖାଇବ ସିଏ ବି ହରିଣ ହୋଇଯିବ,କିନ୍ତୁ ତାକୁ ରାଜାଙ୍କ ଲୋକ ନେବେ ନାହିଁ । ସେ ଏ ଜଙ୍ଗଲରେ ଅନ୍ୟ ହିଂସ୍ର ପଶୁଙ୍କ ଶିକାର ହେଇଯିବ । ଏକଥା ସେ ବାବାଜି ଜଣକ ହରିଣ ଭାଇକୁ କହିଛନ୍ତି। ହରିଣ ବି ଠେକୁଆ ତାକୁ ବଞ୍ଚାଇବାକୁ ଯାଇ ମିଛ କଥା ସବୁ ସଜେଇକି କହୁଥିବାର ଜାଣି ପାରୁଥାଏ ଏବଂ ହଁ ହଁ କରୁଥାଏ। ଯଦି ତୁମେ ଏହାକୁ ଖାଇବାକୁ ଚାହୁଁଛ, ତେବେ ପ୍ରଥମେ ତୁମ ଦାନ୍ତଗୁଡ଼ିକୁ ଏବଂ ପଞ୍ଝାର ନଖଗୁଡ଼ିକୁ ପଥରରେ କାମୁଡ଼ି ଘଷିକି ଧାରୁଆ କରିବାକୁ ହେବ । ଦାନ୍ତ ଓ ନଖ ଧାରୁଆ କରି ଖାଇଲେ ଆଉ ତୁମେ ହରିଣ ହୋଇ ପାରିବ ନାହିଁ । ଏ ସବୁ ସେ ବାବାଙ୍କ କଥା ।

ଏକଥା ଶୁଣି ସିଂହଟି ପାଖରେ ଥିବା ଏକ ବଡ଼ ପଥରକୁ ଜୋରରେ କାମୁଡ଼ି ଦେବାରୁ ତା’ର ଦାନ୍ତଗୁଡ଼ାକ ଭାଙ୍ଗି ରକ୍ତ ବାହାରି ଅନେକ କଷ୍ଟ ଦେଲା । ତା’ର ପଞ୍ଝାର ନଖ ଗୁଡ଼ିକ ମଧ୍ୟ ଥୁଣ୍ଟା ହୋଇଗଲା । ସେ ହରିଣ ଓ ଠେକୁଆକୁ ଖାଇବା କଥା ଭୁଲିଯାଇ ନିଜର ଯନ୍ତ୍ରଣାରେ ଛଟପଟ ହେଲା । ଏତେ ସମୟ ଭିତରେ ପ୍ରକୃତରେ ହରିଣର ଅଳ୍ପ ଆଘାତ ଲାଗିଥିବା ଗୋଡ଼ଟି ଟିକିଏ ଭଲ ହୋଇ ଯାଇଥିଲା । ସିଂହଟି ତାଙ୍କ ଆଡ଼କୁ ଦେଖିବା ଆଗରୁ ସେ ଦୁହେଁ ସେଠାରୁ ଜୋରରେ ଦୌଡ଼ି ପଳାଇ ଗଲେ । ବହୁ ଦୂରକୁ ଯାଇ ସେ ଦୁହେଁ ଛିଡ଼ା ହେଲେ ଏବଂ ହରିଣକୁ ମରଣ ମୁହଁରୁ ବଞ୍ଚେଇଥିବାରୁ ସେ ଠେକୁଆକୁ ସାବାସ୍ ସାବାସ୍ କହିଲା । ଠେକୁଆ କହିଲା- ଜୀବନକୁ ବିପଦ ଆସିଲେ ଶତ୍ରୁକୁ ମିଥ୍ୟା କହି ବଞ୍ଚିବା ହିଁ ଏକ ମାତ୍ର ରାହା ଅଟେ ।

*ସନ୍ତୋଷ କୁମାର ଅଦାବର*
*ବୀରମହାରାଜପୁର, ସୁବର୍ଣ୍ଣପୁର,*
*ମୋ-୯୭୭୭୯୧୦୭୨୮*



## ଦେଖରେ ଦେଖ ସପନ ଦେଖ

ଦେଖରେ ଦେଖ ସପନ ଦେଖ କିଏ କରୁଛି ମନା
ସପନଟିକୁ ସାକାର କର ଆରେ ସୁମନ,ସନା।
ଯାହାର ନାହିଁ ସପନ କିଛି ହେବ କେମିତି ବଡ଼
ସପନଟିକୁ ରୂପ ଦେବାକୁ ବଢ ଆଗକୁ ବଢ।
ରାମ ରାଇଜ ସପନ ଦେଖିଥିଲେ ଜାତିର ପିତା
ଭାରତ ପାଇଁ ସାରା ଜୀବନ କରୁଥିଲେ ସେ ଚିନ୍ତା।
କାଲାମ୍ ସଦା କହୁଥିଲେରେ ପିଲାମାନଙ୍କ ପାଇଁ
‘ନିଦରେ ଯାହା ଦେଖୁଛ ତାକୁ ସପନ ମଣ ନାଇଁ।
ସପନ ତାହା ଆଖିରେ ଆସି ବିଚଳିତ ଯେ କରେ
ନେଲେରେ ଥରେ କାର୍ଯ୍ୟର ରୂପ ସପନ ସେଠି ସରେ।’
ଗୋପବନ୍ଧୁଙ୍କ ସପନ ଥିଲା ଶିକ୍ଷା ବିକାଶ ପାଇଁ
ଗଢିଲେ ବନବିଦ୍ୟାଳୟ ସେ କିଏରେ ଜାଣେ ନାହିଁ।
ଆମ ସପନ ହେବରେ ସତ ରହିଲେ ଏକାଗ୍ରତା
ମିଳେ ସୁଫଳ ହୁଏରେ ସିଦ୍ଧି ସାଧନା ଥିଲେ ସଦା।
ସାନରୁ ବଡ଼ ଆଖିରେ ରହୁ ସପନ ଖୁନ୍ଦି ହୋଇ
ଅଗ୍ରସର ହେବାକୁ ହେବ ଅଳସ ଦୂରେ ଥୋଇ।
ଦେଖରେ ଦେଖ ସପନ ଦେଖ ନାଇଁରେ ମନା ନାହିଁ
ବଡ଼ ମଣିଷ ହେବା ସପନ ରହୁ ତୁମରି ପାଇଁ।

*ନୀଳମଣି ଚାନ୍ଦ*
*ମନ୍ତ୍ର ମାନୋର,ଗୋଠପାଟଣା*
*ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭*

## ଅଭିଶାପ

ମାଣ୍ଡବ୍ୟ ଋଷି ମଉନ ହୋଇ କଠୋର ତପସ୍ୟାରେ ନିମଗ୍ନ ରହିଥିଲେ । ଯେତେ କଷ୍ଟ ହେଲେ ସୁଦ୍ଧା ସେ ଜମା କାହା ସହିତ କଥାବାର୍ତ୍ତା କରୁ ନ ଥିଲେ । ଥରେ ରାଜାଙ୍କ ଉଆସରୁ ଧନ ଦଉଲତ ଲୁଟିନେଇ ଚୋରମାନ ସଦଳବଳେ ଚମ୍ପଟ ମାରିଲେ । ଚୋର ଡକେଇତମାନଙ୍କୁ ତୁରନ୍ତ କାବୁକରି ଆଣିବାପାଇଁ ରାଜାଙ୍କ ସୈନ୍ୟବାହିନୀର କେତେକ ସୈନ୍ୟ ନିଘଂଚ ଡଙ୍ଗଲ ଆଡେ ଖେଦିଗଲେ । ବହୁ ଖୋଜାଖୋଜି ପରେ ସେମାନେ ଋଷିଙ୍କ ଆଶ୍ରମ ଉପରେ ସେମାନଙ୍କ ନଜର ଲାଖିଗଲା । ଘଂଚ ଜଙ୍ଗଲରେ ମାଣ୍ଡବ୍ୟ ଋଷିଙ୍କ ଆଶ୍ରମ । ମାଣ୍ଡବ୍ୟ ଋଷିଙ୍କ ଆଶ୍ରମରେ ଚୋରଟିଏ ଲୁଚିଛପି ରହିଥିଲା । ସୈନ୍ୟମାନେ ତାଙ୍କୁ ସହଜରେ କାବୁ କରିନେଲେ । ଋଷିବେଶ ଧାରଣ କରି ତପସ୍ୟା କରୁଥିବା ଏଇ ଲୋକଟି ଚୋରଦଳଙ୍କ ଭିତରୁ ଜଣେ ବୋଲି ସେମାନଙ୍କର ଧାରଣା ହେଲା । ସୈନ୍ୟଗଣ ଚୋରଙ୍କ ସାଥିରେ ଋଷିଙ୍କୁ ମଧ ଧରିନେଇ ରାଜାଙ୍କ ସମ୍ମୁଖରେ ହାଜର କରାଇଲେ । ଚୋରିକାମରେ ଲିପ୍ତ ଅପରାଧୀଙ୍କୁ ଶୂଳୀରେ ଚଢେଇବା ପାଇଁ ରାଜା କଡା ହୁକୁମ ଦେଲେ । ଫାଶୀଖୁଣ୍ଟରେ ଝୁଲାଇଲା ପରେ ଚୋରମାନଙ୍କର ସିନା ଅକାଳ ମୃତ୍ୟୁ ହେଲା , ଋଷି କିନ୍ତୁ ଘୋର ତପସ୍ୟାରେ ଲୀନ ରହିଲେ । ରାଜା ହଡବଡେଇ ଯାଇ ଫାଶଖୁଣ୍ଟରୁ ଫାଶ ଫିଟେଇ ଋଷିଙ୍କୁ କ୍ଷମା ପ୍ରାର୍ଥନା କରିବା ବେଳେ ଫାଶର ଅଗଅଂଶ ଅଣିଟି ଋଷିଙ୍କ ଦେହରେ ଫୁଟି ଗଳିଗଲା । ସେଦିନଠାରୁ ସେ ଅଣିମାଣ୍ଡବ୍ୟ ଋଷି ନାମରେ ଖ୍ୟାତ ହେଲେ । ଏଇ ଅଣିଟି ଋଷିଙ୍କ ଶରୀରରୁ ବାହରି ପାରିଲାନି । ସେ କଷ୍ଟ-ଯନ୍ତ୍ରଣା ସହ୍ୟକରି ତପସ୍ୟାରେ ନିମଜ୍ଜିତ ରହିଲେ । ଅନ୍ତିମ ସମୟରେ ସେ ଶରୀର ତ୍ୟାଗକରି ଯମରାଜାଙ୍କ ନିକଟରେ ପହଁଚିଲେ । ଯମରାଜାଙ୍କୁ ପ୍ରଶ୍ନକଲେ –‘ମତେ ତ ଫାଶର ଅଣି ଯୋଗୁ ଅସହ୍ୟ କଷ୍ଟ ଯାତନା ସହ୍ୟ ଭୋଗିବାକୁ ପଡିଲା । ଏହା ମୋର ପାପରେ ଗଣା ହେଲା କିପରି ?’ ଯମରାଜ ଶୁଣାଇଲେ – ’ଆପଣ ପିଲାବେଳୁ ଗୋଟେ କୀଟକୁ ବିନା ବାକ୍ୟ ବ୍ୟୟରେ ଛୁଂଚି ମୂନରେ ଫୋଡି ଦେଇଥିଲେ ।’ ବିଚରା କୀଟଟି ସହ୍ୟ କରିଥିବା କଷ୍ଟ ଯନ୍ତ୍ରଣା ଯୋଗୁ ଆପଣଙ୍କୁ ଏତେ କ୍ଲେଶ ବେଦନା ଭୋଗିବାକୁ ପଡିଲା । ଏହାପରେ ଋଷି କହିଲେ – ‘ସେ ସମୟରେ ମୁଁ ଅବୋଧ ବାଳକଟେ ଥିଲି । ମୋ ଭିତରେ ଭଲ-ମନ୍ଦ ବିଚାରିବାର ହେତୁ ଆସି ନ ଥିଲା ।’ ମୋ ପ୍ରତି ଏଟା ଆପଣଙ୍କ କି ପ୍ରକାର ନ୍ୟାୟ ଯେ ! ତା’ପରେ ସେ ଯମରାଜାଙ୍କୁ ଅଭିଶାପ ଦେଇ କହିଲେ – ‘ମୃତ୍ୟୁଲୋକରେ ତୁମର ଜନ୍ମ ହେବ ।’ ଅଭିଶାପର ପ୍ରଭାବରେ ଯମରାଜା ବିଦୂର ରୂପେ ଜନ୍ମ ଗ୍ରହଣ କରିଥିଲେ ।



*ନଗେନ୍ଦ୍ର ନାଥ ପଟ୍ଟନାୟକ*
*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଓଡିଶା ସରକାର*
*ଓସ୍କାର ସିଟି, ଲେନ ନଂ-୯,ପ୍ଲଟି ନଂ-୪୫୬*
*ଲକ୍ଷ୍ମୀସାଗର କେନାଲ ରୋଡ୍ ,ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

## ସତକୁହ ପୀତବାସ

ନୀଳାଚଳେ ତୁମେ ଲୀଳା କରୁଅଛ
ମଫସଲରେ ମୋ ଘର
କେମିତି ଯିବି ମୁଁ ଏତେବାଟ ପ୍ରଭୁ
ଲାଗୁଅଛି ଭାରି ଡର ।
ରଥରେ ଦେଖିବି ତୁମକୁ ଥରୁଟେ
ମନରେ କରିଛି ଆଶ
ମନକଥା ତୁମେ ପଢ଼ିପାର କାଳେ
ସତ କୁହ ପୀତବାସ ।
ହାତରେ ମୋ ଫଟା ପାହୁଲାଟେ ନାହିଁ
କେମିତି ଚଢ଼ିବି ଗାଡ଼ି
ନୁହେଁ ସାଲବେଗ ନୁହେଁ ମୁଁ ଦାସିଆ
ମୋ ପାଖେ ଲାଗିବ ଧାଡ଼ି ।
ଦିଅ ଦରଶନ ସପନରେ ଆସି
ଏଇ ଭକତକୁ ଥରେ
ଯାଇ ପାରିବିନି ତୁମପାଖେ ପ୍ରଭୁ
ତୁମେ ଆସ ମୋଓ ଘରେ ।

*ଶିଶିର କୁମାର ପଣ୍ଡା*
*କୁଆଁସ , ମେରଦା କାଟିଆ , ଯାଜପୁର*
*ଆଳାପ:ଯ୮୯୮୧୭୩୭୨୨୮*

## ମମତାମୟୀ ମାଆ...

*ଖାଦ୍ୟ ନଖାଇ ମୁଁ ଅଝଟ ହୋଇଲେ*
*କାଖରେ କାଖେଇ ମୋତେ*
*ଜହ୍ନକୁ ଦେଖେଇ ଡାକେ ସେ ସରାଗେ*
*ନୂଆ ଗୀତ ଗାଇ କେତେ*
*ଯେବେ ଶୁଏ ନାହିଁ ମୁହିଁ*
*କୋଳରେ ଶୁଆଇ ଝୁଲାଏ ସେ ମୋତେ*
*ଧୋ ବାୟା ଗୀତ ଗାଇ।*
*ଯଦି କେବେ ମୁହିଁ ରୋଗରେ ପଡଇ*
*ଶୁଖିଯାଏ ତା’ର ମୁହଁ*
*ଚାଲୁ ଚାଲୁ ଯଦି ପଡିଯାଏ ମୁହିଁ*
*ଆଖିରୁ ଝରେ ତା’ ଲୁହ*
*ପାଠ ସେ ପଢାଏ ମୋତେ*
*ଖଡି ସିଲଟରେ ମୋ ଲେଖାକୁ ଦେଖି*
*ଖୁସିରେ ହସଇ କେତେ।*
*ବିଦ୍ୟାଳୟ ଗଲେ ଚାହିଁ ରହିଥାଏ*
*ଫେରିବା ବାଟରୁ ମୋର*
*ଅତି ଶରଧାରେ ମୋ ପାଇଁ ରଖଇ*
*ବହଳିଆ କ୍ଷୀର ସର*
*ଝଡିବର୍ଷା ଯେବେ ହୁଏ*
*ବର୍ଷାତି ପିନ୍ଧାଇ ହାତେ ଛତା ଦେଇ*
*ସ୍କୁଲ ଯିବାକୁ କୁହେ।*
*ଖରା ଓ ଶୀତରେ ଦେହ ଉପଯୋଗୀ*
*ଖାଦ୍ୟ ସେ ରାନ୍ଧଇ କେତେ*
*ଦୁଷ୍ଟାମୀ କରିଲେ ବାପା ତୋଡ କଲେ*
*ପଛରେ ଛୁପାଏ ମୋତେ*
*ଧନ୍ୟ ତା’ ସ୍ନେହ ଆଦର*
*ସେଥିପାଇଁ ସିଏ ସାରା ପରିବାରେ*
*ସବୁଠାରୁ ଆପଣାର।*

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ସେ ଯେ ଚଳନ୍ତି ଠାକୁର

ଭାବି ଭାବି ଦିନେ ମାଆ ଚଢ଼େଇ କୁ
କହିଲା ଟିକି ଚଢ଼େଇ
ସତରେ ଆମକୁ ବଞ୍ଚାଇବା ଲାଗି
କରିଛୁ କେତେ ଲଢେଇ ।
ନିଇତି ସକାଳୁ ଉଡ଼ି ଯାଉ ତୁହି
କେଜାଣି କେତେ ଦୂରକୁ
ଏକ ଲୟେ ଆମେ ଚାହିଁ ରହିଥାଉ
ତୋର ଫେରିବା ବାଟକୁ ।
ସୂରୁଜ ବୁଡିବା ପରେ ଯେବେ ତୁ ମା
ଫେରିଣ ଆସୁ ବସାକୁ
ଆଧାର ଦେଇତୁ କି ଆନନ୍ଦ ଲଭୁ
ଆମେ ଜାଣୁ ସେ ଖୁସିକୁ ।
ଖରା,ବର୍ଷା,ଶୀତ,ଝଡ ବତାସରୁ
ରକ୍ଷା କରୁ ତୁ ଆମକୁ
ନିଜେ ଯେତେ କଷ୍ଟ ସହୁଲୋ ତୁ ମା
କହିବୁ ଆମେ କାହାକୁ ।
ଦୋଷ ନରଖି ତୋ ଆଦର ଯତନେ
ଅବା ଲାଳନ ପାଳନେ
ସେନେହ ସରାଗ ଅଜାଡ଼ି ଦେଉତୁ
ଆମର ଟିକି ଜୀବନେ ।
ହେଲେ ମାଆ ଯେବେ ବଡ ହେଉ ମୋ
ତୋ କଥା ମନୁ ପାଶୋରି
ନିଜର ସଂସାର ଗଢ଼ିବା ନିମନ୍ତେ
ଦୂରକୁ ଯାଉ ବାହାରି ।
ଯେତେ ଦୂରରେ ଥିଲେ କି ହୋଇବ ମା
ମନଟି ଥାଏ ତୋଠାରେ
ତୋତେ ଦେଖିବା ଲାଗି ଆମ ପରାଣ
ଝୁରେ ଦିବସ ନିଶିରେ ।
ମାଆ ତୋର ଋଣ ଅଶୁଝା ରହିବ
ଥିବା ଯାଏ ଏ ଜୀବନ
ସରଗ ଆଉ ପୃଥିବୀ ଠାରୁ ବଡ
ସତେ ତୁ କେତେ ମହାନ ।
ସବୁ ଶୁଣି ସାରି କହିଲା ମାଆ ଟି
ତୁମର ସୁଖ ସପନ
ଦେଖିବା ପାଇଁ ତ ମା ମାନେ ସଂସାରେ
ଲଭି ଅଛନ୍ତି ଜନମ ।
ପିତା ମାତା ପଦେ କରୁଥିବ ପୂଜା
ସେ ଯେ ଚଳନ୍ତି ଠାକୁର
ସୁନାମ ସରବେ ଅର୍ଜିବେ ଜଗତେ
ଲଭି ଆଶିଷ ତାଙ୍କର ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ – ୮୨୪୯୯୩୨୭୯୨*

## ଦେଏଲୋ ମାଆ ମୋ’ଦେହେ ବହି

ବରଷା ଆସେ ଦୂର ଆକାଶୁ
ଖସି ପଡଇ ପାଣି
ବିଜୁଳି ମାରେ ଚକର ଚକ
ବଢ଼ାଇ ତାର ଠାଣି ।।

ଘଡଘଡିର ଡାକରେ ଥରେ
କୁନିପିଲାଙ୍କ ଦେହ
ତଥାପି ଥାଏ ଫଟା ମାଟିର
ବରଷାପାଇଁ ମୋହ ।।

ସକାଳହେଲା କାଉରାବିଲା
ନିଦ୍ରୁ ଉଠିଲେ ମାଆ
ଦେଖିଲେ ମେଘ ବରଷେ ପାଣି
ଧରିକି ନୂଆ ରାହା ।।

ଘଡଘଡିର ଡାକରେ ଥରି
ନିଦ୍ରୁଉଠିଲା କାହ୍ନା
ଉଠନା ଧନ ଗରଜେ ମେଘ
ମାଆ କରିଲେ ମନା ।।

ଅଝଟ କାହ୍ନା କହିଲା ହସି
ଯିବି ମୁଁ ପାଠପଢ଼ି
ପିଠିରେ ରଖି ସ୍କୁଲ ବ୍ୟାଗ
ସାଇକେଲରେ ଚଢି ।।

ବୋଉଲୋ ବୋଉ ଖୁଆଇ ଦେଏ
ଜଳଖିଆତ ମତେ
ଧରାଇଦେଏ ବହି ଓ ଖାତା
କଲମ ଦେଏ ହାତେ ।।

ନାହିଁତ ଡର ମେଘକୁ ମୋର
ପାଠ ପଢିବା କାମ
ଭଲ ପଢିକି ରଖିବି ଟେକ
ଦେଶ ରାଇଜ ନାମ ।।

ଛାତିରେ ଧରି ଆଦର କରି
ବୋଉ ଢ଼ାଳିଲେ ଲୁହ
ରହିଯା ଟିକେ ବରଷା ଛାଡୁ
ମୋଧନ ସୁନାପୁଅ ।।

ମାନିଲା ନାହିଁ ବୋଉର କଥା
ସାଇକେଲରେ ବସି
ଚାଲିଲା କାହ୍ନା ପାଠଶାଳାକୁ
ଛାତି ଫୁଲାଇ ହସି ।।

କହିଲେ ବୋଉ କାହ୍ନାକୁ ମୋର
କଳାଠାକୁରେ ସାହା
ନ ହେଉ ଥଣ୍ଡା କାଶକି ଜର
ମିଳୁତ ସୁଖ ଯାହା ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର ସଙ୍ଗଳାଇ*
*ପିପିଲି ପୁରୀ*
*ମୋ -୯୬୬୮୮୨୨୧୯୦*

## ‘ଆମରି ହସରେ’

ଆମରି ହସରେ
ବାସ ମହକାଇ ପଦୁଅଁ ଫୁଟେ
ପବନେ ପବନେ ମହକ ଛୁଟେ,
କାକଳି କଣ୍ଠରୁ ଶୁଭଇ ଗୀତ
ଗଛ,ଲତା,ପକ୍ଷୀ ହୁଅଇ ମିତ ।
ଆମରି ହସରେ
ଭରିଯାଏ ସୁନା କ୍ଷେତର ଧାରା
ଆକାଶ ବକ୍ଷରେ ହସଇ ତାରା,
ଭାସି ଆସେ କାହୁଁ ମିଠା ସପନ
ଉଲ୍ଲସିତ ହୁଏ ସବୁରି ପ୍ରାଣ ।
ଆମରି ପାଇଁ
ଲୁଚି ରହିଥାଏ ଆପଣା ଭାବ
ମାଟି ମାଆ ପାଇଁ ଯଶ ଗୌରବ,
ଶୁଖିଲା ତରୁଟି ଯାଏ କଅଁଳି
ପତର ମେଲାଏ ଭଳିକି ଭଳି ।
ଆମରି ହସରେ
ହସୁଥିବ ଏହି ସୁନାର ଦେଶ
ପୋଛି ଯିବ ଯେତେ ଯାତନା କ୍ଳେଶ,
ବିତରିବା ପାଇଁ ଶାନ୍ତି ବାରତା
ସତ୍ୟର ପଥରେ ପାତିବୁ ମଥା ।
ଆମେ ପରା ଏବେ ଟିକି କଳିକା
ଧରମା, ଆରୁଣି, ବାଜି ପରିକା
ଟିକି ହସରେ
ଖୁସି ଭରି ଦେବୁ ରଖି ଯଶ ରେ ।

*ଅନନ୍ତ କୁମାର ସେନାପତି*
*ବାଣ୍ଟୁପଡା,*
*ରେଲୱେ ସାଇଡିଙ୍ଗ ଏରିଆ*
*ରାଜଗାଙ୍ଗପୁର, ସୁନ୍ଦରଗଡ଼*
*ଫୋନ ୭୦୦୮୩୦୪୨୨୫*

## ମହାରାଣୀ ସାଗର ଭିତରେ ମାଟି ମାପ କାମ କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ବଲାଙ୍ଗୀର:** ମହାରାଣୀ ସାଗରରେ ବର୍ଷା ପାଇଁ କାମ ବନ୍ଦ ଅଛି କ୍ଷ କିନ୍ତୁ ମଙ୍ଗଳବାର ଦିନ ୧୨ ଟାରେ ମୁନିସିପାଲିଟି ଏମଇ ପି. ନାଏକ ଙ୍କ ଉପସ୍ଥିତି ରେ ମାଟି ଖୋଳା କାମର ମାପ ଚାଲିଥିବା ବେଳେ କାମରେ ନିୟୋଜିତ ଜଣେ ଶ୍ରମିକଙ୍କ ୧୧କେଭି ଇଲେକ୍ଟ୍ରି ତାର ସଂସ୍ପର୍ଶ ରେ ଆସିବାରୁ ତାଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟଜଣେ ସାମାନ୍ୟ ଆହତ ହୋଇଛନ୍ତି। ମୃତ ଶ୍ରମିକ ଜଣକ ସ୍ଥାନୀୟ କାମାକ୍ଷାନଗରର ରାଜା(୩୦ ବର୍ଷ, ଜଣେ ଅଣ ଓଡ଼ିଆ ଶ୍ରମିକ) ବୋଲି ଜଣାପଡିଛି। ସୂଚନା ଅନୁସାରେ ମହାରାଣୀ ସାଗରରେ ପୋଖରୀ ଖୋଳା କାମ ସରିବା ପରେ ସେଠାରେ ହୋଇଥିବା ମାଟିକାମର ମାପଜୋଖ ଚାଲିଥିଲା। ଠିକାଦାର ଜଣକ ଶ୍ରମିକ ରାଜାଙ୍କୁ ମାଟି ମାପଜୋଖ ପାଇଁ ପୋଖରୀ ଭିତରକୁ ପଠାଇଥିଲେ। ଆଲୁମିନିୟମ ମେସିନରେ ମାଟିମାପିବା ସହ ସେ ବାହାରକୁ ଆସୁଥିଲେ। ହେଲେ ସେଠାରେ ଥିବା ୧୧କେଭି ତାର ସହ ମେସିନ ଲାଗିଯିବାରୁ ଶ୍ରମିକ ରାଜାଙ୍କୁ କରେଣ୍ଟ ଲାଗି ଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଲୋକମାନେ ତାଙ୍କୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ କୁ ବୋହି ଆଣିଥିଲେ। ସେଠାରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ରାଜାଙ୍କୁ ନିୟୋଜିତ କରିଥିବା ଠିକାଦାର ଲିଙ୍ଗରାଜ ମିଶ୍ରଙ୍କ କହିବା ଅନୁସାରେ ସେ ସେଠାରେ ନଥିଲେ। ଖବର ପାଇ ପହଂଚି ଦେଖିଲା ବେଳକୁ ମୃତ ରାଜା ଏବଂ ସୁଜିତ ବେହେରା ନାମକ ଜଣେ ବ୍ୟକ୍ତି ୧୧କେଭି ଇଲେକ୍ଟ୍ରି ତାର ସଂସ୍ପର୍ଶରେ ଆସି ଯିବାରୁ କରେଂଟ ଲାଗି ଯାଇଥିଲା। ଦୁଇଜଣଙ୍କୁ ମେଡିକାଲ ନିଆ ଯାଇଥିଲା। ସେଠାରେ ଡାକ୍ତର ରାଜାଙ୍କୁ ମୃତ ଘୋଷଣା କରିଥିବା ବେଳେ ସୁଜିତଙ୍କୁ ସାମାନ୍ୟ ଚିକିତ୍ସା ପରେ ଘରକୁ ପଠାଇ ଦେଇଥିଲେ। ମୃତ ରାଜାଙ୍କ ଏଠାରେ କେହି ନଥିବାରୁ ମୋ ପାଖରେ ରହୁଥିଲା ଏବଂ କାମ କରୁଥିଲା ବୋଲି ସେ କହିଛନ୍ତି। ମହାରାଣୀ ସାଗର ପୁନଃ ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିବା ମୁନିସିପାଲିଟି ଏମଇ ଶ୍ରୀ ନାଏକଙ୍କ କହିବା ଅନୁସାରେ ବର୍ଷା ଯୋଗୁଁ ମହାରାଣୀ ସାଗରର କାମ ବନ୍ଦ ଅଛି। ବହୁଲୋକ ସାଗରକୁ ବୁଲି ଯାଉଛନ୍ତି କାହାକୁ କଣ ହେଲା ଆମେ ଜାଣି ନାହୁଁ। ଜଣକୁ କରେଣ୍ଟ ଲାଗିଥିବା ଶୁଣିଛି ବୋଲି କହିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ମୃତ ରାଜା ୧୧କେଭି ତାର କୁ କାହିଁକି ମେସିନ ସାହାଯ୍ୟ ରେ ଉପରକୁ କରୁଥିଲେ କ୍ଷ କେଉଁ ଏସଏଚଜି ଅଧିନରେ ସେ ଶ୍ରମିକ ଭାବରେ କାମ କରୁଥିଲେ, କି ଏସଏଚଜି ନାଁ ରେ କୌଣସି ଠିକାଦାର କାମ କରୁଥିଲେ। ଏସବୁର ତଦନ୍ତ ହେଲେ କିଏ ସତ କହୁଛି ତାହା ପଦାକୁ ଆସିବ। ଅନ୍ୟପଟେ ମୃତ ରାଜାଙ୍କ ଶବକୁ ପୁଲିସ ଜବତ କରିବା ଏବଂ ପୋଷ୍ଟମଟମ ପରେ ଘର ଲୋକଙ୍କୁ ଶବ ହସ୍ତାନ୍ତର କରିବା ସହ ତଦନ୍ତ ଚଳାଇଥିବା କହିଛି କ୍ଷ ମୃତ ରାଜାଙ୍କ ର ଏଠାରେ କେହି ନଥିବାରୁ ତାଙ୍କ ମୃତୁ ଘଟଣାକୁ ଚପେଇ ଦେବାକୁ ଚେଷ୍ଟା ଚାଲିଥିବା ଏବଂ ଠିକାଦାରଙ୍କ ଭୁଲ ଯୋଗୁଁ ଜଣେ ନିରୀହ ଶ୍ରମିକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବୀ ହେଉଛି।

## ମଧ୍ୟାହ୍ନ ଭୋଜନରୁ ବାହାରିଲା ଜୋକ

**ଭଦ୍ରକ:** ପିଲାଙ୍କ ମଧ୍ୟାହ୍ନ ଭୋଜନରୁ ବାହାରିଲା ଜୋକ। ଏପରି ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅଧିନରେ ଥିବା ରାଧାକାନ୍ତପୁର ଦିବାକରମିଶ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟରେ।

**ବାସୁଦେବପୁର ପୌରପାଳିକା ଅଧିନରେ ଥିବା ରାଧାକାନ୍ତପୁର ଦିବାକରମିଶ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏହି ଘଟଣା**



ଗତକାଲି ଜଣେ ଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଉଥିବା ବେଳେ ତାଙ୍କ ଥାଳିରୁ ଏକ ବଡ଼ ଜୋକ ବାହାରିଥିଲା। ଏହା ଦେଖି ଛାତ୍ରୀ ଜଣଙ୍କ ଶିକ୍ଷକଙ୍କୁ ଜଣାଇଥିଲେ। ଘଟଣା ସଂପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ସାହୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସ୍ଥାନୀୟ କାଉନସିଲରଙ୍କୁ ଅବଗତ କରାଇଥିଲେ। ଏଥିସହ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜଣାଇଥିଲେ।

ଦାମୋଦର ଜିୟୁ ନାମକ ସଂସ୍ଥା ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ଯୋଗାଇ ଆସୁଛି। ଏହି ସଂସ୍ଥା ନିମ୍ନମାନର ଖାଦ୍ୟ ଦେଉଥିବା ବାରମ୍ବାର ଅଭିଯୋଗ ହୋଇଆସିଛି। ଏହି ସଂସ୍ଥା ପିଲାମାନଙ୍କୁ ବାସି ଖାଦ୍ୟ ଦେବା ସହ ପଚା ପନିପରିବାରେ ଖାଦ୍ୟ ପ୍ରସ୍ତୁତ କରି ଦେଉଥିବା ଅଭିଯୋଗ ହୋଇଛି। ବାରମ୍ବାର ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ହୋଇନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ରହିଛି। ଏହି ୮ଟି କ୍ଲାସରେ ୧୧୫ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି।

ଜଣେ ଛାତ୍ରୀ କହିଛନ୍ତି, ମୁଁ ଖାଇବା ବେଳେ ମୋ ଖାଦ୍ୟରୁ ଜୋକ ବାହାରିଲା। ଏହି ଘଟଣା ବିଷୟରେ ସାର୍‌ଙ୍କୁ ଜଣାଇଥିଲି। ସବୁବେଳେ ଖରାପ ଖାଇବା ଦିଆଯାଉଛି। ସରକାର ଆମକୁ ଭଲ ଖାଦ୍ୟ ଦିଅନ୍ତୁ, ନ ହେଲେ ଆମେ ଆଉ ସ୍କୁଲରେ ଖାଇବୁ ନାହିଁ। ମାତ୍ର ଶିକ୍ଷା ପରିଚାଳନା କମିଟିର ସଭାପତି ଜୟରାମ କଳା କହିଛନ୍ତି, ପିଲାଟି ଖାଇବା ବେଳେ ତା ଥାଳିରୁ ବଡ଼ ଜୋକ ବାହାରିଥିଲା। ଘଟଣା ସଂପର୍କରେ ଜାଣିବା ପରେ କାଉସିଲରଙ୍କୁ ଏହି ବିଷୟରେ ଜଣାଇଛି। ଗତବର୍ଷ ମଧ ପିଲାଙ୍କ ମଧ୍ୟାହ୍ନରେ ଭୋଜନରେ ଅସରପା ବାହାରିଥିଲା। ଏନେଇ ଆମେ ଅଭିଯୋଗ କରିଥିଲୁ ହେଲେ କିଛି ସୁଫଳ ହେଲା ନାହିଁ। ପିଲାମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି।

ବିଇଓ ଅମୀୟ ମହାଳିକ କହିଛନ୍ତି, ପିଲାଟି ଖାଦ୍ୟରୁ ଜୋକ ବାହାରିଥିଲା। ଜୋକଟି ସିଝିଯାଇଥିଲା। ଘଟଣା ସଂପର୍କରେ ସେମାନେ ମୋ ପାଖରେ ଅଭିଯୋଗ କରିଛନ୍ତି। ଗତବର୍ଷ ମଧ୍ୟାହ୍ନରେ ଭୋଜନରୁ ପୋକ ବାହାରିଥିଲା। ଏଥିପାଇଁ ସେହି ସଂସ୍ଥା ପାଖରୁ ଖାଦ୍ୟ ଅଣାଯାଉନଥିଲା। ପରେ ଉଚ୍ଚସ୍ତରୀୟ ଆଲୋଚନା ହେବା ପରେ ସେମାନେ ଭଲ ଖାଦ୍ୟ ଦେଉଥିଲେ। ଘଟଣାର ତଦନ୍ତ କରାଯିବ ।

## ପରିବାର ଅଦାଲତର ମଧ୍ୟସ୍ଥତାରେ ବିବାହ ବିଚ୍ଛେଦ ମାମଲାର ସମାଧାନ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ପରିବାର ଅଦାଲତର ମାନବିକତା ଆଗରେ ହାର ମାନିଲା ବିବାହ ବିଚ୍ଛେଦ ମାମଲା। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଭକତରପୁର ଗ୍ରାମର ରାଜେନ୍ଦ୍ର କୁମାର ନାୟକ ୨୦୧୧ ମସିହାରେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଲିପ୍ତିପ୍ରଭାଙ୍କୁ ବିବାହ କରିଥିଲେ। ବିବାହ ପରେ ଉଭୟଙ୍କ ଔରଷରୁ ଏକ ପୁତ୍ର ଜନ୍ମ ହୋଇଥିଲା। ବାଙ୍ଗାଲୁରରେ ସ୍ୱାମୀ ସ୍ତ୍ରୀ ଏକାଠି ରହୁଥିବାବେଳେ ଉଭୟଙ୍କ ମଧ୍ୟରେ ମନମାଳିନ୍ୟ ଆରମ୍ଭ ହୋଇଥିଲା। ଏହାକୁ ନେଇ ରାଜେନ୍ଦ୍ର ବାଙ୍ଗାଲୁରୁ କୋର୍ଟରେ ୫୯୯/୨୦୨୨ ନଂରେ ବିବାହ ବିଚ୍ଛେଦ ମାମଲା ଦାଏର କରିଥିଲେ। ପରେ ଲିପ୍ତିପ୍ରଭା ସୁପ୍ରିମ୍ କୋର୍ଟର ଦ୍ୱାରସ୍ଥ ହୋଇ ମାମଲାକୁ କେନ୍ଦ୍ରାପଡ଼ା କୋର୍ଟକୁ ପଠାଇବା ପାଇଁ ନିବେଦନ କରିଥିଲେ। ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶରେ ମାମଲାଟି କର୍ଣ୍ଣାଟକ ହାଇକୋର୍ଟ ଓ ପରେ ଓଡ଼ିଶା ହାଇକୋର୍ଟକୁ ମାମଲା ପଠାଇଥିଲେ। ଓଡ଼ିଶା ହାଇକୋର୍ଟ କେନ୍ଦ୍ରାପଡ଼ା କୋର୍ଟକୁ ମାମଲା ପଠାଇବା ପରେ ପରିବାର ଅଦାଲତର ବିଚାରପତି ଦେବାଶିଷ ପଣ୍ଡା ଓ ଆଇନଜୀବି ବିଚିତ୍ର କୁମାର ସାହୁଙ୍କ ପରାମର୍ଶ କ୍ରମେ ସ୍ୱାମୀ ସ୍ତ୍ରୀ ଉଭୟ ମିଳାମିଶା ହୋଇ ପୁନର୍ବାର ଦାମ୍ପତ୍ୟ ଜୀବନ ଅତିବାହିତ କରିବେବୋଲି ସମ୍ମତ ହେବାରୁ ବିଚ୍ଛେଦ ମାମଲାର ଅନ୍ତ ଘଟିଥିଲା।




ୱାୟନାଡରେ ଘଟିଥିବା ଭୂସ୍ଖଳନରେ ମୃତକଙ୍କୁ ବାଲୁକା କଳାରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ

## ୧୦ କେଜି ଗଞ୍ଜେଇ ଜବତ

**ବଲାଙ୍ଗିର:** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ହରିଶଙ୍କର ଛକ ନିକଟରେ ଗଂଜେଇ ଚୋରା ଚାଲାଣ ବେଳେ ୧୦ କେଜି ଗଞ୍ଜେଇ, ଦୁଇଟି ବାଇକ୍ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଖପ୍ରାଖୋଲ ପୋଲିସ ।

ସୂଚନା ଅନୁଯାୟୀ, ଗୁରୁବାର ସକାଳ ସମୟରେ ଖପ୍ରାଖୋଲ ପୋଲିସ ଖପ୍ରାଖୋଲରୁ ଗୁଣ୍ଡୁରୁପାଲି ରାସ୍ତାରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଦୁଇଟି ବାଇକ୍ ରେ ତିନି ଜଣ ବ୍ୟକ୍ତି ଖପ୍ରାଖୋଲ ପଟେ ଆସୁଥିବାର ଦେଖି ହରିଶଙ୍କର ଛକ ନିକଟରେ ସେମାନଙ୍କୁ ଅଟକାଇଥିଲେ । ସେମାନଙ୍କ ପାଖରେ ଗୋଟିଏ ଜରି ବସ୍ତାରେ କିଛି ସାମଗ୍ରୀ ଥିଲା ତଦନ୍ତ ପରେ ଜଣାପଡିଲା ଯେ ସେମାନେ ଗଞ୍ଜେଇ ଚୋରା ଚାଲାଣ କରି ବଡ଼ଉଡେନ ଗ୍ରାମରୁ ଲାଠୋରକୁ ନେଉଥିଲେ । ଅଭିଯୁକ୍ତ ମାନେ ହେଲେ ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା ବଡ଼ଉଡେନ ଗ୍ରାମ କୁମ୍ଭାରଡେରାର ରୋହିତ ରଣା(୨୦), ଚନ୍ଦ୍ରମଣୀ ଡାଙ୍ଗ (୩୫) ଏବଂ ଲାଠୋର ଥାନା ଅନ୍ତର୍ଗତ ଯାମଚୁଆଁ ଗ୍ରାମର ନବୀନ ରଣା(୩୪) । ସେମାନଙ୍କୁ ପୋଲିସ ଅଟକ ରଖିଥିଲେ ପରେ ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରିଥିଲେ ଯାହା ୧୦ କେଜି ୨୦୦ ଗ୍ରାମ ହୋଇଥିବା ବେଳେ ତାର ଆନୁମାନିକ ମୂଲ୍ୟ

**୩ ଅଭିଯୁକ୍ତ ଗିରଫ**

୮୦ ହଜାର ଟଙ୍କା ହେବ ବୋଲି ମାଜିଷ୍ଟ୍ରେଟ୍ ଭାବେ ଥିବା ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ଅଭିଯୁକ୍ତ ମାନଙ୍କ ପାଖରୁ ଦୁଇଟି ମୋବାଇଲ ମଧ୍ୟ ଜବତ କରିଛି ପୋଲିସ । ଏନେଇ ଖପ୍ରାଖୋଲ ଥାନା କେସ ନଂ ୧୮୩/୨୦୨୪ରେ ନାର୍କୋଟିକ୍ ଡ୍ରଗ୍ ଏବଂ ସାଇକୋଟ୍ରୋପିକ୍ ପଦାର୍ଥ (ଏନ୍. ଡି. ପି. ଏସ୍) ୧୯୮୫ ଅଧିନିୟମ ଅନୁଯାୟୀ ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଦଳପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ରଜତ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

**କନ୍ଧମାଳ:** କନ୍ଧମାଳ ଜିଲ୍ଲାର ଖଜୁରିପଡା ବ୍ଲକ୍ ଅନ୍ତର୍ଗତ ଦଳପଡ଼ା ସ୍ଥିତ ପଂଚାୟତ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି ହୋଇଛି। ଏହାର ରଜତ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉତ୍ସବର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ଯୋଗ ଦେବା ପାଇଁ ରାଜ୍ୟ ମନ୍ତ୍ରୀମଣ୍ଡଳର ବରିଷ୍ଠ ସଦସ୍ୟ, ସାଂସଦ ଓ ବିଧାୟକଙ୍କୁ ନିମନ୍ତ୍ରଣ କରାଯିବାକୁ ନିଷ୍ପତି ନିଆଯାଇଥିଲା। ଏଥିସହିତ କିଛି ଶିକ୍ଷାବିତ୍ ଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯିବ। ଏହି ବିଦ୍ୟାଳୟରୁ ଶିକ୍ଷାଲାଭ କରି ନିଜକୁ ଆତ୍ମନିର୍ଭରଶୀଳ କରିଥିବା ଛାତ୍ର ଛାତ୍ରୀ ମାନେ ନିଜର ଅଭିଜ୍ଞତା ବାଂଟିବେ ଓ ନିଜର ଭବିଷ୍ୟତ ଗଠନ ପାଇଁ ନିଜକୁ କିପରି ପ୍ରସ୍ତୁତ କରିବେ ତାହାରି ଉପରେ ପରାମର୍ଶ ଦେବେ। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ। ଉତ୍ସବ ପାଳନ ପାଇଁ ଏକ ଅଭ୍ୟର୍ଥନା କମିଟି ସହ ସବ କମିଟି ମାନ ଗଠନ କରାଯିବ। ଏଥିପାଇଁ ଆବଶ୍ୟକ ପାଣ୍ଠି ସଂଗ୍ରହ କରିବାକୁ ମଧ୍ୟ ଏକ କମିଟି ଗଠନ କରାଯିବ । ଏହି ବୈଠକରେ ପୂର୍ବତନ ସରପଂଚ ରଞ୍ଜନ କୁମାର କହଁର, ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାରିକ, ରାଜ ନାରାୟଣ ଦାସ, ସସ୍ମିତା କାନୁନଗୋ, ଉଦୟନାଥ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଶଙ୍କର୍ଷଣ ଜାନୀ, ଅନନ୍ତ ଜାନୀ, କିଶୋର ପ୍ରଧାନ ଓ ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଚାରିଆଡ଼େ କୁଢ଼କୁଢ଼ ଅଳିଆ

**ଭୁବନେଶ୍ୱର:** ଏମ୍ସରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା । ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଚାରିଆଡ଼େ କୁଢ଼କୁଢ଼ ଅଳିଆ । ଠିକା ସଂସ୍ଥାର ଶୋଷଣ ନୀତି ଅଭିଯୋଗରେ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଆଣିଛନ୍ତି ସଙ୍ଗୀନ ଅଭିଯୋଗ । ସଂପୃକ୍ତ ଠିକା ସଂସ୍ଥା କୌଣସି ସୁବିଧା ସୁଯୋଗ ନଦେଇ ଓଲଟି ଶୋଷଣ କରୁଥିବା ଅଭିଯୋଗ ହୋଇଛି । ଏପଟେ କର୍ମଚାରୀଙ୍କ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି ଠିକା ସଂସ୍ଥାର କର୍ମଚାରୀ ।

ଡଷ୍ଟବିନ, ଟଏଲେଟ, ୱାର୍ଡ । ସବୁଠି କୁଢକୁଢ ଅଳିଳା, ଗଦାଗଦା ଆବର୍ଜନା । ଖୋଦ୍ ଭୁବନେଶ୍ୱର ଏମ୍ସରେ ଏଭଳି ବିକଳ ଅବସ୍ଥା । ହସ୍ପିଟାଲରେ ଏକଦମ ବିପର୍ଯ୍ୟସ୍ତ ହୋଇଯାଇଛି ପରିମଳ ବ୍ୟବସ୍ଥା । ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଠପ୍ ହୋଇଯାଇଛି ସଫେଇ କାମ । ଠିକା ସଂସ୍ଥାର ମନମାନୀ ଓ ଶୋଷଣ ନୀତି ବିରୋଧରେ ପ୍ରାୟ ହଜାରେ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଛି । ଫଳରେ ଡାକ୍ତରଖାନାର ବାହାରଠାରୁ ଆରମ୍ଭ କରି ବିଭିନ୍ନ ୱାର୍ଡ, ବାଥରୁମରେ ଆବର୍ଜନା ଜମି ରହିଛି । କର୍ମଚାରୀ ଅଭିଯୋଗ କରିଛନ୍ତି, ନିଯୁକ୍ତି ଦେଇଥିବା ଠିକା ସଂସ୍ଥା ସେମାନଙ୍କ ଉପରେ ଜୁଲମ କରୁଛି । ନା ଠିକ ସମୟରେ ଦରମା ମିଳୁଛି ନା ଦରମା ବଢୁଛି । ଏମିତିକି

**ଏମ୍ସରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା**




ମାସରେ ୪ ଦିନ ଛୁଟି ବି ମିଳୁନି । କର୍ମଚାରୀଙ୍କ କହିବା କଥା ହେଲା, ପୂର୍ବରୁ ଦୁଇଟି ସଂସ୍ଥା ଅଧୀନରେ ସେମାନେ କାମ କରୁଥିଲେ । ଏବେ ଆଉ ଏକ ନୂଆ ସଂସ୍ଥାକୁ ଏମ୍ସ କର୍ତ୍ତୃପକ୍ଷ ଦାୟିତ୍ୱ ଦେଇଛନ୍ତି । ହେଲେ ଏହି ଠିକା ସଂସ୍ଥା ବିଭିନ୍ନ ସମୟରେ କର୍ମଚାରୀଙ୍କୁ ଶୋଷଣ କରୁଛି । ଇଏସଆଇ ଓ ଇପିଏଫରୁ ସେମାନଙ୍କୁ ବଞ୍ଚିତ ରଖାଯାଇଛି । କେହି ପ୍ରତିବାଦ କଲେ ସେମାନଙ୍କୁ ଟାର୍ଗେଟ କରି ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି । ସେପଟେ ଠିକା ସଂସ୍ଥା କର୍ତ୍ତୃପକ୍ଷ କର୍ମଚାରୀଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି । ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ରୋଗୀମାନେ ମଧ୍ୟ ସନ୍ତସନ୍ତ ହେଉଛନ୍ତି । ଏଣୁ ତୁରନ୍ତ ଠିକା ସଂସ୍ଥା ସହ ଆଲୋଚନା କରି ସମାଧାନର ରାସ୍ତା ବାହାର କରିବାକୁ ଦାବି ହୋଇଛି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓସାର ଧାରଣା ସ୍ଥଗିତ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ଜିଲ୍ଲା ଜୀବିକା ମିଶନ ଓ ମିଶନଶକ୍ତିରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଚାରିଦିନ ଧରି ଚାଲିଥିବା ଧାରଣାକୁ ଆଜି ସ୍ଥଗିତ ରଖାଯାଇଛି।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲାପରିଷଦର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ନିଲୁ ମହାପାତ୍ର ଧାରଣାସ୍ଥଳକୁ ଆସି ଧାରଣାକାରୀଙ୍କ ସହ ଆଲୋଚନା କରିବା ସହିତ ଓସାର ଦାବିଗୁଡିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧାରଣାକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଲିଖିତ ପ୍ରତିଶୃତି ପ୍ରଦାନ କରିବାରୁ ଗଣଧାରଣାକୁ ବର୍ତମାନ ପାଇଁ ସ୍ଥଗିତ ରଖାଗଲା ବୋଲି ଆବାହକ ପ୍ରତାପ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲାପାଳଙ୍କ ଆମନ୍ତ୍ରଣ କ୍ରମେ କାଲି ଧାରଣାକାରୀଙ୍କ ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ଅଫିସ ପ୍ରକୋଷ୍ଠକୁ ଯାଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ସହ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଆବାହକ ପ୍ରତାପ ମହାନ୍ତି ଓ ଆଇନଜୀବୀ ପ୍ରଦୀପ ଦାଶ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି ଯେ ଧାରଣା ଦ୍ୱାରା ଭୟଭୀତ ହୋଇ ଗତ ମଙ୍ଗଳବାର ଦିନ ବାରୋ ସ୍ଥିତ ମିଶନ ଶକ୍ତି ଭବନରେ ରାତି ଅଧରେ ପ୍ରିଂଟର ଏବଂ କାଗଜ ପତ୍ର ଧରି ଜାଲ ବିଲ ଭଉଚର ପ୍ରସ୍ତୁତ କରୁଥିବାବେଳେ ଜନ ସାଧାରଣଙ୍କ ଠାରୁ ଖବର ପାଇ ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଓ ନିକିରାଇ ଥାନା ଅଧିକାରୀ ମିଳିତ ଭାବେ ଚଢାଉ କରି ଜାଲ ବିଲ ସହ ସମସ୍ତ ସରଞ୍ଜାମ ଜବତ କରିଥିଲେ। ଏହା ଦର୍ଶାଉଛି ଯେ ଓସା ପକ୍ଷରୁ ଅଭିଯୋଗ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତିର ଏହି ଘଟଣା ପ୍ରମାଣ ନୁହେଁ ତ ଆଉ କଣ ? ତଥାପି ଜିଲ୍ଲା ପ୍ରଶାସନ ତୁରନ୍ତ ସେମାନଙ୍କୁ ବହିଷ୍କାର ନ କରି ତଦନ୍ତ ଆଳ ନେଇ ଦୁର୍ନୀତିକୁ ଘଂଟ ଘୋଡ଼ାଇବାକୁ ଚେଷ୍ଟା ଚଳାଇଛି। ଯଦି ଏକ ମାସ ମଧ୍ୟରେ ଓସାର ସମସ୍ତ ଦାବି ପୁରଣ ନହୁଏ ତେବେ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଆସନ୍ତା ସେପ୍ଟେମ୍ବରମାସ ଏକ ତାରିଖ ଠାରୁ ପୁଣି ଧାରଣା ଦିଆଯିବ ବୋଲି ଓସାର ଆବାହକ ଶ୍ରୀ ମହାନ୍ତି କହିଛନ୍ତି। ଆଜିର ଧାରଣା କାର୍ଯ୍ୟକ୍ରମରେ ଆବାହକ ପ୍ରତାପ ମହାନ୍ତି, ବରିଷ୍ଠ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ମନୋରଞ୍ଜନ ଜେନା, ଅମରବର ବିଶ୍ୱାଳ, ଆଇନଜୀବୀ ପ୍ରଦୀପ କୁମାର ଦାଶ, ମାନସ ଆଚାର୍ଯ୍ୟ, ରମାକାନ୍ତ ମାହାଳୀ, ଜୟଦେବ ଜେନା, ନିରଞ୍ଜନ ପରିଡ଼ା, ନଗେନ୍ଦ୍ର ଜେନା ପ୍ରମୁଖ ସାମିଲ ହୋଇଥିଲେ।

**ଓଡ଼ିଶା ଜୀବିକା ମିଶନରେ ଦୁର୍ନୀତିର ତଦନ୍ତ ନେଇ ୪ ଦିନ ଧରି ଧାରଣା ଚାଲିଥିଲା**

## ବରିଷ୍ଠ ସାମ୍ବାଦିକ ଡ.ପ୍ରଦୀପ ମହାପାତ୍ରଙ୍କ ପରଲୋକ



**ବ୍ରହ୍ମପୁର:** ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ସାମ୍ବାଦିକ ବିଭାଗର ପୂର୍ବତନ ଐଜଓ ତଥା ବରିଷ୍ଠ ସାମ୍ବାଦିକ ଡକ୍ଟର ପ୍ରଦୀପ ମହାପାତ୍ରଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ହୋଇଥିଲା।

କିଛି ଦିନ ତଳେ ଡକ୍ଟର ପ୍ରଦୀପ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ନିମୋନିଆ ହେବା ଯୋଗୁ ଫୁସଫୁସ ଗୁରୁତର

**ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ହୋଇଥିଲା**

ଭାବେ ଆକ୍ରାନ୍ତ ହୋଇଥିବା ଚିକିତ୍ସାରୁ ଜଣାପଡ଼ିଥିଲା। ଅବସ୍ଥା ଅଧିକ ଗୁରୁତର ହେବାରୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

ଡକ୍ଟର ପ୍ରଦୀପ ମହାପାତ୍ରଙ୍କ ବିୟୋଗରେ ସାମ୍ବାଦିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଶୋକର ଛାୟା ଖେଳି ଯାଇଛି। ବ୍ରହ୍ମପୁରରେ ତାଙ୍କର ଶେଷକୃତ୍ୟ ହେବ ବୋଲି ସୂଚନା ରହିଛି ।

## କନ୍ଧମାଳକୁ ଭୂସ୍ଖଳନ ଭୟ ଲଗାଣବର୍ଷା ଜାରି

**ଫୁଲବାଣୀ:** ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ବାଦଲ ଫଟା ଓ ଲଗାଣ ବର୍ଷା ଯୋଗୁ ଘାଟି ରାସ୍ତାମାନଙ୍କରେ ଭୂସ୍ଖଳନ ଘଟି ବହୁ ଧନଜୀବନ କ୍ଷୟକ୍ଷତି ହୋଇଥିବା ବେଳେ ଏହି ଭୟ କନ୍ଧମାଳ ଜିଲ୍ଲାକୁ ଗ୍ରାସିଛି। ଗତ ମାସେରୁ ଉର୍ଦ୍ଧ୍ୱ କାଳ ଧରି ଏଠାରେ ଲଗାଣ ବର୍ଷା ଜାରି ରହିଛି। ବର୍ଷା ଯୋଗୁ କେତେକ ସ୍ଥାନରେ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ଘାଟିରାସ୍ତାଗୁଡ଼ିକ ବିପଦସଂକୁଳ ଅବସ୍ଥାରେ ରହିଛି। ଅନେକ ଘାଟିରୁ ମାଟି ଅତଡ଼ା ଖସିବା ଯୋଗୁ ଯାତାୟାତ ବନ୍ଦ ରହିଛି। ଲଗାଣ ବର୍ଷାରେ ରାଇକିଆ ଓ ସୋରଡ଼ାକୁ ସଂଯୋଗ କରୁଥିବା କରଡ଼ା ଘାଟି ଏବଂ ଫୁଲବାଣୀ ଓ ବୌଦ୍ଧକୁ ସଂଯୋଗ କରୁଥିବା ରାଣୀପଥର ଘାଟିର କେତେକ ସ୍ଥାନରେ ମାଟି ଅତଡ଼ା ଖସିଥିବା ସୂଚନା ମିଳିଛି।

ସେହିଭଳି ଭେଟଖୋଲ ଘାଟି ରାସ୍ତା ବିପଦସଂକୁଳ ଅବସ୍ଥାରେ ରହିଛି। ଦାରିଙ୍ଗିବାଡ଼ି ଓ ସୋରଡ଼ା ମଧ୍ୟରେ ଥିବା ସାତବାଙ୍କିଆ ଘାଟିରେ ମଧ କେତେକ ସ୍ଥାନରେ ଭୂସ୍ଖଳନ ହୋଇଛି। କଣ୍ଢାମାଳ ଓ ଗୋଛାପଡ଼ା ମଧ୍ୟରେ ଥିବା ସୁଟାଣି ଘାଟି, ଫିରିଙ୍ଗିଆର ପକାରିଘାଟି ଓ ବିଲୁରି ଘାଟି ଲଗାଣ ବର୍ଷା ଯୋଗୁ ବିପଦସଂକୁଳ ହୋଇପଡ଼ିଛି। ବାଲିଗୁଡ଼ାରୁ ବଲାଙ୍ଗୀରକୁ ସଂଯୋଗ କରୁଥିବା ସାତକାଟି ଘାଟି ଓ ଖମନଖୋଲ ଘାଟି ରାସ୍ତାର ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିବା ସୂଚନା ମିଳିଛି। କୋଟଗଡ଼ର ରାଣୀପାଙ୍ଗା ଘାଟି, ବେଲଘର ଘାଟି, ଲଦାଘାଟି, ଚକାପାଦର ଅଠରବାଙ୍କ ଘାଟି, ଲାଇନପଡ଼ାରୁ ଚକାପାଦ ମଧ୍ୟରେ ଥିବା ଗଦଗଦି ଘାଟି ଏବଂ ଦାରିଙ୍ଗିବାଡ଼ିରୁ ବ୍ରାହ୍ମଣୀଗାଁ ମଧ୍ୟରେ ଥିବା ସିଜିଗାଣ୍ଡା ଓ ଟେକାଙ୍ଗିଆ ଘାଟିରେ ମଧ ଭୂସ୍ଖଳନ ହୋଇଛି। ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜିଲ୍ଲାର ଏସବୁ ଘାଟି ରାସ୍ତା ଲଗାଣ ବର୍ଷା ଯୋଗୁ ବିପଦସଂକୁଳ ହୋଇ ପଡ଼ିଥିବାବେଳେ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ କୌଣସି ସତର୍କ ସୂଚନା ଦିଆଯାଇ ନାହିଁ। ଏହିସବୁ ଘାଟି ରାସ୍ତା ଦେଇ ଦେ ?ନିକ ବହୁ ସଂଖ୍ୟାରେ ଯାନବାହନ ଚଳାଚଳ କରିଥାଏ। ଏଣୁ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ସତର୍କ ସୂଚନା ଦେବା ଜରୁରି ହୋଇପଡ଼ିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆଯାଇନାହିଁ।

ଆଜି ଜିଲ୍ଲାରେ ମୋଟ ୧୪୩.୨ ମିମି ବର୍ଷା ହୋଇଥିବା ବେଳେ ଗତ ମାସ ୨୮ ତାରିଖରେ ୧୫୦ ମିମି, ୨୭ରେ ୧୫୨ ମିମି, ୨୬ରେ ୨୧୬ ମିମି, ୨୫ରେ ୧୪୪ ମିମି, ୨୪ରେ ୨୦୮ ମିମି ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ଫୁଲବାଣୀ ସହର ମଧ୍ୟରେ ଥିବା ବିଭିନ୍ନ ପାହାଡ଼ ଉପରେ ଲୋକେ ଘର ନିର୍ମାଣ କରିଥିବାରୁ ଭୂସ୍ଖଳନ ଭୟ ସୃଷ୍ଟି ହୋଇଛି। ଫୁଲବାଣୀ ସହରର ନାରାୟଣୀ ରୋଡ୍ ? ଓ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ଥିବା ପାହାଡ଼ ଉପରେ ବହୁ ସଂଖ୍ୟାରେ ଘର ନିର୍ମାଣ କରି ଲୋକେ ରହୁଛନ୍ତି। କନ୍ଧମାଳ ଜିଲ୍ଲାରେ ଉତ୍ତର ଭାରତ ଭଳି ବାଦଲଫଟା ବର୍ଷା ହେଲେ ଭୂସ୍ଖଳନର ଭୟ ରହିଛି। ପ୍ରଶାସନ ଏଦିଗରେ ଧ୍ୟାନ ଦେବାକୁ ବୁଦ୍ଧୀଜୀବୀ ମହଲରେ ଦାବି ହୋଇଛି।

**ବର୍ଷା ଯୋଗୁ କେତେକ ସ୍ଥାନରେ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ଘାଟିରାସ୍ତାଗୁଡ଼ିକ ବିପଦସଂକୁଳ ଅବସ୍ଥାରେ ରହିଛି। ଅନେକ ଘାଟିରୁ ମାଟି ଅତଡ଼ା ଖସିବା ଯୋଗୁ ଯାତାୟାତ ବନ୍ଦ ରହିଛି।**



## କୌଶଳ ରଥ ପରିକ୍ରମା ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା:** ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେନତନତା ସୃଷ୍ଟି କରିବା ଲକ୍ଷ୍ୟରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଗଡ଼ିବ 'କୌଶଳ ରଥ।' ଏହି କୌଶଳ ରଥର ବାଧାମୁକ୍ତ ପରିକ୍ରମା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅପରାହ୍ଣ ୫ଘଟିକା ସମୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡ଼ା, ଡେରାବିଶ ବିଡିଓ ଦାଶରଥି ଜେନା, ମହାକାଳପଡ଼ା ବିଡିଓ ସାଗର ନନ୍ଦ, ରାଜନଗର ବିଡିଓ ନିଶାନ ମିଶ୍ର, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଦେବବ୍ରତ ଡଲାର, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲିକ, ଅତିରିକ୍ତ ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଡିଏସ୍ଏସ୍ଓ ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଓରମାସ୍‌ର ଡେପୁଟି ସିଇଓ ନୀରୋଦ କୁମାର ଜେନା, ସରକାରୀ ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ଗୁଣନିଧି ପ୍ରଧାନ, ସରକାରୀ ଆଇଟିଆଇର ଅଧ୍ୟକ୍ଷ ସଞ୍ଜିବ କୁମାର ରାୟସିଂ, ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଅଗଷ୍ଟ ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଏହି କୌଶଳ ରଥ ପରିକ୍ରମା କରିବ। ଅଗଷ୍ଟ ୪ ତାରିଖ ଦିନ ଅପରାହ୍ଣ ୫ଘଟିକା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ରଥକୁ ପଂଚୁପାଣ୍ଡବ ଠାରେ ସ୍ୱାଗତ କରାଯିବ। ଅଗଷ୍ଟ ୫ ତାରିଖ ଦିବା ୧୦ ଘଟିକା ସମୟରେ ଛତାସ୍ଥିତ ସରକାରୀ ପଲିଟେକ୍‌ନିକ୍ ଠାରୁ ଏହି ରଥର ଶୁଭାରମ୍ଭ କରାଯିବ। ସମସ୍ତ ୯ଟି ବ୍ଲକ୍‌ର ବିଭିନ୍ନ ସ୍କୁଲ୍ କଲେଜ ପରିକ୍ରମା କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହା ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେତନତାର ବାର୍ତ୍ତା ବାଂଟିବ।

ମାତୃଭାଷା

# ନଗର ଖବର



## ଫସଲ ବିମା ଯୋଜନାର ସଫଳତା ବିଷୟରେ ଗୃହକୁ ସୂଚନା ଦେଲେ ଶିବରାଜ ସିଂ ଚୌହ୍ୱାନ




**ନୂଆଦିଲ୍ଲୀ:** କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚହ୍ୱାନ ରାଜ୍ୟସଭାକୁ ସମ୍ବୋଧିତ କରିବାବେଳେ ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନାର ବିଶେଷ ସଫଳତା ବିଷୟରେ ଗୃହକୁ ସୂଚନା ଦେଇଛନ୍ତି।
ପ୍ରଧାନ ମନ୍ତ୍ରୀ କ୍ରପ୍ ବୀମା ଯୋଜନାକୁ ବିଶ୍ୱର ସର୍ବବୃହତ ଫସଲ ବୀମା ଯୋଜନା ଭାବରେ ପ୍ରଶଂସା କରିବାବେଳେ ମାନ୍ୟବର ମନ୍ତ୍ରୀ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ- ଋଣଦାତା ନଥିବା ବୀମା ଆବେଦନଗୁଡ଼ିକର ସଂଖ୍ୟା ୨୦,୦୦୦ ରୁ ୫ କୋଟିକୁ ବୃଦ୍ଧି ପାଇଛି । ଅଣ-କୃଷକ ସଂଖ୍ୟା ୨୭ ଗୁଣ ବୃଦ୍ଧି ପାଇଛି । ବର୍ତ୍ତମାନ ବୀମାଭୁକ୍ତ କ୍ଷେତ୍ର ୫ କୋଟି ୯୮ ଲକ୍ଷ ହେକ୍ଟର । ବୀମାଭୁକ୍ତ ମୋଟ ରାଶି ୮୨,୦୦୦ କୋଟିରୁ ୨୦୦,୭୧,୨୯୫ ଟଙ୍କାକୁ ବୃଦ୍ଧି ପାଇଛି । କୃଷକମାନେ ବର୍ତ୍ତମାନ ୩୨,୪୪୦ କୋଟି ପ୍ରିମିୟମରେ ୧ ଲକ୍ଷ ୬୪ ହଜାର କୋଟି ଟଙ୍କା ଦାବି କରିଛନ୍ତି, ଯାହା ୧୬,୪୪୨ କୋଟି ପ୍ରିମିୟମରେ ୬୩,୬୧୭ କୋଟି ଟଙ୍କା ଅଟେ।

# ଆଜି ରାଷ୍ଟ୍ରପତି ଭବନରେ ରାଜ୍ୟପାଳ ସମ୍ମିଳନୀକୁ ଉଦଘାଟନ କରିଛନ୍ତି ରାଷ୍ଟ୍ରପତି

**ନୂଆଦିଲ୍ଲୀ(ପିଆଇବି):** ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (ଅଗଷ୍ଟ ୨, ୨୦୨୪) ରାଷ୍ଟ୍ରପତି ଭବନରେ ରାଜ୍ୟପାଳ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଏହି ସମ୍ମିଳନୀରେ କେବଳ କେନ୍ଦ୍ର-ରାଜ୍ୟ ସମ୍ପର୍କକୁ ଗଢ଼ିତୋଳିବା ନୁହେଁ ବରଂ ସାଧାରଣ ଲୋକଙ୍କ ପାଇଁ କଲ୍ୟାଣକାରୀ ଯୋଜନାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ।
ରାଷ୍ଟ୍ରପତି ତାଙ୍କ ପ୍ରାରମ୍ଭିକ ଭାଷଣରେ କହିଥିଲେ ଯେ ଏହି ସମ୍ମିଳନୀର କାର୍ଯ୍ୟସୂଚୀରେ ଆମର ଜାତୀୟ ଲକ୍ଷ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ସତର୍କତାର ସହ ଚୟନ କରାଯାଇଛି । ସେ କହିଛନ୍ତି ଯେ ଏହି ସମ୍ମିଳନୀର ଆଲୋଚନା ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ସମୃଦ୍ଧ ଅନୁଭୂତି ହେବ ଏବଂ ସେମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରିବ । ଉଦଘାଟନୀ ଅଧିବେଶନରେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ମଧ ଉଦବୋଧନ ଦେଇଥିଲେ। ଉପରାଷ୍ଟ୍ରପତି ଶ୍ରୀ ଜଗଦୀପ ଧନଖଡ଼ ରାଜ୍ୟପାଳଙ୍କ ଶପଥକୁ ଉଲ୍ଲେଖ କରି ଗତ ଦଶନ୍ଧି ମଧ୍ୟରେ ଘଟିଥିବା ସାମାଜିକ କଲ୍ୟାଣକାରୀ ଯୋଜନା ଏବଂ ଅବିଶ୍ୱସନୀୟ ବିକାଶ ବିଷୟରେ ଲୋକଙ୍କୁ ସଚେତନ କରିବାର ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବାକୁ ଅନୁରୋଧ କରିଥିଲେ ।
ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଅଭିଭାଷଣରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁର ଭୂମିକା ଗ୍ରହଣ କରିବା ଏବଂ ଗରିବ ଲୋକଙ୍କୁ ସହଯୋଗ କରିବା ପାଇଁ ଲୋକ ଏବଂ ସାମାଜିକ ସଂଗଠନମାନଙ୍କ ସହିତ ବାର୍ତ୍ତାଳାପ କରିବାକୁ ରାଜ୍ୟପାଳମାନଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ରାଜ୍ୟପାଳ ପଦ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଯାହା ସମ୍ବିଧାନର ଢାଞ୍ଚା ଅନୁଯାୟୀ ଜନସାଧାରଣଙ୍କର, ବିଶେଷ କରି ଆଦିବାସୀ ମାନଙ୍କର କଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ଦୁଇ ଦିନିଆ ସମ୍ମିଳନୀରେ କ'ଣ ଆଲୋଚନା ହେବ ସେ ସମ୍ପର୍କରେ ବର୍ଣ୍ଣନା କରିବା ସହ ଜନସାଧାରଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ଉନ୍ନୟନମୂଳକ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଭାଇବ୍ରେଣ୍ଟ ଗ୍ରାମ ଏବଂ ଆକାଂକ୍ଷୀ ଜିଲ୍ଲା ଗସ୍ତ କରିବାକୁ ରାଜ୍ୟପାଳମାନଙ୍କୁ ଅନୁରୋଧ କରିଥିଲେ ।
ସମ୍ମିଳନୀକୁ ଉଦଘାଟନ କରି ରାଷ୍ଟ୍ରପତି କହିଛନ୍ତି ଯେ ଅପରାଧିକ ନ୍ୟାୟ ସମ୍ବନ୍ଧୀୟ ତିନୋଟି ନୂତନ ଆଇନ କାର୍ଯ୍ୟକାରୀ ହେବା ପରେ ଦେଶରେ ନ୍ୟାୟ ବ୍ୟବସ୍ଥାର ଏକ ନୂତନ ଯୁଗ ଆରମ୍ଭ ହୋଇଛି। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷୀ ଅଧିନିୟମ ଭଳି ଆଇନର ନାମରୁ ଆମ ଚିନ୍ତାଧାରାରେ ପରିବର୍ତ୍ତନ ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି।



ଗଣତନ୍ତ୍ରକୁ ସୁରୁଖୁରୁରେ ଚଳାଇବା ପାଇଁ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସି ସବୁ ରାଜ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଜରୁରୀ ବୋଲି ରାଷ୍ଟ୍ରପତି କହିଛନ୍ତି। ସମ୍ପୃକ୍ତ ରାଜ୍ୟର ସାମ୍ବିଧାନିକ ମୁଖ୍ୟ ହିସାବରେ ସେମାନେ କିପରି ଏହି ସମନ୍ୱୟକୁ ପ୍ରୋତ୍ସାହିତ କରିପାରିବେ ସେ ବିଷୟରେ ଚିନ୍ତା କରିବାକୁ ସେ ରାଜ୍ୟପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।
ରାଷ୍ଟ୍ରପତି କହିଥିଲେ ଯେ ଗୁଣାତ୍ମକ ଉଚ୍ଚଶିକ୍ଷା ଏକ ଅତୁଳନୀୟ ସମ୍ପତ୍ତି କାରଣ ଏହା ବ୍ୟକ୍ତିଗତ ବିକାଶ ଏବଂ ସାମାଜିକ ପରିବର୍ତ୍ତନ ସହିତ ଅଭିନବତା ଏବଂ ଅର୍ଥନୈତିକ ପ୍ରଗତିକୁ ପ୍ରୋତ୍ସାହିତ କରେ । ସେ କହିଥିଲେ ଯେ ଜାତୀୟ ଶିକ୍ଷା ନୀତିରେ ଶିକ୍ଷାନୁଷ୍ଠାନଗୁଡ଼ିକର ମାନ୍ୟତା ଏବଂ ମୂଲ୍ୟାୟନ ବ୍ୟବସ୍ଥାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଭାବରେ ରାଜ୍ୟପାଳମାନେ ଏହି ସଂସ୍କାର ପ୍ରକ୍ରିୟାରେ ଯୋଗଦାନ କରିବାକୁ ସେ ଅନୁରୋଧ କରିଥିଲେ।
ଗରିବ, ସୀମାବର୍ତ୍ତୀ ଅଞ୍ଚଳ, ବଞ୍ଚିତ ବର୍ଗ ଓ ଅଞ୍ଚଳର ବିକାଶ ଏବଂ ବିକାଶ ଯାତ୍ରାରେ ପଛୁଆ ଥିବା ଲୋକଙ୍କ ବିକାଶକୁ ଭାରତ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି ବୋଲି ରାଷ୍ଟ୍ରପତି କହିଥିଲେ । ଅନୁସୂଚିତ ଜନଜାତି ଅଞ୍ଚଳରେ ଆମ ଆଦିବାସୀ ଜନସଂଖ୍ୟାର ଏକ ବଡ଼ ଅଂଶ ବସବାସ କରନ୍ତି ବୋଲି ସେ ଦର୍ଶାଇ ଏହି ଅଞ୍ଚଳର ଜନସାଧାରଣଙ୍କ ସାମଗ୍ରିକ ବିକାଶ ପାଇଁ ଉପାୟ ପରାମର୍ଶ ଦେବାକୁ ରାଜ୍ୟପାଳମାନଙ୍କୁ ଅନୁରୋଧ କରିଥିଲେ ।
ଯୁବପିଢ଼ିଙ୍କ ଶକ୍ତିକୁ ସକାରାତ୍ମକ ଓ ଗଠନମୂଳକ କାର୍ଯ୍ୟରେ ନିୟୋଜିତ କରାଗଲେ 'ଯୁବ ବିକାଶ' ଓ 'ଯୁବ ନେତୃତ୍ୱାଧୀନ ବିକାଶ' ଅଧିକ ତ୍ୱରାନ୍ୱିତ ହେବ ବୋଲି ରାଷ୍ଟ୍ରପତି କହିଥିଲେ। 'ମୋ ଭାରତ' ଅଭିଯାନ ଏଥିପାଇଁ ଏକ ସୁଚିନ୍ତିତ ବ୍ୟବସ୍ଥା ପ୍ରଦାନ କରୁଛି। ରାଜ୍ୟପାଳମାନେ ଏହି ଅଭିଯାନ ସହ ଜଡ଼ିତ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଚିତ, ଯାହାଦ୍ୱାରା ଅଧିକରୁ ଅଧିକ ଯୁବବର୍ଗ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି।
'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଏହା ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲୋକଙ୍କୁ ପରସ୍ପରକୁ ବୁଝିବା ଏବଂ ପରସ୍ପର ସହ ଯୋଡ଼ି ହେବାରେ ସକ୍ଷମ କରିଛି। ଏକତାର ଭାବନାକୁ ଆହୁରି ସୁଦୃଢ଼ କରିବାରେ ଯୋଗଦାନ କରିବାକୁ ସେ ରାଜ୍ୟପାଳମାନଙ୍କୁ ଅନୁରୋଧ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ ୱାର୍ମିଂ ଭଳି ଆହ୍ୱାନର ମୁକାବିଲା ପାଇଁ ଅନେକ ପ୍ରୟାସ କରାଯାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି । ରାଜ୍ୟପାଳମାନେ 'ଏକ ପେଡ୍ ମା କେ ନାମ' ଅଭିଯାନକୁ ବ୍ୟାପକ ସ୍ତରରେ ଜନଆନ୍ଦୋଳନରେ ପରିଣତ କରି ଏଥିରେ ଯୋଗଦାନ ଦେଇପାରିବେ।
ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରି ଆମେ ମାଟିର ଉର୍ବରତା ବୃଦ୍ଧି କରିପାରିବା ଏବଂ କୃଷକଙ୍କ ଆୟ ବଢ଼ାଇ ପାରିବା ବୋଲି ରାଷ୍ଟ୍ରପତି କହିଥିଲେ। ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ରାଜଭବନ ଗୁଡ଼ିକ ଉଦାହରଣ ସୃଷ୍ଟି କରିପାରିବେ ବୋଲି ସେ କହିଥିଲେ।
ସମସ୍ତ ରାଜ୍ୟପାଳ ଲୋକଙ୍କ ସେବା ଓ କଲ୍ୟାଣ ରେ ଯୋଗଦାନ ଜାରି ରଖିବେ ଏବଂ ସେମାନଙ୍କ ଦ୍ୱାରା ନିଆଯାଇଥିବା ଶପଥକୁ ନ୍ୟାୟ ଦେବେ ବୋଲି ରାଷ୍ଟ୍ରପତି ବିଶ୍ୱାସ ବ୍ୟକ୍ତ କରିଥିଲେ । ଏହି ସମ୍ମିଳନୀରେ ବିଭିନ୍ନ ଅଧିବେଶନ ଆୟୋଜନ କରାଯିବ, ଯେଉଁଥିରେ ରାଜ୍ୟପାଳଙ୍କ ସବ୍-ଗ୍ରୁପ୍ ପ୍ରତ୍ୟେକ ଏଜେଣ୍ଡା ଆଇଟମ୍ ଉପରେ ବିଚାର ବିମର୍ଶ କରିବେ। ରାଜ୍ୟପାଳଙ୍କ ବ୍ୟତୀତ ଏହି ଅଧିବେଶନରେ କେନ୍ଦ୍ର ମନ୍ତ୍ରୀ ଏବଂ ସମ୍ପୃକ୍ତ ମନ୍ତ୍ରଣାଳୟର ଅଧିକାରୀମାନେ ମଧ ଯୋଗ ଦେବେ। ଆସନ୍ତାକାଲି (ଅଗଷ୍ଟ ୩, ୨୦୨୪) ଶେଷ ଅଧିବେଶନରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ସବ୍-ଗ୍ରୁପ୍ ଗୁଡ଼ିକର ମତାମତ ଓ ପରାମର୍ଶ ଉପସ୍ଥାପନ କରାଯିବ।

## ଓଡ଼ଙ୍ଗୀରେ ଅରୁଣ ଦେ'ଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ ଦାଦାଙ୍କ ସମର୍ଥକଙ୍କୁ ସୁରକ୍ଷା ଦେଇଚାଲିଥିବି :ରବି ଜେନା

**ବାଲେଶ୍ୱର(ମାନିସ):** 'ତିନି ବର୍ଷ ତଳେ ଅରୁଣ ଦେ' ହଠାତ କରୋନା ରେ ଆକ୍ରାନ୍ତ ହେବା ପରେ ଅସୁସ୍ଥ ହୋଇପଡ଼ିଥିଲେ. ସେତେ ବେଳେ ସେ ମୋତେ ଡାକି ତାଙ୍କର ନିଜ ଏକାନ୍ତ ଅନୁଗତ ଓ କର୍ମୀ ମାନେ ତୋତେ ଲାଗିଲେ ବୋଲି କହିଥିଲେ। ଦାଦା ଙ୍କ ଅନୁରୋଧ କୁ ରକ୍ଷା କରି ଶାନ୍ତନୁ, ଘନଶ୍ୟାମ ଗିରିଙ୍କ ସମେତ ଶତାଧିକ କର୍ମୀଙ୍କୁ ମୁଁ ସୁରକ୍ଷା ଦେବା ସହ ସେମାନଙ୍କ ସୁଖ ଦୁଃଖ ରେ ରହିଛି. ଜୀବନରେ ଯେତେ ଝଡ଼ ଝଞ୍ଜା ଆସିଲେ ମଧ ଦାଦାଙ୍କୁ ଦେଇଥିବା ପ୍ରତିଶୃତି କୁ ଭାଙ୍ଗିବି ନାହିଁ। ' ଆଜି ଓଡ଼ଙ୍ଗୀ ଠାରେ ଅରୁଣ ଦେ 'ସ୍ମୃତି କମିଟି ପକ୍ଷରୁ ଅରୁଣ ଦେ 'ଙ୍କ ତୃତୀୟ ଶ୍ରାଦ୍ଧ ସଭାରେ ସ୍ମୃତି ଚାରଣ କରି ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର ଜେନା ଏ କଥା କହିଥିଲେ। ଅରୁଣ ଦେ ଙ୍କ ଭଳି ଜଣେ ସଂଗ୍ରାମୀ ନେତା ବାଲେଶ୍ୱର ମାଟିରେ ଜନ୍ମ ନେବେ କି ନାହିଁ ତାହା ଜଣା ନାହି. ମାତ୍ର ତାଙ୍କର ପଦାଙ୍କ ଅନୁସରଣ କରି ଲୋକଙ୍କ ପାଇଁ ସାଲିସ ବିହୀନ ସଂଗ୍ରାମ କରିବା ପାଇଁ ସମସ୍ତେ ଆଜି ବଜ୍ର ଶପଥ ନେବା ଆବଶ୍ୟକ ବୋଲି ଶ୍ରୀ ଜେନା କହିଥିଲେ। ଶ୍ରମିକ ନେତା ଶାନ୍ତନୁ ଦାସ ଅଧକ୍ଷତା କରି ଦାଦା ଙ୍କ ଛାତ୍ର ଜୀବନ ର ରାଜନୀତି ଠାରୁ ଆରମ୍ଭ କରି ତାଙ୍କର ସଂଘର୍ଷମୟ ରାଜନୀତି ପର୍ଯ୍ୟନ୍ତ ଉଲ୍ଲେଖ କରିଥିଲେ। ଶ୍ରମିକ ମାନଙ୍କ ସ୍ୱାର୍ଥ ରକ୍ଷା ଲାଗିଁ ସେ କିଭଳି ବିଧାନ ସଭା ରେ ସରକାରଙ୍କୁ ଘେରୁଥିଲେ ତାର ଚିତ୍ର ଉପସ୍ଥାପନ କରିବା ସହ ବର୍ତ୍ତମାନ ଏଭଳି ଜଣେ ନେତା ମିଳିବା ଦୁରୂହ ବ୍ୟାପାର ବୋଲି ଦର୍ଶାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ମାନସ ଦତ୍ତ, ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ପୌର ପାଳିକା ଅଧକ୍ଷା ସବିତା ସାହୁ,ସଦର ବ୍ଲକ ଅଧକ୍ଷା ସୁନିତା ବେହେରା, ରେମୁଣାର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ସୁଦର୍ଶନ ଜେନା, ସୂର୍ଯ୍ୟ କାନ୍ତ କର, ବରଦା ପ୍ରସନ୍ନ ପଟ୍ଟନାୟକ, ଅଜୟକୁମାର ସାମଲ,ରାତୁଲ କୁମାର ଘୋଷ,ଘନଶ୍ୟାମ ଗିରି,ଓଲନ୍ଦା ସରପଞ୍ଚ, ଓଡ଼ଙ୍ଗୀ ସରପଞ୍ଚ କର୍ପୂରୀ ସେଠୀ, ବଇଞ୍ଚା ସରପଞ୍ଚ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଥିଲେ। ସ୍ମୃତି ସଭା ପ୍ରାରମ୍ଭରେ ଗାଁ ମୁଣ୍ଡରେ ଥିବା ଦାଦା ଙ୍କ ପ୍ରତିମୂର୍ତ୍ତି ରେ ଅତିଥି ମାନେ ସାମୁହିକ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ

## ଷ୍ଟେଟ ବ୍ୟାଙ୍କ ମୁଖ୍ୟ ମହାପ୍ରବନ୍ଧକଙ୍କ କଳାହାଣ୍ଡି ଓ ରାୟଗଡା ଗସ୍ତ



**ଭୁବନେଶ୍ୱର:** ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଦିନେଶ ପରୁଥି ଅଗଷ୍ଟ ୧ ରୁ ୨ ତାରିଖ ପର୍ଯ୍ୟନ୍ତ ଦୁଇ ଦିନିଆ କଳାହାଣ୍ଡି ଓ ରାୟଗଡା ଗସ୍ତ କରିଛନ୍ତି । ଗସ୍ତର ପ୍ରଥମ ଦିନ ସେ ଷ୍ଟେଟ ବ୍ୟାଙ୍କ ଧର୍ମଗଡର ନବୀକୃତ ଶାଖାର ଉଦ୍ଘାଟନ କରିଥିଲେ । ଏହି ଅବସରରେ ଗମ୍ଭୀରଗୁଡା ସ୍ଥିତ ଯଶୋଦା ଅନାଥ ଆଶ୍ରମର ପ୍ରତିଷ୍ଠାତା ଶ୍ୟାମ ସୁନ୍ଦର ଜାଲ ଓ ତାଙ୍କ ପତ୍ନୀ କସ୍ତୁରୀ ଜାଲଙ୍କୁ ଅନ୍ତେବାସୀ ମାନଙ୍କ କଲ୍ୟାଣ ନିମିତ୍ତ ଏକ ଲକ୍ଷ ଟଙ୍କା ମୂଲ୍ୟର ସହାୟତା ପ୍ରଦାନ କରିଥିଲେ ତଥା ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଅନ୍ତର୍ଗତ ବୀମା ସହାୟତା ରାଶି ବୀମା-ଧାରକ ମୃତକ ଶ୍ରୀ ଲଖନ ବାଗଙ୍କ ପତ୍ନୀ ହିମାଦ୍ରି ବାଗଙ୍କୁ ପ୍ରଦାନ କରାଯାଇଥିଲା । ଗସ୍ତର ଦ୍ୱିତୀୟ ଦିନ ଶ୍ରୀ ପରୁଥି ରାୟଗଡା ସ୍ଥିତ ଷ୍ଟେଟ ବ୍ୟାଙ୍କ ଗୁମୁଡା ଶାଖା ଉଦ୍ଘାଟନ କରିଥିଲେ ତଥା ଷ୍ଟେଟ ବ୍ୟାଙ୍କ କୋର୍ପୋରେଟ ଦାୟିତ୍ୱ ପାଳନ ଅନୁକ୍ରମେ ରାୟଗଡା ସ୍ଥିତ ଜାଗୃତି ଆଶ୍ରୟ ନିବାସର ଅନ୍ତେବାସୀ ମାନଙ୍କ ପାଇଁ ଫ୍ରିଜ ଓ ଗୀଜର ଆଦି ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପ-ମହାପ୍ରବନ୍ଧକ ବ୍ରହ୍ମପୁର ଶ୍ରୀ ସନ୍ଦୀପ କୁମାର ଚୌବେ ଓ କ୍ଷେତ୍ରୀୟ ପ୍ରବନ୍ଧକମାନେ ଉପସ୍ଥିତ ଥିଲେ ।

## ଟାଟା ଷ୍ଟିଲର ଯୋଡା ଇଷ୍ଟ ଲୌହ ଖଣି କ୍ୱାଲିଟି ସିଷ୍ଟମ ପାଇଁ ଫିକି ଦ୍ୱାରା ପୁରସ୍କୃତ

**ଯୋଡା(ମାନିସ):** ଟାଟା ଷ୍ଟିଲର ଯୋଡା ଇଷ୍ଟ ଲୌହ ଖଣି କୁ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଦଶମ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ପୁରସ୍କାର ସମାରୋହରେ 'ଇନୋଭେଟିଭ୍ କ୍ୱାଲିଟି ସିଷ୍ଟମ୍ ଫର୍ ଏକ୍ସିଲେନ୍ସ' ବର୍ଗରେ କ୍ୱାଲିଟି ସିଷ୍ଟମରେ ଉତ୍କର୍ଷତା ପାଇଁ ଗୋଲ୍ଡ ଆୱାର୍ଡ ପ୍ରଦାନ କରାଯାଇଛି ।
ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜିତିନ ପ୍ରସାଦା ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ । ଟାଟା ଷ୍ଟିଲ ତରଫରୁ ଟାଟା ଷ୍ଟିଲର ଇମ୍ପ୍ରୋଭମେଣ୍ଟ (ଓଏମକ୍ୟୁ) ହେଡ ସଞ୍ଜିତ କୁମାର ଆଧା ଏବଂ ଟାଟା ଷ୍ଟିଲର ଯୋଡା ଇଷ୍ଟ ଲୌହ ଖଣି ର




ଇକ୍ୟୁପମେଣ୍ଟ ମେଣ୍ଟେନାନ୍ସ ହେଡ କ୍ରିଷ୍ଣା ମୋହନ ଏହି ପୁରସ୍କାର ଗ୍ରହଣ କରିଥିଲେ ।
ଯୋଡା ଇଷ୍ଟ ଲୌହ ଖଣି ରେ ହାତକୁ ନିଆଯାଇଥିବା ଗୁଣବତ୍ତା ପ୍ରଣାଳୀଗୁଡ଼ିକ ମଧ୍ୟରେ ପ୍ରଭାବଶାଳୀ କାର୍ଯ୍ୟକାରିତା ସହିତ ଗ୍ରାହକ କୈନ୍ଦ୍ରିକ ଗୁଣବତ୍ତା ନୀତି, ଅନଲାଇନ୍ ଦସ୍ତାବିଜ ନିୟନ୍ତ୍ରଣ ବ୍ୟବସ୍ଥା, ନିରନ୍ତର ଉନ୍ନତି ପାଇଁ ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ (ଟିକ୍ୟୁଏମ) ନୀତି ଗ୍ରହଣ କରିବା ଏବଂ ଗୁଣବତ୍ତା ଯାତ୍ରାରେ ୧୦୦% କର୍ମଚାରୀଙ୍କ ସମ୍ପୃକ୍ତି ଆଦି ସାମିଲ ରହିଛି ।
ଫିକି ସମ୍ମିଳନୀ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ସେମାନଙ୍କର ସର୍ବୋତ୍ତମ ଅଭ୍ୟାସ ଏବଂ ଅଭିନବ ସମାଧାନ ବାଣ୍ଟିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା ଯାହା ଉତ୍କୃଷ୍ଟ ଗୁଣବତା ପ୍ରଣାଳୀ ଏବଂ ସେମାନଙ୍କ ସଂଗଠନ ମଧ୍ୟରେ ସାମଗ୍ରିକ ପ୍ରଦର୍ଶନକୁ ବୃଦ୍ଧି କରିଛି ।
ଏହି କାର୍ଯ୍ୟକ୍ରମରେ ଯୋଡା ଇଷ୍ଟ ଲୌହ ଖଣି ର ମାନ୍ୟତା ଏହାର ଗୁଣବତାର ଉଚ୍ଚମାନ ବଜାୟ ରଖିବା ଏବଂ କାର୍ଯ୍ୟରେ ନିରନ୍ତର ଉନ୍ନତି ପାଇଁ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ବନ୍ଧା ହେଲେ ବିଡିଓ ମାଡାମ୍

**ଗୋଲାମୁଣ୍ଡା(ମାନିସ):** ଗତକାଲି ବିଡିଓ ମାଡାମଙ୍କ କାରରୁ ୪ ଲକ୍ଷ ୯୨ ହଜାର ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ଗାଡ଼ିରୁ ମୋଟା ଅଙ୍କର ଟଙ୍କା ଜବତ ହେବା ପଡ଼ିଲା ମହଙ୍ଗା। ବନ୍ଧା ହେଲେ ବିଡିଓ ମାଡାମ୍। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବିଡ଼ିଓ ଅକ୍ଷମିତା କାର୍ତ୍ତିକଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଏଥିସହ ଭିଜିଲାନ୍ସ ପକ୍ଷରୁ ତାଙ୍କ ନାଁରେ ମାମଲା ରୁଜୁ କରାଯାଇଛି।



ଗତକାଲି ବିଡିଓ ମ୍ୟାଡାମ୍ ଭବାନୀପାଟଣା ଉଜଉଇ ସମ୍ମିଳନୀ କକ୍ଷରେ ହେଉଥିବା ରିଭ୍ୟୁ ମିଟିଂରେ ଯୋଗ ଦେଇ ନିଜର ସହକର୍ମୀଙ୍କ ସହ ସରକାରୀ ଗାଡ଼ିରେ ଫେରିବା ବେଳେ ତାଙ୍କ ଗାଡ଼ିରୁ ୪ ଲକ୍ଷ ୯୪ ହଜାର ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ତେବେ ଏହି ଟଙ୍କା ସଂପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ବିଡିଓ ମାଡାମ୍। ଯାହାକୁ ନେଇ ଭିଜିଲାନ୍ସ ଅଧିକାରୀଙ୍କର ସନ୍ଦେହ ବଢ଼ିଥିଲା। ବିଡିଓ ମାଡାମଙ୍କୁ ଅଟକ ରଖି ଏତେ ଟଙ୍କା କେଉଁଠୁ ଆଣିଲେ, କିଏ ଏହି ଟଙ୍କା ଦେଲା ସେହି ସଂପର୍କ ପଚରାଉଚରା କରିଥିଲା ଭିଜିଲାନ୍ସ। ଆଜି ତାଙ୍କୁ ଗିରଫ କରାଯାଇଛି।
ଭିଜିଲାନ୍ସ ଅଧିକାରୀଙ୍କ କହିବା ମୁତାବକ, ବିଡିଓ ଅକ୍ଷମିତା କାର୍ତ୍ତିକଙ୍କ ବିରୋଧରେ ପୂର୍ବରୁ ମଧ ଅଭିଯୋଗ ରହିଛି। ଦୁର୍ନୀତି ଅଭିଯୋଗରେ ତାଙ୍କ ବିରୋଧରେ ଦୁଇଥର ବିଭାଗୀୟ ତଦନ୍ତ ମଧ ହୋଇଛି। ଏପରିକି ପୁଲିସ କେସ୍ ମଧ ହୋଇଥିଲା। ସୂଚନାଯୋଗ୍ୟ, ବିଡିଓ ଶ୍ରୀମତୀ କାର୍ତ୍ତିକ ରାୟଗଡ଼ାରେ ବିବାହ କରିଥିବା ବେଳେ ତାଙ୍କ ସ୍ୱାମୀ ଆୟକର ବିଭାଗରେ ଚାକିରି କରୁଥିବା ଜଣାପଡ଼ିଛି। ବିଡ଼ିଓ ମହାଶୟା ପୂର୍ବରୁ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ରେ କୋଭିଡ ଟଙ୍କା ଆତ୍ମସାତ କରି ନିଲମ୍ବନ ହୋଇ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ କାମ କରୁଥିଲେ,ଏତତଃ ବ୍ୟତୀତ ତେନ୍ତୁଳୀଖୁଣ୍ଟି ବ୍ଲକ ରେ ମଧ ଟଙ୍କା ଖାଇ ନିଲମ୍ବନ ହୋଇଥିଲେ ଓ ରାୟଗଡା ଜିଲ୍ଲା ଅଧିନ ଗୁଣପୁର ତହସିଲ ର ତହସିଲଦାର ଥିବା ସମୟରେ ମଧ ପ୍ରଚୁର ମାତ୍ରରେ ଲାଞ୍ଚ ଖାଇ ଆଇନଜୀବୀ ମାନଙ୍କ ସହିତ ଝଗଡା କରି ଥାନାରେ ମଧ ଶ୍ରୀମତୀ କାର୍ତ୍ତିକ ମେଡମଙ୍କ ନାମରେ କେସ ହୋଇଥିଲା।

## ବିଏମସି ପକ୍ଷରୁ ସବୁଜ ଭୁବନେଶ୍ୱର ଅଭିଯାନ ଆରମ୍ଭ

**ଭୁବନେଶ୍ୱର:** ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଓ ଭୁବନେଶ୍ୱର ବନଖଣ୍ଡର ମିଳିତ ଉଦ୍ୟମରେ ମେଗା ପ୍ଲାଣ୍ଟେସନ କାର୍ଯ୍ୟକ୍ରମ ସବୁଜ ଭୁବନେଶ୍ୱର ଅଭିଯାନ ଆରମ୍ଭ ହୋଇଛି । 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ସାକାର କରିବା ପାଇଁ ଆଜି ନର୍ଥ ଜୋନର ୨ଟି ଏବଂ ସାଉଥ୍-ୱେଷ୍ଟ ଜୋନର ୩ଟି ସ୍ଥାନରେ ବୃକ୍ଷ ରୋପଣ କରାଯାଇଛି। ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସ , ଉତର ବିଧାୟକ ସୁଶାନ୍ତ କୁମାର ରାଉତ ନର୍ଥ ଜୋନର ଏକ ନମ୍ବର ୱାର୍ଡ ଅନ୍ତର୍ଗତ ଫୁଟବଲ ଗ୍ରାଉଣ୍ଡରେ ବୃକ୍ଷ ରୋପଣର ଶୁଭାରମ୍ଭ କରିଛନ୍ତି । ପରେ ୨ ନମ୍ବର ୱାର୍ଡ ଅନ୍ତର୍ଗତ ଶିଖରଚଣ୍ଡୀ ନଗର ଏବଂ ସାଉଥ-ୱେଷ୍ଟ ଜୋନର ୨୨ ନମ୍ବର ୱାର୍ଡ ଅନ୍ତର୍ଗତ ଭରତପୁରସ୍ଥିତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ ବୃକ୍ଷ ରୋପଣ କରାଯାଇଥିଲା। ଅନ୍ୟ ପକ୍ଷରେ ୫୦ ନମ୍ବର ୱାର୍ଡର ବରମୁଣ୍ଡା ଦୁର୍ଗାପୂଜା ପଡିଆ ଓ ଶେଷରେ ୬୩ ନମ୍ବର ୱାର୍ଡର ଜାଗମରାସ୍ଥିତ ବିଏମସିର ପ୍ରସ୍ତାବିତ ଜୋନାଲ ଅଫିସ ପ୍ରାଙ୍ଗଣରେ ବୃକ୍ଷ ରୋପଣ କରାଯାଇଥିଲା ।

## ପଣପଣା ସେବା ସମବାୟ ସମିତିର ୪ ହଜାର ଖାତାଧାରୀଙ୍କ ଜମା ଅର୍ଥ ଚଳୁ ଅଭିଯୋଗ

**ବାଲେଶ୍ୱର(ମାନିସ):** ବାଲେଶ୍ୱର ବାହାନଗା ବ୍ଲକ ପଣପଣା ସେବା ସମବାୟ ସମିତି ଚିଟ ଫଣ୍ଡ ସଂସ୍ଥା ଭଳି ୪ ହଜାର ଜମାକାରୀ ଙ୍କୁ ବିଗତ ୬ ବର୍ଷ ହେଲା ଠକି ଚାଲିଛି। ଫଳରେ ଟଙ୍କା ଜମାକରି ଏବେ ହିତାଧିକାରୀ ମାନେ ଫସି ଯାଇଥିବା ଲକ୍ଷ୍ୟ କରାଯାଇଛି। ବର୍ଷକ ପାଇଁ ଲୋକ ମାନେ ଟଙ୍କା ଜମା କରିଥିଲାବେଳେ ଟଙ୍କା ଫେରା ନ ଯାଇ ଟାଳ ଟୁଳ ନୀତି ଅବଲମ୍ବନ କରାଯାଇ ଆଉ ଏକ ବର୍ଷ ପାଇଁ ସ୍ଥାୟୀ ଜମା ରଖିବାକୁ ସେବା ସମବାୟ ସମିତି ର ସମ୍ପାଦକ ଓ କର୍ମଚାରୀ ମାନେ ବାଧ କରୁଥିଲେ। ତେବେ ଝିଅ ବାହାଘର, ଶୁଦ୍ଧି କ୍ରିୟା, ପୁଅ ଝିଅଙ୍କ ପାଠ ପଢା ପାଇଁ ଜମା ଅର୍ଥ ଫେରସ୍ତ ପାଇଁ ଜିଦ ଧରିବା ପରେ ଟଙ୍କା ନ ମିଳିବାରୁ ଜମାକାରୀ ମାନେ ହତାଶ ହୋଇ ଭୁବନେଶ୍ୱର ଠାରୁ ଆରମ୍ଭ କରି ଜିଲ୍ଲାପାଳ ଙ୍କ ପର୍ଯ୍ୟନ୍ତ ସବୁ ଅଫିସ କୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ। ଅତିରିକ୍ତ ଜିଲ୍ଲପାଳ ମଧ ତଦନ୍ତ କରି ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।ତେବେ ଇତି ମଧ୍ୟରେ ପାଞ୍ଚ ମାସ ବିତି ଯାଇଥିଲେ ମଧ ଟଙ୍କା ନ ପାଇ ହତାଶ ହେବା ପରେ ଶୁକ୍ରବାର ୫୦ ରୁ ଅଧିକ ଜମାକାରୀ ଉପନିବନ୍ଧକ ଗଜେନ୍ଦ୍ର ପଣ୍ଡା ଙ୍କୁ ଭେଟି ନିଜ ଦୁଃଖ ଜଣାଇବା ସହ ଟଙ୍କା ଫେରସ୍ତ ନ ହେବା ପର୍ଯ୍ୟନ୍ତ ଧାରଣା ରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଅପର ପକ୍ଷରେ ଉପ ନିବନ୍ଧକ ଶ୍ରୀ ପଣ୍ଡା କହିଛନ୍ତି କି ଅଡିଟ ପରେ ତିନି ମାସ ମଧ୍ୟରେ ଅର୍ଥ ପ୍ରଦାନ କରାଯିବ।

## ବାଲେଶ୍ୱର ଜଳ ସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ଘର ସମେତ ୫ ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ର ୯ ଜଣିଆ ଟିମ ଆଜି ସକାଳ ପାଞ୍ଚଟା ଠାରୁ ବାଲେଶ୍ୱର ଜଳ ସମ୍ପଦ ବିଭାଗ ର ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ ଙ୍କ ସରକାରୀ କ୍ୱାର୍ଟର, ଓ ଅଫିସ ସମେତ ଜଳେଶ୍ୱର ର ପୈତୃକ ଘର, ଭାଇଙ୍କ ଘର,ଶ୍ୱଶୁର ଘର, ଦୁଇଟି ଫାର୍ମ ହାଉସ, ଉପରେ ଏକ ସାଙ୍ଗରେ ଚଢ଼ାଉ କରିଛି। ଯନ୍ତ୍ରୀ ଙ୍କ କ୍ୱାର୍ଟର ରୁ ଦୁଇହଜାର ଟଙ୍କିଆ ନୋଟ ବଂଡଲ, ପଞ୍ଚଶହ ଟଙ୍କା ର କୋଡିଏ ଟି ନୋଟ ବଂଡଲ, ଦୁଇଶହ ଟଙ୍କାର ନୋଟ ବଂଡଲ, ସୁନା ହାର. ମୁଦି, ଜୀବନ ବୀମା ପଲିସି, ୧୨ ଏକର ଓ ୬ ଏକର ର ଦୁଇଟି ଫାର୍ମ ହାଉସ ର କାଗଜ ପତ୍ର, ପଶ୍ଚିମ ବଙ୍ଗ ରେ ଦୁଇଟି ଜମି ପ୍ଲଟ, ନଗଦ ଦଶ ଲକ୍ଷ ଟଙ୍କା ଫିକ୍ସଡ଼ ଡିପୋଜିଟ ର ବ୍ୟାଙ୍କ ଖାତା, ଜବତ କରାଯାଇଛି।ମୋଟ ୫୮ ଟି ପ୍ଲଟ ର ଜଣାପଡିଛି।ଅନେକ ସମ୍ପତି କୁବେର ଯନ୍ତ୍ରୀ ନିଜ ନାମ ରେ ନ କରି ବେନାମୀ ସମ୍ପତି କରିଛନ୍ତି ବୋଲି ଭିଜିଲାନ୍ସ ବିଭାଗ ସୂତ୍ର ରୁ ଜଣା ପଡିଛି। ଚଢ଼ାଉ ପୂର୍ଣ୍ଣାଙ୍ଗ ହେବା ପରେ ମୋଟ ସମ୍ପତି ର ତଥ୍ୟ ମିଳି ପାରିବ ବୋଲି ଭିଜିଲାନ୍ସ ଡି ଏସ ପି ନରହରି ନାୟକ ସୂଚନା ଦେଇଛନ୍ତି।

# ଶୋଇଛି ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ

**ନୂଆପଡା(ମାନିସ):**-ନୂଆପଡା ଜିଲ୍ଲାରେ ଖାଦ୍ୟପେୟ ସାମଗ୍ରୀ ଅପମିଶ୍ରଣ ବ୍ୟବସାୟ ବୃଦ୍ଧି ପାଉଛି। ଲୋକେ ଖାଦ୍ୟ ନାଁରେ ଜହର ଖାଉଛନ୍ତି। ତଥାପି ଜିଲ୍ଲା ଖାଦ୍ୟ ନିରାପତା ବିଭାଗ ଗାଢ ନିଦରେ ଥିବାରୁ ପଦକ୍ଷେପ ନେଉ ନାହିଁ ବୋଲି ଜିଲ୍ଲାବାସୀ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ନୂଆପଡା ଜିଲ୍ଲାରେ ଖରିଆର ରୋଡ ଓ ନୂଆପଡା ଉପଖଣ୍ଡରେ ଖାଦ୍ୟପେୟ ନିରାପତା ବିଭାଗର ଗୋଟିଏ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟ ହେଉଛି ନିୟମିତ ବ୍ୟବଧାନରେ ଖାଦ୍ୟ ପ୍ରକ୍ରିୟାକରଣ ପ୍ରତିଷ୍ଠାନ, ରେଷ୍ଟୁରେଣ୍ଟ, ହୋଟେଲ, ଢାବା ଜଳଖିଆ ଦୋକାନ ଗୁଡିକରେ ପ୍ରସ୍ତୁତ ହେଉଥିବା ଖାଦ୍ୟପେୟ ସାମଗ୍ରୀର ନିରାପତା,ଗୁଣବତା,ହାଇଜେନିକ ବ୍ୟବସ୍ଥା ଯାଂଚ କରି ଲାଇସନ୍ସ ଦେବା ଓ ନବୀକରଣ କରାଇବା। ସରକାରୀ ପିକୃତ ହିସାବରେ ଜିଲ୍ଲାରେ ବର୍ଷକୁ ଆୟ ୧୨ଲକ୍ଷ ଟଙ୍କାରୁ କମ୍ ବ୍ୟବସାୟ କରୁଥିବା ଭଳି ବ୍ୟବସାୟ ପ୍ରତିଷ୍ଠାନ ହାରାହାରି ୧୬୪୧ ଥିବା ବେଳେ ବର୍ଷକୁ ଆୟ ୧୨ଲକ୍ଷ ଟଙ୍କାରୁ ଅଧିକ ବ୍ୟବସାୟ କରୁଥିବା ୨୬୧ ପ୍ରତିଷ୍ଠାନ ରହିଛି । ଏଗୁଡିକ ସରକାରୀ ପିକୃତ ଲାଇସେନ୍ସ ପ୍ରାପ୍ତ ପ୍ରତିଷ୍ଠାନ ହୋଇଥିବା ବେଳେ ଦିନକୁ ଦିନ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଛତୁ ଫୁଟିଲା ଭଳି ଖାଦ୍ୟପେୟ ପ୍ରସ୍ତୁତକାରୀ ପ୍ରତିଷ୍ଠାନ ସମେତ ରେଷ୍ଟୁରାଣ୍ଟ, ହୋଟେଲ, ଢାବା, ଜଳଖିଆ ଓ ଫାଷ୍ଟଫୁଡ ଦୋକାନ ଗୁଡିକ ବେଆଇନ ଭାବେ ବୃଦ୍ଧି ପାଇଛି । ବିନା ଫୁଡ ଲାଇସନ୍ସରେ ଫୁଟପାଥରେ ବେଆଇନ ବ୍ୟବସାୟ ମେଲାଇ ଦିନ ଦିପହରରେ ଗ୍ରାହକ ଓ ପ୍ରଶାସନ ଆଖିରେ ଧୂଳି ଦେଇ ଚାଲିଛନ୍ତି । ଅନ୍ୟପଟେ ଲାଇସେନ୍ସ ପ୍ରାପ୍ତ ଖାଦ୍ୟପେୟ ବ୍ୟବସାୟ ପ୍ରତିଷ୍ଠାନରେ ଗ୍ରାହକଙ୍କୁ ବାସିଖାଦ୍ୟ ପରସିବା,ଅନାବଶ୍ୟକ ଭାବେ ଖାଦ୍ୟକୁ ଆକର୍ଷଣିୟ ଓ ସୁସ୍ୱାଦୁ କରିବାକୁ ଯାଇ କୃତ୍ରିମ ରଙ୍ଗ,ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ବ୍ୟବହାର କରିବା,ତେଲକୁ ବାରମ୍ବାର ବ୍ୟବହାର କରିବା, ନିମ୍ନମାନର ସାମଗ୍ରୀକୁ ବଜାରରୁ କମ୍ ମୁଲ୍ୟରେ କ୍ରୟ କରି ଖାଦ୍ୟ ପ୍ରସ୍ତୁତ କରି ଅଧିକ ମୁଲ୍ୟରେ ବିକ୍ରି କରିବା,ପାକଶାଳା ଓ ଏହାକୁ ସଂଲଗ୍ନ ପରିବେଶ ପରିଷ୍କାର ପରିଚ୍ଛନ୍ନ ନରଖିବା ଭଳି ଅନେକ ଅଭିଯୋଗ ରହିଥିବା ବେଳେ ମାସିକିଆ ବଟି ନେଇ ବିଭାଗୀୟ ଅଧିକାରୀମାନେ ନିଦାବିଷ୍ଟ ସାଜିଥିବା ଚର୍ଚ୍ଚା ହେଉଛି । ବିଧିବଦ୍ଧ ଭାବେ ଏକ ସତନ୍ତ୍ର ଟିମ ଯୋଗେ ଏହି ସବୁ ବ୍ୟବସାୟ ପ୍ରତିଷ୍ଠାନରେ ଚଢାଉ କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଜିଲ୍ଲା ପ୍ରଶାସନ ଏଦିଗରେ ଦୃଢ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଏନେଇ ଫୁଡ ଇନ୍ସପେକ୍ଟରଙ୍କୁ ପଚାରିବାରୁ ଖାଦ୍ୟ ସୁରକ୍ଷା ଅଧିକାରୀ ବିଭିନ୍ନ ସମୟରେ ଚଢାଉ କରି ଯାଞ୍ଚ କରୁଥିବା କହିଥିବା ବେଳେ ଏହାର କିଛି ଦୃଷ୍ଟାନ୍ତ ଦିଶୁନାହିଁ ବୋଲି ଜନମତରେ ଚର୍ଚ୍ଚା ହେଉଛି ।

# ଭୂତ ବି ପଢ଼ନ୍ତି ପାଠ, ବଡ଼ଚଣା ଶିକ୍ଷା ମଣ୍ଡଳୀ ବାଲିଚନ୍ଦ୍ରପୁର

**ବଡଚଣା(ମାନିସ):** ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରାଥମିକ ଶିକ୍ଷା କୁ ଅଧିକ ଲୋକାଭିମୁଖୀ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ବହୁ ଯୋଜନା ମାନ ହାତ କୁ ନେଇଛନ୍ତି। ଏପରିକି ପୋଷାକ ପତ୍ର, ମଧ୍ୟାହ୍ନ ଭୋଜନ ପଭୃତି ଆବଶ୍ୟକ ମୁତାବକ ଯୋଗାଇ ଦିନକୁ ଦିନ ଯେଭଳି ଛାତ୍ର ଉପସ୍ଥାନ ବୃଦ୍ଧି ସହ ପାଠ ପଢାମଝିରୁ ଯେପରି କେହି ପାଠ ଛାଡନ୍ତି ସେଥି ପ୍ରତି ଯଥେଷ୍ଟ ଯତ୍ନବାନ ହେବା ପାଇଁ ଶିକ୍ଷା ବିଭାଗ ର ଉପରୁ ତଳ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନା ସବୁ ର ସଫଳ ରୂପାୟନ ପରିବର୍ତ୍ତେ ଏଥିରୁ କିଭଳି ଅଧିକ ରୁ ଅଧିକ ଲୁଟ କରି ହେବ କେତେକ ଅସାଧୁ ଶିକ୍ଷକ ପ୍ରୟାସ ଜାରି ରଖିଥିବା ର ସୁଚନା ମିଳିଛି। ନିକଟ ଅତୀତରେ ବଡଚଣା ବ୍ଲକ ଅନ୍ତର୍ଗତ ବରଦା ଗ୍ରାମ



ର ସୁଚନା ଅଧିକାର କର୍ମୀ ରଶ୍ମି ରଞ୍ଜନ ଦାଶ ରୁକୁଟିପାଟ ବିଶ୍ୱାଳ ସାହି ପ୍ରାଥମିକ ବିଦ୍ୟାଳୟ ର ୨୦୦୬/୦୭ ଶିକ୍ଷା ବର୍ଷର ଆଡମିସନ ରେଜିଷ୍ଟାର ଓ ଛାତ୍ର ଉପସ୍ଥାନ ଖାତା ସମ୍ପର୍କରେ ଏକ ସୁଚନା ବଡଚଣା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମାଗି ଥିଲେ। ସୁଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବେଲଗୁଣ୍ଠା ର ଦୁଇ ଛାତ୍ର ଛାତ୍ରୀ ସେମାନଙ୍କ ର ଶ୍ରେଣୀ ଉତ୍ତିର୍ଣ୍ଣ ପ୍ରମାଣ ପତ୍ର ବଡଚଣା ବ୍ଲକ ବିକ୍ରମତିରଣ ପ୍ରାଥମିକ ବିଦ୍ୟାଳୟ ରୁ ହାସଲ କରିଥିବା କଥା ରୁକୁଟିପାଟ ବିଶ୍ୱାଳ ସାହି ପ୍ରାଥମିକ ବିଦ୍ୟାଳୟ ପ୍ରବେଶିକା ଖାତାରେ ଉଲ୍ଲେଖ ଥିଲେ ହେଁ ପ୍ରକୃତ ପକ୍ଷେ ବିକ୍ରମତିରଣ ପ୍ରାଥମିକ ବିଦ୍ୟାଳୟ ର ପ୍ରସ୍ଥାନ ଖାତା ସେମିତି କେହି ପଢୁଥିବା ର ସୁଚନା ପ୍ରାପ୍ତ ହୋଇଛନ୍ତି। ।ସୁଚନା ଅଧିକାର କର୍ମୀ ରଶ୍ମିରଞ୍ଜନ ଦାଶ କହିବା ଅନୁଯାୟୀ ରୁକୁଟିପାଟ ବିଶ୍ୱାଳ ସାହି ପ୍ରାଥମିକ ବିଦ୍ୟାଳୟ ର ପ୍ରବେଶ ଖାତାରେ ଉଲ୍ଲେଖ ଥିବା କୁମାରୀ ରଶ୍ମିତା ସେଠି ଓ ପ୍ରଦିପ କୁମାର ସେଠୀ ଛାତ୍ର ଛାତ୍ରୀ ଦ୍ୱୟ ଙ୍କ ଆଡମିସନ ଓ ଉପସ୍ଥାନ ନିଆଯାଇ ସେମାନଙ୍କ ର ସମସ୍ତ ସୁବିଧା ସୁଯୋଗ କୁ ତତ୍କାଳୀନ ପ୍ରଧାନ ଶିକ୍ଷକ ହଡପ କରି ନେଇଥିବା ର ଅନୁମାନ କରାଯାଉଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ପରିଷା କରିଯିବା ପରି ଏ ଘଟଣା ଏକ ଉଦାହରଣ ମାତ୍ର। ତତ୍କାଳୀନ ପ୍ରଧାନ ଶିକ୍ଷକ ଯେଉଁ ଯେଉଁ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟ କରିଛନ୍ତି ତାଙ୍କ ର ସମସ୍ତ କାଗଜପତ୍ର ଯାଞ୍ଚ କରିବା ପାଇଁ ଶ୍ରୀ ଦାଶ ଦୃଢ ଦାବୀ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଏ ସମ୍ପର୍କିତ ଆହୁରି ସୁଚନା ଶ୍ରୀ ଦାଶ ସଂଗ୍ରହ କରିବା ସହ ଏହି ଶିକ୍ଷା ମଣ୍ଡଳରେ ଚାଲିଥିବା ସମସ୍ତ ହରିଲୁଟ ସମ୍ପର୍କରେ ପର୍ଦ୍ଦାଫାସ କରିବେ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଛନ୍ତି।

## ୫ ତାରିଖରେ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଆସନ୍ତା ସୋମବାର ଅଗଷ୍ଟ ୫ ତାରିଖ ଦିନ ୧୧ ଟା ସମୟରୁ ୟୁନିଟ୍-୫,ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ସେହିଦିନ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ହେବ। ଏଥି ନିମନ୍ତେ ଆଗ୍ରହୀ ଜନସାଧାରଣ ଉକ୍ତ ଅଭିଯୋଗ ଶୁଣାଣି ସ୍ଥାନରେ ଉପରୋକ୍ତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ପଞ୍ଜୀକରଣ କରାଇ ଅଭିଯୋଗ ଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂଙ୍କୁ ସାକ୍ଷାତ କଲେ ପୂର୍ବତନ କଳାହାଣ୍ଡି ସାଂସଦ




**ନୂଆପଡା(ମାନିସ):** ଦିଲ୍ଲୀ ସ୍ଥିତ ସାଂସଦ ଭବନଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ କଳାହାଣ୍ଡିର ପୂର୍ବତନ ସାଂସଦ ତଥା ପୂର୍ବତନ ବିଜେପି ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ସାକ୍ଷାତ କରିବା ସହିତ ଅବିଭକ୍ତ କଳାହାଣ୍ଡି ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଏହା ସହ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂଙ୍କୁ ମଧ୍ୟ ସୌଜନ୍ୟ ମୂଳକ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ଏହି ସାକ୍ଷାତ ଆଲୋଚନା ବେଳେ ନୂଆପଡା ବିଜେପି ଉପସଭାପତି ତଥା ଜେଡଆରୟୁସିସି ସଦସ୍ୟ ଗୋଲ୍ଡି ଅଗ୍ରୱାଲ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-CRW-MCS-EL-2-2024

କାର୍ଯ୍ୟର ନାମ : 24 ମାସ ସମୟାବଧ୍ଧି ପାଇଁ ରେଳଗଡ଼ା ମରାମତି କାରଖାନା/ମଞ୍ଚେଶ୍ୱରରେ TL ସପ୍ଲରେ LHB ଏବଂ ICF NON-AC କୋଚରେ ସମ୍ବନ୍ଧୀୟ କାର୍ଯ୍ୟ ସହିତ POH/IOH ସମୟରେ NON-AC କୋଚର ବିବିଧ କାର୍ଯ୍ୟ ।
ବିଜ୍ଞାପିତ ମୂଲ୍ୟ (₹) : 48,01,830.08, EMD (₹): 96,000.00, ଶେଷ ହେବା ଅବଧି : 24 ମାସ ।
ବନ୍ଦ ଆରମ୍ଭ ହେବା ତାରିଖ : ତା.05.08.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.08.2024 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ, ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର
PR-379/P/24-25
MBA/24-25/0129

ମାତୃଭାଷା

# ଖେଳ ଖବର



## ବକ୍ସିଂ ନିକହତଙ୍କ ଅଭିଯାନ ଶେଷ




**ପ୍ୟାରିସ, ୨।୮:** ବକ୍ସିଂରେ ଦୁଇ ଥରର ବିଶ୍ୱ ଚାମ୍ପିୟନ ନିକହତ ଜରିନଙ୍କ ପ୍ୟାରିସ ଅଲିମ୍ପିକ୍ସ ଯାତ୍ରା ଶେଷ ହୋଇଛି। ଦେଶ ପାଇଁ କୌଣସି ପଦକ ଆଣି ପାରିନଥିବାରୁ ଦୁଃଖ ପ୍ରକାଶ କରିଛନ୍ତି ନିକହତ।

ପରାଜୟ ପରେ ନିକହତ କହିଛନ୍ତି, 'ମୁଁ ଖୁବ୍ ଦୁଃଖିତ, ଦେଶ ପାଇଁ ପଦକ ଜିତି ପାରିଲିନି। ଏହି ସ୍ଥାନରେ ପହଞ୍ଚିବା ପାଇଁ ମୁଁ ମୋର ସମସ୍ତ ଚେଷ୍ଟା କରିଥିଲି। ପ୍ୟାରିସ ଅଲିମ୍ପିକ୍ସ ପାଇଁ ମୁଁ ନିଜକୁ ମାନସିକ ଏବଂ ଶାରୀରିକ ସ୍ତରରେ ଭଲ ଭାବରେ ପ୍ରସ୍ତୁତ କରିଥିଲି। ହେଲେ ପଦକ ଜିତି ପାରିଲିନି।'

'ମୁଁ ଦୁଇ ଦିନ ଖାଇ ନଥିଲି, ଏପରିକି ପାଣି ମଧ୍ୟ ପିଇନଥିଲି। ଓଜନ ବଜାୟ ରଖିବା ପାଇଁ ମୁଁ ଏସବୁ କରିଥିଲି। ଆଜି ଯଦି ମୁଁ ପଦକ ଜିତିଥାନ୍ତି, ତେବେ ମୋର ଏସବୁ ପ୍ରୟାସକୁ ପ୍ରଶଂସା କରା ଯାଇଥାନ୍ତା।' କିନ୍ତୁ ବର୍ତ୍ତମାନ ଏସବୁ ବାହାନା ପରି ଲାଗିବ ବୋଲି ନିକହତ କହିଛନ୍ତି।

ପ୍ରକାଶ ଥାଉକି, ପ୍ୟାରିସ ଅଲିମ୍ପିକ୍ସର ଷଷ୍ଠ ଦିନରେ ବକ୍ସିଂରେ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଭାରତ ପକ୍ଷରୁ ନିକହତ ପ୍ରତିଦ୍ୱନ୍ଦ୍ୱିତା କରୁ ଥିବାବେଳେ ସେ ଚୀନର ୱୁ ୟୁଙ୍କଠାରୁ ପରାସ୍ତ ହୋଇଥିଲେ। ଫଳରେ ବକ୍ସିଂରୁ ପଦକ ଆଶା ମଉଳି ଯାଇଥିଲା।

### ଅଲିମ୍ପିକ୍ସରେ କମାଲ କଲା ଭାରତୀୟ ହକି ଟିମ୍

## ୫୨ ବର୍ଷ ପରେ ଅଷ୍ଟ୍ରେଲିଆକୁ ହରାଇଲା

**ପ୍ୟାରିସ, ୨।୮:** ଅଲିମ୍ପିକ୍ସରେ ଇତିହାସ ରଚିଛି ଭାରତୀୟ ପୁରୁଷ ହକି ଟିମ। ଦଳ ଆଜି ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୩-୨ ଗୋଲରେ ହରାଇ ଦେଇଛି। ଏଥିସହ ଦୀର୍ଘ ୫୨ ବର୍ଷ ପରେ ଅଲିମ୍ପିକ୍ସରେ ଭାରତୀୟ ହକି ଟିମ ଅଷ୍ଟ୍ରେଲିଆକୁ ହରାଇବାର ସଫଳତା ପାଇଛି।

**୧୯୭୨ ଅଲିମ୍ପିକ୍ସରେ ଶେଷଥର ପାଇଁ ହରାଇଥିଲା**

ଶେଷ ଥର ପାଇଁ ଭାରତ ୧୯୭୨ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହାପରେ ଭାରତ ଯେତେଥର ବି ଅଷ୍ଟ୍ରେଲିଆକୁ ଭେଟିଥିଲା ସବୁବେଳେ ପରାଜୟର ସ୍ୱାଦ ଚାଖିଥିଲା।

କିନ୍ତୁ ଆଜି ହରମନପ୍ରୀତ ସିଂହଙ୍କ ଭାରତୀୟ ହକି ଟିମ ନୂଆ ରେକର୍ଡ କରିଛି। ଭାରତ ପକ୍ଷରୁ ଅଭିଷେକ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ବାକି ଦୁଇଟି ଗୋଲ ହରମନପ୍ରୀତଙ୍କ ଷ୍ଟିକରୁ ଆସିଛି। ଏହି ବିଜୟ ସହ ଭାରତ ଗ୍ରୁପ ବିର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସ୍ଥାନରେ ଅଲିମ୍ପିକ୍ସ ଚାମ୍ପିୟନ ବେଲଜିୟମ ରହିଛି।




ଗୁରୁବାର ଗ୍ରୁପ ପର୍ଯ୍ୟାୟର ୪ର୍ଥ ମ୍ୟାଚ୍‌ରେ ଭାରତ ଶକ୍ତିଶାଳୀ ବେଲଜିୟମକୁ କଡ଼ା ଟକ୍କର ଦେଇଥିଲେ ମଧ୍ୟ ୧-୨ ଗୋଲରେ ହାରି ଯାଇଥିଲା। ୨୪ ଘଣ୍ଟା ମଧ୍ୟରେ ପରାଜୟର ନିରାଶାକୁ ଭୁଲି ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ଖେଳିବାକୁ ମୈଦାନକୁ ଓହ୍ଲାଇଥିଲା। ଅଷ୍ଟ୍ରେଲିଆ ଠାରୁ ଦଳ ୫୨ ବର୍ଷ ହେଲା ଅଲିମ୍ପିକ୍ସରେ ଜିତି ନଥିବାରୁ ଅତିରିକ୍ତ ଚାପରେ ରହିଥିଲା। ହେଲା ଚାପକୁ ମାତ ଦେଇ ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଟିମ ଅଷ୍ଟ୍ରେଲିଆ ଉପରେ ଚାପ ପକାଇ ଚାଲିଥିଲା। ଦଳ ପକ୍ଷରୁ ୧୨ତମ ମିନିଟରେ ଅଭିଷେକ ପ୍ରଥମ ଗୋଲ କରି ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲା। ଏହାର ଗୋଟିଏ ମିନିଟ ପରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଅଧିନାୟକ ହରମନପ୍ରୀତ ଭାରତକୁ ୨-୦ରେ ଅଗୁଆ କରି ଦେଇଥିଲେ।

ଦ୍ୱିତୀୟ କ୍ୱାର୍ଟର ସରିବାକୁ ୫ ମିନିଟ ଥିବା ବେଳେ ଅଷ୍ଟ୍ରେଲିଆ ପକ୍ଷରୁ କ୍ରେଗ ଥୋମାସ ଗୋଲ ଦେଇ ସ୍ଥିତିକୁ ୨-୧ କରି ଦେଇଥିଲେ। ହାଫଟାଇମ ପରେ ଭାରତ ରଣନୀତି ବଦଳାଇ ଥିଲା। ଆଟାକିଂ ହକି ଖେଳିବାରୁ ୩୨ ମିନିଟରେ ଭାରତକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ଏହାକୁ ହରମନପ୍ରୀତ ଆଦୌ ହାତ ଛଡ଼ା କରି ନଥିଲେ। ସେ ଗୋଲ ଦେଇ ଭାରତର ସ୍ଥିତିକୁ ୩-୧ କରି ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଆଉ ଗୋଲ ସ୍କୋର ଦେଖିବାକୁ ମିଳି ନଥିଲା।

୪ର୍ଥ କ୍ୱାର୍ଟରରେ ଅଷ୍ଟ୍ରେଲିଆ ତା'ର ଆକ୍ରମଣକୁ ଜୋରଦାର କରିଥିଲା। ତଥାପି ଭାରତୀୟ ଡିଫେନ୍ସ ଓ ଗୋଲ କିପର ପିଆର ଶ୍ରୀଜେଶ ଅଷ୍ଟ୍ରେଲିଆର ସବୁ ଉଦ୍ୟମକୁ ପଣ୍ଡ କରି ଦେଇଥିଲେ। କିନ୍ତୁ ମ୍ୟାଚ ସରିବାରୁ ୫ ମିନିଟ ଥିବା ବେଳେ ଓଡ଼ିଆ ପୁଅ ଅମିତ ରୋହିଦାସ ଡି' ଭିତରେ ତ୍ରୁଟି କରିଥିଲେ। ସେ ବଲକୁ ଅଟକାଇବା ବେଳେ ଏହା ତାଙ୍କ ଗୋଡ଼ରେ ମାଡ଼ ହୋଇ ଯାଇଥିଲା। ଫଳରେ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ଏହାକୁ ଅଭିଞ୍ଜ ଗ୍ରୋଭର୍ସ ଗୋଲରେ ପରିଣତ କରି ଦେଇଥିଲେ। ଶେଷ ୨ ମିନିଟ ଅଷ୍ଟ୍ରେଲିଆ ତା'ର ଗୋଲ କିପରଙ୍କୁ ହଟାଇ ଅଲଆଉଟ ଆଟାକ କରିବାକୁ ଯାଇଥିଲା। ହେଲେ ଏହାର ଲାଭ ମିଳି ନଥିଲା। ଶେଷରେ ଭାରତ ଅଲିମ୍ପିକ୍ସର ୫୨ ବର୍ଷ ଇତିହାସ ମଧ୍ୟରେ ପ୍ରଥମଥର ଅଷ୍ଟ୍ରେଲିଆକୁ ହରାଇବାକୁ ସକ୍ଷମ ହୋଇଥିଲା।

୧୯୭୨ରେ ଭାରତ ଶେଷ ଥର ପାଇଁ ଅଷ୍ଟ୍ରେଲିଆକୁ ୩-୧ରେ ହରାଇଥିଲା। ଏହାପରେ ଦଳ ୧୯୭୬ରେ ୧-୬, ୧୯୭୬(ପ୍ଲେଅଫ)ରେ ପୁଣିଥରେ ଶୁଟଆଉଟରେ ୪-୫, ୧୯୮୪ରେ ୨-୪, ୧୯୯୨ରେ ୦-୧, ୨୦୦୦ରେ ୨-୨, ୨୦୦୪ରେ ୩-୪, ୨୦୨୦ରେ ୧-୭ରେ ପରାସ୍ତ ହୋଇଥିଲା।

## ସିନ୍ଧୁଙ୍କ ସ୍ୱର୍ଣ୍ଣ ପଦକ ସ୍ୱପ୍ନ ଚୁରମାର

**ପ୍ୟାରିସ, ୨।୮:** ଭାରତର ଷ୍ଟାର ମହିଳା ଶଟଲର ପିଭି ସିନ୍ଧୁଙ୍କ ସ୍ୱର୍ଣ୍ଣ ପଦକ ହାସଲ ସ୍ୱପ୍ନ ଚୁରମାର ହୋଇଯାଇଛି। ଦଶମ ମାନ୍ୟତାପ୍ରାପ୍ତ ସିନ୍ଧୁ ଚତୁର୍ଥ ମାନ୍ୟତାପ୍ରାପ୍ତ ଚୀନ ଖେଳାଳି ହି ବିଙ୍ଗ ଜିଆଓଙ୍କଠୁ ହାରି ଯାଇଛନ୍ତି। ଫଳରେ ଅଲିମ୍ପିକ୍ସରେ ସିନ୍ଧୁଙ୍କ ହ୍ୟାଟ୍ରିକ୍ ପଦକ ସ୍ୱପ୍ନ ଭାଙ୍ଗିଯାଇଛି।

ପ୍ୟାରିସ୍ ଅଲମ୍ପିକ୍ସରେ ଦଶମ ମାନ୍ୟତାପ୍ରାପ୍ତ ସିନ୍ଧୁ ଚତୁର୍ଥ ମାନ୍ୟତାପ୍ରାପ୍ତ ଚୀନ ଖେଳାଳି ହି ବିଙ୍ଗ ଜିଆଓଙ୍କଠୁ ୧୯-୨୧ ଓ ୧୪-୨୧ରେ ମ୍ୟାଚ ହାରି ଯାଇଛନ୍ତି। ସିନ୍ଧୁ ପ୍ରଥମ ଭାରତୀୟ ମହିଳା ଶଟଲର ଭାବେ ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ସେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମାତ୍ର ଏଥର ତାଙ୍କ ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟ ପୂରଣ ହୋଇ ପାରିନାହିଁ। ଏହା ଭାରତୀୟଙ୍କୁ ନିରାଶ କରିଛି।

ଏନେଇ ୨୯ ବର୍ଷୀୟ ସିନ୍ଧୁ କହିଛନ୍ତି, ମୋର ସାମାନ୍ୟ କିଛି ତ୍ରୁଟି ପାଇଁ ମୋତେ ହାରର ସମ୍ମୁଖୀନ ହେବାକୁ ପଡ଼ିଛି। କିନ୍ତୁ ଏଥିପାଇଁ ମୁଁ ମୋର ସର୍ବୋତ୍ତମ ଦେଇଥିଲି। ଏହାପରେ ବି ଯାହା ହେଲା ତାହା ମୋ'ର ଭାଗ୍ୟ। ଅଲମ୍ପିକ୍‌ରେ ମେଡାଲ ଜିତିବା ଆଶାରେ ପିଭି ସିନ୍ଧୁ ପ୍ରକାଶ ପାଦୁକୋନଙ୍କ ତତ୍ତ୍ୱାବଧାନରେ ଜର୍ମାନୀରେ ଟ୍ରେନିଂ ନେଉଥିଲେ।

ସମସ୍ତେ ପଦକ ଆଶାରେ କଠିନ ପରିଶ୍ରମ କରିଛନ୍ତି। ଆମେ ବି କରିଛୁ। ଏଥିପାଇଁ ମୁଁ କୌଣସି ପଶ୍ଚିତାପ କରୁନି। କାରଣ ମୁଁ ମୋର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛି। ଶେଷ ପର୍ଯ୍ୟନ୍ତ ମୁଁ ମୋର ସଂଘର୍ଷ ଜାରି ରଖିଥିଲି। କାରଣ ପ୍ରତି ପଏଣ୍ଟ ପାଇଁ ଆମେ ଦୁହେଁ ପ୍ରବଳ ସଂଘର୍ଷ କରୁଥିଲୁ। ମାତ୍ର ଶେଷରେ ହି ବିଙ୍ଗ ଜିଆଓ ଖେଳ ପରିବର୍ତ୍ତନ କରି ମେଡାଲ ହାତେଇବାରେ ସକ୍ଷମ ହୋଇଥିଲେ।



## ଆଉ ଏକ ପଦକ ଆଶା ଦେଲେ ମନୁ ଭାକର

**ପ୍ୟାରିସ, ୨।୮:** ଭାରତର ଷ୍ଟାର ଶୁଟର ମନୁ ଭାକର ଦେଶ ପାଇଁ ଚଳିତ ଅଲିମ୍ପିକ୍ସରେ ଆଉ ଏକ ପଦକ ଜିତିବାର ଅତି ନିକଟରେ ପହଞ୍ଚି ଯାଇଛନ୍ତି। ଆଜି ସେ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଯୋଗ୍ୟତା ପର୍ଯ୍ୟାୟରେ ସେ ଦମଦାର ପ୍ରଦର୍ଶନ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ।

**■ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କଲେ**

ତେଣୁ ସେ ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କାରଣ ୨ଟି ପର୍ଯ୍ୟାୟ ପରେ ଟପ ୮ରେ ରହୁଥିବା ଖେଳାଳିମାନେ ସିଧାସଳଖ ପଦକ ଦୌଡ଼ରେ ସାମିଲ ହେବାର ପ୍ରାବଧାନ ରହିଛି। ଏହି ନିୟମ ଅନୁସାରେ ମନୁ ପଦକ ଦୌଡ଼ରେ ନିଜକୁ ସାମିଲ କରିଛନ୍ତି।

ଆଜି ଯୋଗ୍ୟତା ପର୍ଯ୍ୟାୟରେ ମନୁ ଦମଦାର ପ୍ରଦର୍ଶନ କରିଥିଲେ। ସେ Precision ରାଉଣ୍ଡରେ ଯଥାକ୍ରମେ ୯୭,୯୮ ଓ ୯୯ ସ୍କୋର କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ରାପିଡ ରାଉଣ୍ଡ। ଏହି ପର୍ଯ୍ୟାୟରେ ସେ ୧୦୦, ୯୮ ଓ ୯୮ ସ୍କୋ କରିଥିଲେ। ମୋଟ ଉପରେ ସେ ୫୯୦ ପଏଣ୍ଟ ହାସଲ କରି ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତେଣୁ ପୂରା ଦେଶ ତାଙ୍କ ଠାରୁ ଆଉ ଏକ ପଦକ ଅପେକ୍ଷାରେ ରହିଛି।



ଯୋଗ୍ୟତ୍ୟ ପର୍ଯ୍ୟାୟରେ ମନୁଙ୍କ ସହ ଭାରତର ଇଶା ସିଂହ ମଧ୍ୟ ରହିଥିଲେ। ସେ ଆରମ୍ଭରୁ ଭଲ କରିଥିଲେ ହେଁ ରାପିଡ ରାଉଣ୍ଡରେ ଆଖି ଦୃଶିଆ ପ୍ରଦର୍ଶନ କରିପାରି ନଥିଲେ। ତେଣୁ ତାଙ୍କୁ ୧୮ତମ ସ୍ଥାନରେ ନିଜର ଅଭିଯାନ ଶେଷ କରିବାକୁ ପଡ଼ିଛି। ଚଳିତ ଅଲିମ୍ପିକ୍ସରେ ମନୁ ୧୦ ମିଟର ଏୟାର ପିସ୍ତଲ ମହିଳା ବର୍ଗରେ ଭାରତକୁ ପ୍ରଥମ ବ୍ରୋଞ୍ଜ ଭେଟି ଦେଇଥିଲେ। ଏହାପରେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ସେ ସରବଜୋତ ସିଂହଙ୍କୁ ସାଥୀ କରି ବ୍ରୋଞ୍ଜ ଜିତିଥିଲେ। ଏବେ ସେ ନିଜର ତୃତୀୟ ପଦକ ଜିତିବା ଲକ୍ଷ୍ୟରେ ରହିଛନ୍ତି।

ଅନ୍ୟପକ୍ଷରେ ଭାରତ ଏଯାଏ ପ୍ୟାରିସ ଅଲିମ୍ପିକ୍ସରେ ୩ଟି ପଦକ ଜିତିଛି। ମନୁ ଓ ସରବଜୋତଙ୍କ ବ୍ୟତୀତ ୫୦ ମିଟର ରାଇଫଲ ଥ୍ରୀ ପୋଜିସନରେ ସ୍ୱପ୍ନିଲ କୁଶାଲେ ଗୁରୁବାର ବ୍ରୋଞ୍ଜ ହାତେଇଥିଲେ।

## ତୀରନ୍ଦାଜି ସେମି ଫାଇନାଲରେ ହାରିଗଲେ ଭାରତୀୟ ଯୋଡ଼ି

**ପ୍ୟାରିସ, ୨।୮:** ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ତୀରନ୍ଦାଜିର ମିକ୍ସଡ ଇଭେଣ୍ଟରେ ସେମି ଫାଇନାଲକୁ ଯାଇଥିବା ଭାରତକୁ ଝଟକା ଲାଗିଛି। ଭାରତୀୟ ଯୋଡ଼ି ଧୀରଜ ଓ ଅଙ୍କିତା ସେମି ଫାଇନାଲରେ ହାରି ଯାଇଛନ୍ତି। ଏହି ଯୋଡ଼ିକୁ ବିଶ୍ୱର ୧ନମ୍ବର ମାନ୍ୟତା ପ୍ରାପ୍ତ ଦକ୍ଷିଣ କୋରିଆର ଶିୟେନୋ ଓ୍ୱିଜିନ ଯୋଡ଼ି ହରାଇ ଦେଇଛନ୍ତି। ଦକ୍ଷିଣ କୋରିଆ ୬-୨ରେ ମ୍ୟାଚ୍‌କୁ ଜିତି ଫାଇନାଲରେ ପ୍ରବେଶ କରିଛି। ଭାରତ ଏବେ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବ।

ସେମି ଫାଇନାଲରେ ଭାରତର ଧୀରଜ ଓ ଅଙ୍କିତା ଦମଦାର ଆରମ୍ଭ କରିଥିଲେ। ଏଥିସହ ୩୮-୩୬ରେ ଏହାକୁ ଜିତି ନେଇଥିଲେ। କିନ୍ତୁ ଦ୍ୱିତୀୟ ସେଟରେ କୋରିଆ କମବ୍ୟାକ କରିଥିଲା। ଦଳ ଏହି ସେଟକୁ ୩୮-୩୫ରେ କବଜା କରିଥିଲା। ତୃତୀୟ ସେଟରେ ଭାରତ କଡ଼ା ଟକ୍କର ଦେଇଥିଲେ ହେଁ କୋରିଆ ଏହାକୁ ମଧ୍ୟ ୩୮-୩୭ରେ ଜିତି ନେଇଥିଲା। ୪ର୍ଥ ସେଟରେ କୋରିଆ ୩୯ ଓ ଭାରତ ୩୮ ପଏଣ୍ଟ ହାସଲ କରିବାରୁ ଧୀରଜ ଓ ଅଙ୍କିତାଙ୍କ ଫାଇନାଲ ସ୍ୱପ୍ନ ଅଧା ରହି ଯାଇଥିଲା। ଦଳ ଏବେ ଆମେରିକା କିମ୍ବା ଜର୍ମାନୀ ସହ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବ।

## ତମାଖୁ, ମଦ ବିଜ୍ଞାପନରେ ନଜର ଆସିବେନି କ୍ରିକେଟର




**ମୁମ୍ବାଇ, ୨।୮:** ଦୁନିଆର ସବୁଠୁ ସବୁ ଧନୀ କ୍ରିକେଟ ବୋର୍ଡ ବିସିସିଆଇ। ରୋଜଗାର କୋଟି କୋଟିରେ। ବିଶ୍ୱ କ୍ରିକେଟ୍ ର ସବୁଠାରୁ ବଡ ଟି-୨୦ ଲିଗ୍ ଆଇପିଏଲ୍ ରୁ ବିସିସିଆଇ ବହୁତ ରୋଜଗାର କରେ। ଏଥି ସହିତ, ବିସିସିଆଇ ପ୍ରତିବର୍ଷ ଟିମ୍ ଇଣ୍ଡିଆ ମ୍ୟାଚ୍ ଟେଲିକାଷ୍ଟରୁ ବହୁ ଅର୍ଥ ଉପାର୍ଜନ କରିଥାଏ। ଏହା ପାଇଁ କିଟ୍ ତିଆରି ପାଇଁ ତଥା ବିଭିନ୍ନ ପ୍ରାୟୋଜକଙ୍କ ମାଧ୍ୟମରେ।

ଏହା ବ୍ୟତୀତ, ବିସିସିଆଇ ଆଇସିସିର ରାଜ କୋଷରୁ ସର୍ବାଧିକ ପରିମାଣ ମଧ୍ୟ ଆୟ କରିଥାଏ। ଏହାର ଅର୍ଥ କେବଳ ଟଙ୍କା ଏବଂ କେବଳ ଟଙ୍କା। କିନ୍ତୁ ଭାରତୀୟ ବୋର୍ଡର ଏହି ଆୟର ଏକ ଅଂଶ ଛଡ଼ାଇ ନିଆଯାଇପାରେ। ଫଳରେ ଆଗକୁ ସହିପାରେ କୋଟି କୋଟ ଟଙ୍କାର କ୍ଷତି। ଏହାର କାରଣ ହେଉଛି ଭାରତ ସରକାରଙ୍କ ଏକ ଚିଠି। ଆଉ ଚିଠି ଲେଖିବାର କାରଣ ହେଉଛି କ୍ରିକେଟରମାନେ ତମାଖୁ ଓ ମଦର ବିଜ୍ଞାପନ ଉପରେ ରୋକ୍।

କାରଣ ଏହାଦ୍ୱାରା ଅନେକ ଲୋକ ପ୍ରଭାବିତ ହେଇଥାନ୍ତି। ତେଣୁ ଏହାକୁ ରୋକିବାକୁ ଏବେ ଅଣ୍ଟା ଭିଡିଛନ୍ତି ସରକାର।

**ବିସିସିଆଇକୁ ଚିଠି ଲେଖିଲେ ସରକାର**

ବିସିସିଆଇକୁ ଚିଠି ଲେଖି ସରକାର ଏହାକୁ ରୋକିବାକୁ ଅନୁରୋଧ କରିଥିବାବେଳେ, ବିସିସିଆଇ ମଧ୍ୟ ଏନେଇ ବିଚାର କରୁଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏନେଇ ବିସିସିଆଇ ସହ କଥା ହେଇଛି। ଖାସ୍ କରି ମ୍ୟାଚ୍ ସମୟରେ ଷ୍ଟାଡିୟମରେ ତମାଖୁର ବିଜ୍ଞାପନ ଓ କିଛି କ୍ରିକେଟରମାନେ ମଧ୍ୟ କରୁଥିବା ତମାଖୁ ଜାତୀୟ ବିଜ୍ଞାପନ ରୋକିବାକୁ ଏଥିରେ କୁହାଯାଇଛି। ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, ସାରା ବିଶ୍ୱରେ କ୍ରିକେଟରମାନଙ୍କର ଅନେକ ଫ୍ୟାନ୍ସ ରହିଛନ୍ତି। ଆଉ ସେମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି।

ତେଣୁ ଏହାକୁ ରୋକିବାକୁ ବିସିସିଆଇ ନିର୍ଦ୍ଦେଶ ଜାରି କରିବା ଉଚିତ୍। ଅନ୍ୟପଟେ ବିସିସିଆଇ ମଧ୍ୟ ଏନେଇ ଚିନ୍ତା କରୁଥିବା ସୂଚନା ମିଳୁଛି। ଖେଳାଳିମାନେ ଏଭଳି ବିଜ୍ଞାପନଠାରୁ ଦୂରରେ ରହିବେ ସେନେଇ ବିସିସିଆଇ ନିୟମ ଆଣିବ ବୋଲି ଜଣାପଡିଛି। ଏହାସହ ଆଇପିଏଲ୍ ସମୟରେ ଷ୍ଟାଡିୟମରେ ନଜର ଆସୁଥିବା ତମାଖୁ ବିଜ୍ଞାପନ ମଧ୍ୟ ଭବିଷ୍ୟତରେ ଆଉ ଦେଖିବାକୁ ମିଳିବନି ବୋଲି ଜଣାପଡିଛି।

## ଭାରତ-ଶ୍ରୀଲଙ୍କା ପ୍ରଥମ ଦିନିକିଆ ଟାଇ

**କଲମ୍ବୋ, ୨।୮:** ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆ ଆଶ୍ଚର୍ଯ୍ୟଜନକ ଭାବେ ଟାଇରେ ଶେଷ ହୋଇଛି। ଶ୍ରୀଲଙ୍କା ପ୍ରଥମ ବ୍ୟାଟିଂ କରି ୭ ୱିକେଟ ହରାଇ ୨୩୦ ରନ କରିଥିଲା। ଏହାର ଜବାବରେ ଭାରତ ୪୭.୫ ଓଭରରେ ସମସ୍ତ ୱିକେଟ ହରାଇ ସମାନ ୨୩୦ କରିବାକୁ ସକ୍ଷମ ହୋଇଛି। ଫଳରେ ମ୍ୟାଚ୍ ଟାଇ ହୋଇଯାଇଛି।

ଭାରତ ପକ୍ଷରୁ ଅଧିନାୟକ ରୋହିତ ଶର୍ମା ସର୍ବାଧିକ ୫୮ ରନ କରିଥିବା ବେଳେ ବାକି ବ୍ୟାଟର ନିରାଶ କରିଛନ୍ତି। ଶ୍ରୀଲଙ୍କାର ସ୍ପିନ ଯାଦୁରେ ଫସି ଭାରତୀୟ ବ୍ୟାଟର ଚିତପଟାଙ୍ଗ ମାରିଛନ୍ତି। ଭାରତକୁ ଜିତିବା ପାଇଁ ୧ ରନ ଦରକାର ଥିବା ବେଳେ ପ୍ରଥମେ ୨୫ ରନ କରି ଶିବମ ଦୁବେ ଆଉଟ ହୋଇଥିଲେ।

**ଫେଲ୍ ମାରିଲେ ଭାରତର ମିଡିଲ୍ ଅର୍ଡର**

**ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଲା ଶ୍ରୀଲଙ୍କା**

ଏହାପରେ ପ୍ରଥମ ବଲରେ ଅର୍ଶଦୀପ ଆଉଟ ହୋଇଯିବାରୁ ଭାରତ ନିଶ୍ଚିତ ବିଜୟକୁ ହାତ ଛଡ଼ା କରିଛି। ଦୁଇଟି ବଲରେ ଦୁଇଟି ୱିକେଟ ନେଇ ଶ୍ରୀଲଙ୍କାର ନୂଆ ଅଧିନାୟକ ଚରିତ ଅସଲଙ୍କା କମାଲ କରିଛନ୍ତି।

ତେବେ ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ କରିଥିବା ଦିନୁତ ୱେଲାଲାଗେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ସେ ବ୍ୟାଟିଂରେ ଅପରାଜିତ ୬୭ ରନ କରିଥିବା ବେଳେ ବୋଲିଂରେ ୨ଟି ୱିକେଟ ମଧ୍ୟ ନେଇଛନ୍ତି। ତାଙ୍କ ବ୍ୟତୀତ ୱାନିନ୍ଦୁ ହସରଙ୍ଗା ଓ ଅସଲଙ୍କା ୩ଟି ଲେଖାଏ ସଫଳତା ପାଇଛନ୍ତି। ଅକିଳା ଧନଞ୍ଜୟ ଓ ଅସିତ ଫର୍ଣ୍ଣାଣ୍ଡୋଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଛି।




୨୩୧ ରନର ଟାର୍ଗେଟ ପାଇଥିବା ଭାରତକୁ ରୋହିତ ଶର୍ମା ଓ ଶୁବମନ ଗିଲ ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ୱେଲାଲାଗେ ୧୬ କରିଥିବା ଗିଲଙ୍କୁ ଆଉଟ କରି ଭାରତକୁ ପ୍ରଥମ ଝଟକା ଦେଇଥିଲେ। ଏହାପରେ ରୋହିତ ଶର୍ମା ୫୮ କରି ୱେଲାଲାଗେଙ୍କ ଦ୍ୱିତୀୟ ଶିକାର ବନିଥିଲେ। ବିରାଟ କୋହଲି ୨୪, ୱାଶିଂଟନ ସୁନ୍ଦର ୫ ଓ ଶ୍ରେୟସ ଆୟର ୨୩ ସମସ୍ତଙ୍କୁ ନିରାଶ କରିଥିଲେ।

କେଏଲ ରାହୁଲ ଓ ଅକ୍ଷର ପଟେଲ କିଛି ସମୟ ସ୍ଥିତି ସମ୍ଭାଳିଥିଲେ। ତେବେ ଦଳୀୟ ସ୍କୋର ୧୮୯ ରନ ଥିବା ବେଳେ ପ୍ରଥମେ ରାହୁଲ (୩୧) ଓ ପରେ ଦଳୀୟ ସ୍କୋର ୧୯୭ ଥିବା ବେଳେ ଅକ୍ଷର(୩୩) ଆଉଟ ହୋଇଯାଇଥିଲେ। ଭାରତକୁ ଜିତିବା ପାଇଁ ମାତ୍ର ୩୪ ରନର ଆବଶ୍ୟକତା ରହିଥିଲା।

ଏତିକି ବେଳେ ଶିବମ ଦୁବେ ସ୍ଥିତି ସମ୍ଭାଳିଥିଲେ। ତାଙ୍କୁ କିଛି ସମୟ ପାଇଁ କୁଲଦୀପ ଯାଦବ (୧୦ ବଲରେ ୨) ଓ ପରେ ମହମ୍ମଦ ସିରାଜ(୧୧ ବଲରେ ଅପରାଜିତ ୫) ସାଥ ଦେଇଥିଲେ। ସେ ମଧ୍ୟ ଛକା ଓ ଚୌକା ମାରି ଭାରତର ସ୍କୋରକୁ ୨୩୦ରେ ପହଞ୍ଚାଇ ଦେଇଥିଲେ। କିନ୍ତୁ ୪୮ତମ ଓଭର ବୋଲିଂ କରୁଥିବା ଅସଲଙ୍କା ୨୫ ରନ କରିଥିବା ଦୁବେଙ୍କୁ ଆଉଟ କରି ଦେଇଥିଲେ।

ମ୍ୟାଚ୍ ଡ୍ର ହୋଇ ସାରିଥିବାରୁ ଭାରତ ବେଶ ଆରାମରେ ବିଜୟୀ ହେବ ବୋଲି ସମସ୍ତେ ଆଶା କରିଥିଲେ। କିନ୍ତୁ ପରବର୍ତ୍ତୀ ବଲରେ ଅର୍ଶଦୀପ ବଡ଼ ଶଟ ମାରିବାକୁ ଚେଷ୍ଟା କରିଥିଲେ। ହେଲେ ବଲ ସିଧା ତାଙ୍କ ଗୋଡ଼ରେ ବାଜିଥିଲା। ସେ ଏଲବିଡବ୍ଲ୍ୟୁ ହୋଇଯିବାରୁ ଭାରତ ସମାନ ୨୩୦ ରନରେ ଅଟକି ଯାଇଥିଲା।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar